ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୮/୨୦୨୪ (୧୪ ପୃଷ୍ଠା) | Bhubaneswar, Thursday, April 18/2024 | Page 14 | ₹ 7.00

୫୦ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 144 | ମୂଲ୍ୟ ₹୭/-

ପ୍ରିୟଙ୍କାଙ୍କ ପ୍ରିୟ ଖାଦ୍ୟ

ବଲିଉଡ୍‌ଠାରୁ ହଲିଉଡ୍ ଯାଏ ବିଭିନ୍ନ ସମୟରେ ନିଜ ଚେହେରାକୁ ନେଇ ଚର୍ଚ୍ଚାରେ ରହୁଥିବା ପ୍ରିୟଙ୍କା ଚୋପ୍ରା ତାଙ୍କ ପ୍ରିୟ ଖାଦ୍ୟ ପିଠା ବୋଲି କହିଛନ୍ତି।

୧୩ ୧୪

ପାରା ଆର୍ଚର ଶୀତଲଙ୍କ କମାଲ

ପାରା ଆର୍ଚର ଶୀତଲ ଦେବୀ ଖେଲୋ ଇଣ୍ଡିଆ ନ୍ୟାଶନାଲ ମିଟର ସାଧାରଣ ବର୍ଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

ରାମନବମୀ ଉପଲକ୍ଷେ ବୁଧବାର ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରେ ହନୁମାନ ବେଶଧାରୀ ୨ ଶ୍ରଦ୍ଧାଳୁ। (ଫଟୋ: ବିକାଶ ନାୟକ)

ଜେଲରେ ବନ୍ଦୀଙ୍କୁ ପିଟି ପିଟି ହତ୍ୟା

ପରିବାର ଲୋକେ ଆଣିଲେ ଅଭିଯୋଗ

ଫୁଲବାଣୀ, ୧୭।୪
(ରାକେଶ କୁମାର ରାଉତ)

ଆତ୍ମସମର୍ପଣ କରି କନ୍ଧମାଳ ଜିଲା ଫୁଲବାଣୀ ଜେଲ ଯାଇଥିବା ଜଣେ ବିଚାରାଧୀନ କଏଦୀଙ୍କ ବୁଧବାର ମୃତ୍ୟୁ ଘଟିଛି । ମୃତକଙ୍କ ଦେହରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ଜେଲରେ ପିଟି ପିଟି ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ମୃତ ଯୁବକ ହେଲେ ଫିରିଙ୍ଗିଆ ଥାନା ଡିମିରିଗୁଡା ଗାଁର ଅଭିରାମ ଦିଗାଲ।

ପ୍ରକାଶ ଯେ, ଅଭିରାମ ପୂର୍ବରୁ ଫୁଲବାଣୀ ଟାଉନ ଥାନାରେ ଏକ ଗଞ୍ଜେଇ ବ୍ୟବସାୟ ମାମଲାରେ ଗିରଫ ହୋଇ ବେଲ୍‌ରେ ଆସିଥିଲେ । କିନ୍ତୁ ଏହା ପରେ କୋର୍ଟ ତାରିଖରେ ହାଜର ହେଉ ନ ଥିଲେ । ଏଥିପାଇଁ କୋର୍ଟ ତାଙ୍କ ନାମରେ ଏକ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ପରେ ସେ ମଙ୍ଗଳବାର ନିଜ ଓକିଲଙ୍କ ଜରିଆରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏହାପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ମଙ୍ଗଳବାର ଅଭିରାମଙ୍କ ଦେହ ଅସୁସ୍ଥ ଥିବା କହି ଜେଲ କର୍ତ୍ତୃପକ୍ଷ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇବା ପରେ ପରିବାରବର୍ଗ ଏବଂ ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚିଥିଲେ। ମୃତ ଅଭିରାମଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଆକ୍ରୋଶମୂଳକ ଭାବେ ପିଟି ପିଟି ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ପାଟିତୁଣ୍ଡ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା ।

ସେହିପରି ଫୁଲବାଣୀ ପୂର୍ବତନ ବିଧାୟକ ଦେବେନ୍ଦ୍ର କହାଁର, ସଲାଗୁଡା ସରପଞ୍ଚ ରୋହିତ କହାଁର ପହଞ୍ଚି ମୃତ ଯୁବକଙ୍କ ପରିବାର ଲୋକଙ୍କୁ ଭେଟିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଫୁଲବାଣୀ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ପୋଲିସ ଫୋର୍ସ ସହ ☞ପୃଷ୍ଠା–୪

୩୩୦ ଆସନରେ ଲଢ଼ିପାରେ କଂଗ୍ରେସ

ଭାଜପାକୁ ହରାଇବା ପାଇଁ ୨୦ ବର୍ଷ ପୁରୁଣା ଫର୍ମୁଲା

ନୂଆଦିଲ୍ଲୀ, ୧୭।୪

କଂଗ୍ରେସ ଚଳିତ ଲୋକ ସଭା ନିର୍ବାଚନରେ ଦଳୀୟ ଇତିହାସରେ ସବୁଠୁ କମ୍ ଆସନରେ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଛି। ୨୦୦୪ରେ ମଧ୍ୟ କଂଗ୍ରେସ ତତ୍କାଳୀନ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ଅନୁରୂପ ରଣନୀତି ଆପଣାଇଥିଲା। ସେତେବେଳେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)ର ସହଯୋଗୀ ଦଳଗୁଡ଼ିକୁ କଂଗ୍ରେସ ଅପେକ୍ଷାକୃତ ଅଧିକ ଆସନ ଛାଡ଼ିଦେବାକୁ ଉଚିତ ମଣିଥିଲା। କଂଗ୍ରେସ ଏଥର ୨୦୦୪ ତୁଳନାରେ ଆହୁରି କମ୍ ଆସନରେ ଲଢ଼ି ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶ ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ସହଯୋଗୀଙ୍କୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ଦେଇଛି।

୨୦୦୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ୪୧୭ ଆସନରେ ପ୍ରାର୍ଥୀ ଦେଇଥିଲା। ସେତେବେଳେ ଏହା ଥିଲା କଂଗ୍ରେସର ସଂସଦୀୟ ଇତିହାସରେ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସବୁଠୁ କମ୍ ଆସନ। ୨୦ ବର୍ଷ ପରେ ୨୦୨୪ ନିର୍ବାଚନରେ ସର୍ବପୁରାତନ ଦଳ ପୁଣି ପୁରୁଣା ରଣନୀତି ଆପଣାଇବାକୁ ଯାଉଛି। କଂଗ୍ରେସ ୨୦୦୪ ଫର୍ମୁଲାରେ ଏଥର ୩୩୦ ଆସନରେ ନିଜ ପ୍ରାର୍ଥୀ ଦେବ। ଏନେଇ ଏଆଇସିସି ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଜୟରାମ ରମେଶ କହିଛନ୍ତି, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରେ ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ସହଯୋଗୀ ଦଳଗୁଡ଼ିକୁ ଅଧିକ ଆସନ ଦେବା ପାଇଁ ନିଜ ଫାଇଟ୍ କାର୍ଡକୁ ସଙ୍କୁଚିତ କରିଦେଇଛି। ଏହି ରାଜ୍ୟଗୁଡ଼ିକରେ କଂଗ୍ରେସ ଏହାର ମେଣ୍ଟ ସହଯୋଗୀ ଏନ୍‌ସିପି–ଶିବସେନା, ବାମପନ୍ଥୀ ଓ ସମାଜବାଦୀ ପାର୍ଟିକୁ ସର୍ବାଧିକ ଆସନ ଛାଡ଼ିଦେଇଛି। ଏହା ହେଉଛି କଂଗ୍ରେସର ସୁଚିନ୍ତିତ ରଣନୀତି। ଏହି ୩ ରାଜ୍ୟରେ ଏକ ସଶକ୍ତ ଓ ପ୍ରଭାବଶାଳୀ ମେଣ୍ଟ ପାଇଁ ଏପରି କରାଯାଇଛି। ତେଣୁ ଇଣ୍ଡିଆ ବ୍ଲକ୍ ଚଳିତ ନିର୍ବାଚନରେ ସ୍ପଷ୍ଟ ବହୁମତ ହାସଲ କରିବ। ତେଣୁ ସରକାର ଗଠନ ପାଇଁ କୌଣସି ନୂଆ କିମ୍ବା ଏନ୍‌ଡିଏରୁ ଓହରିଆସିଥିବା ଦଳର ସମର୍ଥନ ଆବଶ୍ୟକ ହେବ ନାହିଁ ବୋଲି ଜୟରାମ କହିଛନ୍ତି। ତାଙ୍କ ମତରେ ଉତ୍ତର–ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଧ୍ୟ ଭାଜପାକୁ ହରାଇବା ପାଇଁ କଂଗ୍ରେସ ଏହି ରଣନୀତି ପ୍ରୟୋଗ କରିବାକୁ ଯାଉଛି।

୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ଗଠନ ହେବା ପରଠୁ କଂଗ୍ରେସର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଲୋକ ସଭାର ୫୪୩ ଆସନ ମଧ୍ୟରୁ ୪୦% ୟୁପି, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ ରହିଛି। ଗତ ୧୦ ବର୍ଷ ମଧ୍ୟରେ ଏହି ରାଜ୍ୟଗୁଡ଼ିକର ଲୋକ ସଭା ଆସନରେ କଂଗ୍ରେସର ବିଜୟ ସମ୍ଭାବନା କ୍ଷୀଣ ହୋଇଛି। ତେଣୁ ବିରୋଧୀ ଦଳର ଏହି ରଣନୀତି କେତେ ଫଳପ୍ରଦ ହେବ ତାହା ସମୟ କହିବ।

କଂଗ୍ରେସ ମହାରାଷ୍ଟ୍ର ଓ ବିହାରରେ ନିଜ ପସନ୍ଦର ଅଧିକ ଆସନରେ ପ୍ରାର୍ଥୀ ଦେଇ ନ ପାରିବା ଏହାର ଦୁର୍ବଳ ମୂଳଚାଲ କ୍ଷମତାର ପ୍ରତିଫଳନ ବୋଲି କୁହାଯାଉଛି। ଇତିମଧ୍ୟରେ ନୂଆ ଅଞ୍ଚଳିକ ଦଳଗୁଡ଼ିକର ଅଭ୍ୟୁଦୟ ଏବଂ ପୁରୁଣା ସଙ୍ଗଠନଗୁଡ଼ିକ ସଶକ୍ତ ହୋଇଉଠିବା ଯୋଗୁ ଭାଜପାକୁ ଟକ୍କର ଦେବା ଲାଗି କଂଗ୍ରେସର ପସନ୍ଦ ଆହୁରି ସଙ୍କୁଚିତ ☞ପୃଷ୍ଠା–୪

୯ରୁ ୬ ମହିଳା ପ୍ରାର୍ଥୀ

ଭୁବନେଶ୍ୱର, ୧୭।୪ (ଅନିଲ ଦାସ)

ବିଜୁ ଜନତା ଦଳ ପଞ୍ଚମ ପର୍ଯ୍ୟାୟରେ ଆଉ ୯ ବିଧାନସଭା ଆସନ ପାଇଁ ବୁଧବାର ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଏଥିସହିତ ସମ୍ବଲପୁର ଓ ରେଢ଼ାଖୋଲ ଆସନରେ ପ୍ରାର୍ଥୀଙ୍କୁ ଅଦଳବଦଳ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ଜରିଆରେ ଏହି ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ବିଜେଡି ୯ଜଣଙ୍କ ମଧ୍ୟରେ ୬ଜଣ ମହିଳାଙ୍କୁ ଟିକେଟ ଦେଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ଆସନଭାବେ କଣ୍ଟାବାଞ୍ଜିରୁ ଲଢ଼ିବାକୁ ମଧ୍ୟ ଘୋଷଣା କରିଛନ୍ତି।

ଘୋଷଣା ଅନୁଯାୟୀ ଜୟପୁର ବିଧାନସଭା ଆସନରୁ ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କ ପତ୍ନୀ ଇନ୍ଦିରା ନନ୍ଦଙ୍କୁ ବିଜେଡି ଟିକେଟ ଦେଇଥିବାବେଳେ ଚିତ୍ରକୋଣ୍ଡାରୁ ଲକ୍ଷ୍ମୀପ୍ରିୟା ନାୟକ, ସାନଖେମୁଣ୍ଡିରୁ ରାଣୀ ନନ୍ଦିନୀ ଦେବୀଙ୍କ ଝିଅ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପଦ୍ମପୁରରୁ ବର୍ଷା ସିଂ ବରିହା, କୁଚିଣ୍ଡାରୁ ରାଜେନ୍ଦ୍ର ଛତ୍ରିଆ, ଦେବଗଡ଼ରୁ ଅରୁନ୍ଧତୀ କୁମାରୀ ଦେବୀ, ନିମାପଡ଼ାରୁ ଦିଲୀପ କୁମାର ନାୟକ ଏବଂ ଅନୁଗୋଳରୁ ସଂଯୁକ୍ତା ସିଂଙ୍କୁ ପ୍ରାର୍ଥୀ କରାଯାଇଛି। ତେବେ ଏଥର ୪ଜଣ ବିଧାୟକଙ୍କୁ ନିରାଶ ହେବାକୁ ପଡ଼ିଛି। ସେମାନେ ହେଲେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ନିମାପଡ଼ା ☞ପୃଷ୍ଠା–୪



ହିଞ୍ଜିଳି ସହ କଣ୍ଟାବାଞ୍ଜିରୁ ଲଢ଼ିବେ ନବୀନ

- ୪ ବିଧାୟକଙ୍କ ଟିକେଟ କଟିଲା
- ସମ୍ବଲପୁର, ରେଢ଼ାଖୋଲରେ ବଦଳିଲେ ପ୍ରାର୍ଥୀ

ବିଜେଡିର ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

ଚିତ୍ରକୋଣ୍ଡା	ଲକ୍ଷ୍ମୀପ୍ରିୟା ନାୟକ
କଣ୍ଟାବାଞ୍ଜି	ନବୀନ ପଟ୍ଟନାୟକ
ପଦ୍ମପୁର	ବର୍ଷା ସିଂ ବରିହା
କୁଚିଣ୍ଡା	ରାଜେନ୍ଦ୍ର ଛତ୍ରିଆ
ଦେବଗଡ଼	ଅରୁନ୍ଧତୀ ଦେବୀ
ଅନୁଗୋଳ	ସଂଯୁକ୍ତା ସିଂ
ନିମାପଡ଼ା	ଦିଲୀପ ନାୟକ
ସାନଖେମୁଣ୍ଡି	ସୁଲକ୍ଷଣା ଗୀତାଞ୍ଜଳି ଦେବୀ
ଜୟପୁର	ଇନ୍ଦିରା ନନ୍ଦ

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ଆଜିଠୁ ନାମାଙ୍କନ

୧୩ରେ ୪ ଲୋକ ସଭା ଏବଂ ୨୮ ବିଧାନସଭା ଆସନରେ ନିର୍ବାଚନ

ଭୁବନେଶ୍ୱର, ୧୭।୪ (ସୁନିତ୍ ମିଶ୍ର)

ଦେଶରେ ୭ଟି ପର୍ଯ୍ୟାୟରେ ୨୦୨୪ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଯଥାକ୍ରମେ ଆସନ୍ତା ମେ ୧୩, ୨୦ ଏବଂ ୨୫ ଓ ଜୁନ୍ ୧ରେ ମତଦାନ କରାଯିବ। ଗତ ମାର୍ଚ୍ଚ ୧୬ ରେ ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ସେହି କ୍ରମରେ ଓଡ଼ିଶାରେ ହେବାକୁ ଥିବା ୪ଟି ପର୍ଯ୍ୟାୟ ନିର୍ବାଚନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ଭୋଟ ଲାଗି ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇବ। ଅର୍ଥାତ୍ ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଆଧୁନିକ ଯୁଗର ଧାର୍ମିକ ନେତା

ଗ୍ରୀଷ୍ମ ପ୍ରବାହ, ୩ ଦିନ ସ୍କୁଲ ଛୁଟି

ଭୁବନେଶ୍ୱର, ୧୭।୪ (ଅସମାପିକା ସାହୁ)

ରାଜ୍ୟରେ ସମ୍ପ୍ରତି ଗ୍ରୀଷ୍ମପ୍ରବାହ ଓ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟକୁ ଆସନ୍ତା ୩ଦିନ ବନ୍ଦ ରଖିବାକୁ ବୁଧବାର ଘୋଷଣା କରିଛନ୍ତି। ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ସ୍କୁଲ ଛୁଟି ଘୋଷଣାକୁ ନେଇ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରେସ ବିଜ୍ଞପ୍ତିରେ ଶିକ୍ଷକମାନେ ସ୍କୁଲ ଯିବା ନେଇ କୌଣସି ସ୍ପଷ୍ଟ କରାଯାଇ ନାହିଁ। ଏହି ତିନିଦିନ ଶିକ୍ଷାଦାନ ବନ୍ଦ ରହିବାକୁ ଥିବାବେଳେ ସ୍କୁଲ କିନ୍ତୁ ଖୋଲା ରହିବ। ଶିକ୍ଷକମାନେ ସ୍କୁଲ ଯିବେ ଏବଂ ପୂର୍ବଭଳି ନାମଲେଖା, ଟିସି, ଅଫିସ କାର୍ଯ୍ୟ ଇତ୍ୟାଦି କରିବେ। ଗଜପତି, ପୁରୀ, ରାୟଗଡ଼ା, ବାଲେଶ୍ୱର, ସୁବର୍ଣ୍ଣପୁର ଭଳି ରାଜ୍ୟର ଅଧିକାଂଶ ଜିଲାରେ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି, ଯାହାକୁ ନେଇ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଏନେଇ ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ଆସନ୍ତା ଶନିବାର ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରହିବ। କିନ୍ତୁ ପ୍ରାୟ ସମସ୍ତ ଜିଲାର ଜିଲା ଶିକ୍ଷାଧିକାରୀମାନେ ନିଜ ନିଜ ଜିଲା ହ୍ୱାଟ୍‌ସ ଆପ୍ ଗ୍ରୁପରେ ଶିକ୍ଷକମାନଙ୍କୁ ବିଦ୍ୟାଳୟକୁ ପୂର୍ବ ପରି ଆସି ଅଫିସ କାର୍ଯ୍ୟ ଇତ୍ୟାଦି କରିବା ପାଇଁ ମେସେଜ ଦେଇଛନ୍ତି। ଯାହାକି ସମସ୍ତଙ୍କ ମନରେ ଏକ ଭ୍ରମ ସୃଷ୍ଟି କରୁଛି। ଛୁଟି କେବଳ ପିଲାମାନଙ୍କ ପାଇଁ କିନ୍ତୁ ସ୍କୁଲ ଖୋଲା ରହିବ ଓ ସମସ୍ତ ଶିକ୍ଷକ ବିଦ୍ୟାଳୟ ଆସିବେ। ହେଲେ ଗଣଶିକ୍ଷା ବିଭାଗର ଚିଠି ପଢ଼ିଲେ ଜନସାଧାରଣଙ୍କ ଧାରଣା ସୃଷ୍ଟି ହେଉଛି ପିଲାଙ୍କ ସହ ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟ ଯିବେ ନାହିଁ। ☞ପୃଷ୍ଠା–୪

ୟୁଏଇରେ ଜଳପ୍ରଳୟ

ଭାରତରୁ ୨୮ ବିମାନ ଚଳାଚଳ ରଦ୍ଦ

ଦୁବାଇ, ୧୭।୪

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଲଗାଣ ବର୍ଷା ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଘରଦ୍ୱାର ଓ ବ୍ୟବସାୟିକ ପ୍ରତିଷ୍ଠାନର ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଲ୍ ଆଇନ୍‌ରେ ମଙ୍ଗଳବାରଠାରୁ ୨୪ ଘଣ୍ଟା ମଧ୍ୟରେ ରେକର୍ଡ ୨୫୪ ମିଲିମିଟର ବର୍ଷା ହୋଇଥିବା ଜାତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୯୯୧ରେ ୟୁଏଇ ଗଠନ ହୋଇଥିବାବେଳେ ଏହାର ବହୁ ପୂର୍ବରୁ ଅର୍ଥାତ୍ ୧୯୪୯ ମସିହାରୁ ପାଣିପାଗ ସମ୍ପର୍କରେ ରେକର୍ଡ ଆରମ୍ଭ ହୋଇଥିଲା। ତେବେ ଦେଶର ଇତିହାସରେ ଏହା ହେଉଛି ସର୍ବାଧିକ ବୃଷ୍ଟିପାତ। ମଙ୍ଗଳବାର ଶେଷ ଆଡ଼କୁ ବୃଷ୍ଟିପାତ ମାତ୍ରା କମିଥିଲେ ମଧ୍ୟ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ☞ପୃଷ୍ଠା–୪

୨୪ ଘଣ୍ଟାରେ ୨୫୪ ମି.ମି. ବର୍ଷା

ସଂକ୍ଷେପରେ

ଟ୍ରକ୍‌କୁ ପିଟିଲା କାର୍: ୧୦ ମୃତ

ଅହମଦାବାଦ, ୧୭।୪: ଗୁଜରାଟର ଅହମଦାବାଦ-ଭଦୋଦରା ଏକ୍ସପ୍ରେସ ୱେରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୧୦ ଜଣଙ୍କର ମୃତ୍ୟୁ ଘଟିଛି।ଏକ ଭଦୋଦରାରୁ ଅହମଦାବାଦକୁ ଦ୍ରୁତ ଗତିରେ ଯାଉଥିବାବେଳେ ଅହମଦାବାଦ-ଭଦୋଦରା ଏକ୍ସପ୍ରେସ ୱେର ଖେଡ଼ା ନିକଟରେ ପାର୍କିଂ ହୋଇଥିବା ଏକ ଟ୍ରକର ପଛପଟେ ପିଟି ହୋଇଥିଲା । କିଛି ଯାନ୍ତ୍ରୀକ ତ୍ରୁଟି ଯୋଗୁ ଟ୍ରକଟିକୁ ଉକ୍ତ ଏକ୍ସପ୍ରେସ ୱେର ବାମପାର୍ଶ୍ୱରେ ପାର୍କିଂ କରାଯାଇଥିଲା। ଡ୍ରାଇଭରଙ୍କ ସମେତ କାରରେ ଥିବା ସମସ୍ତ ୧୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁ ରହିଥିବା ସ୍ଥାନୀୟ ଖେଡ଼ା ପୋଲିସ ଅଧୀକ୍ଷକ ରାଜେଶ ଗାଧିୟା ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲ ନେବା ବାଟରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ସେ ସୂଚନା ଦେଇଛନ୍ତି। ସମସ୍ତ ମୃତକ ଗୁଜରାଟର ହୋଇଥିବା ଜଣାପଡ଼ିଛି।

ଏକ୍ସ'କୁ ବନ୍ଦ କଲା ପାକିସ୍ତାନ

ଇସ୍ଲାମାବାଦ, ୧୭।୪: ପାକିସ୍ତାନରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'କୁ ବନ୍ଦ କରାଯାଇଛି। ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପାକିସ୍ତାନର ଗୃହ ମନ୍ତ୍ରଣାଳୟ ଏକ୍ସ'କୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଦିଗରେ ଏହି ନିଷ୍ପତ୍ତି ସହାୟକ ହେବ ବୋଲି ପାକିସ୍ତାନ ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିବୃତି ଜାରି ହୋଇଛି। ତେବେ ପାକିସ୍ତାନ ସରକାରଙ୍କ କେତେକ ଆଇନଗତ ନିର୍ଦ୍ଦେଶ ଏକ୍ସ' ପାଳନ କରୁ ନ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ପାକିସ୍ତାନରେ ଗତ ଫେବୃଆରୀ ମାସରୁ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଏକ୍ସ' ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଦେଶରେ ଏକ୍ସ' ବନ୍ଦ ନେଇ ସେତେବେଳେ ପାକିସ୍ତାନ ସରକାରଙ୍କ ପକ୍ଷରୁ କୌଣସି ଆଧିକାରୀକ ବୟାନ ଦିଆଯାଇ ନ ଥିଲା।

ପରିବର୍ତ୍ତନର ଭିତରି ପବନ

ଭାଜପା ୧୫୦ରେ ସୀମିତ ରହିବ: ରାହୁଲ

ଭୋଟ ବିଭାଜନ ହେବାକୁ ଦେବାନାହିଁ: ଅଖିଲେଶ

ଗାଜିପୁର,୧୭।୪

ଏଥର ଲୋକ ସଭା ନିର୍ବାଚନରେ ଭାଜପା ୧୫୦ ଆସନରେ ସୀମିତ ରହିବ ବୋଲି ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଏହି ଅବସରରେ ସେ ଇଲେକ୍ଟୋରାଲ ବଣ୍ଡକୁ ବିଶ୍ୱର ସବୁଠୁ ବଡ଼ 'ବଟି ଆଦାୟ ଯୋଜନା' ଭାବେ ଅଭିହିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଦୁର୍ନୀତିର ଚାମ୍ପିୟନ୍' ବୋଲି ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଯେତେ ସଫେଇ ଦେଲେ ବି ଭୋଟର ସବୁ ସତ ଜାଣିପାରିଥିବାରୁ ତାଙ୍କ ସ୍ୱୀକୃତିକରଣର କିଛି ପ୍ରଭାବ ରହିବ ନାହିଁ ବୋଲି ସେ କହିଛନ୍ତି।

ଉତ୍ତର ପ୍ରଦେଶର ଗାଜିଆବାଦରେ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଲେଶ ଯାଦବଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ଲୋକ ସଭା ନିର୍ବାଚନରେ ବିରୋଧୀ ଇଣ୍ଡିଆ ମେଣ୍ଟ ସପକ୍ଷରେ ଭିତରି ହାୱା ବହୁଛି। ଏଥିଯୋଗୁ ଭାଜପା ୧୫୦ ଆସନ ଭିତରେ ସୀମିତ ରହିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଲେଶ କହିଥିଲେ, ପରିବର୍ତ୍ତନର ଏହି ଭିତରି ପବନ ପଶ୍ଚିମ ୟୁପିର ଗାଜିଆବାଦରୁ ଗାଜିପୁରକୁ ବହିବ। ନିର୍ବାଚନରେ ଭୋଟର ଭାଜପାକୁ ବିଦାୟ ଦେବେ। ଗୋଟିଏ ବି ଭୋଟ ଯେପରି ବିଭାଜନ ନ ହୁଏ, ତାହା ଆମକୁ ନିଶ୍ଚିତ କରିବାକୁ ପଡ଼ିବ ବୋଲି ଅଖିଲେଶ କହିଛନ୍ତି।

ଅନ୍ୟପକ୍ଷେ ଅମେଠିରୁ ନିର୍ବାଚନ ଲଢ଼ିବା ନେଇ ଖବରଦାତାମାନେ ରାହୁଲଙ୍କୁ ପ୍ରଶ୍ନ କରିଥିଲେ। ରାହୁଲ କହିଥିଲେ, ଦଳ ଯାହା ନିଷ୍ପତ୍ତି ନେବ ସେ ମାନିବେ। ଏପରି ନିଷ୍ପତ୍ତି କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ନେଇଥାଏ। ପ୍ରକାଶ ଯେ, ଏଥର ଲୋକ ସଭା ନିର୍ବାଚନରେ ଏସ୍‌ପି ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ହୋଇଛି। ଭାଜପା ୟୁପିର ସମସ୍ତ ୮୦ ସଂସଦୀୟ ଆସନ ଦଖଲରେ ଥିବାବେଳେ ଏସ୍‌ପି ୬୩ଟିରେ ଲଢ଼ି ଅବଶିଷ୍ଟ ୧୭ ଆସନ କଂଗ୍ରେସକୁ ଛାଡ଼ିଦେଇଛି। ୟୁପିରେ ସମସ୍ତ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୯ରେ ହେବାକୁ ଥିବାବେଳେ ଜୁନ୍ ୪ରେ ଭୋଟ ଗଣତି କରାଯିବ।

ଗାଜିଆବାଦର କୌଶମ୍ବିରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଏସ୍‌ପି ଅଧ୍ୟକ୍ଷ ଅଖିଲେଶ ଯାଦବ। (ଫଟୋ: ଚମନ ଗୌତମ)

ରୁଷିଆର ମିଶାଇଲ୍ ମାଡ଼ରେ ୟୁକ୍ରେନ୍‌ର ଚେର୍ନିହିଭ୍ ସହରର ଭାଙ୍ଗିଯାଇଥିବା ଏକ କୋଠାରେ ଉଦ୍ଧାରକାରୀ ଦଳ।

ମିଶାଇଲ ମାଡ଼ରେ ୧୭ ୟୁକ୍ରେନୀୟ ମୃତ

କିଭ୍,୧୭।୪: ୟୁକ୍ରେନ୍‌ର ଚେର୍ନିହିଭ୍ ସହର ଉପାନ୍ତ ଅଞ୍ଚଳରେ ବୁଧବାର ସକାଳେ ରୁଷିଆ ପକ୍ଷରୁ ମିଶାଇଲ ମାଡ଼ କରାଯାଇଛି। ଏହି ଆକ୍ରମଣରେ ୮ ମହଲା ବିଶିଷ୍ଟ ଏକ ଆପାର୍ଟମେଣ୍ଟ ଧ୍ୱସ୍ତ ହୋଇଯାଇଛି। ଫଳରେ ଉକ୍ତ ଆପାର୍ଟମଣ୍ଟର ୧୭ ବାସିନ୍ଦାଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନ୍ୟୂନ ୩ ଶିଶୁଙ୍କ ସମେତ ୬୧ ଜଣ ଆହତ ହୋଇଥିବା ୟୁକ୍ରେନୀୟ ଏମର୍ଜେନ୍ସି ସେବା ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀ କିଭ୍‌ରୁ ପ୍ରାୟ ୧୫୦ କି.ମି. ଦୂରରେ ତଥା ରୁଷିଆ ଓ ବେଲାରୁଷ ସୀମାରେ ଅବସ୍ଥିତ ଏହି ସହରର ଜନସଂଖ୍ୟା ୨,୫୦,୦୦୦।

କଶ୍ମୀରରେ ପୁଣି ଟାର୍ଗେଟ କିଲିଂ: ବିହାରୀ ଶ୍ରମିକ ମୃତ

ଅନନ୍ତନାଗ, ୧୭।୪

ଜାମ୍ମୁ କାଶ୍ମୀର ପୁଣି ଥରେ ବୁଧବାର ଆତଙ୍କବାଦୀ କାର୍ଯ୍ୟକଳାପ ଦେଖାଦେଇଛି। ଅନନ୍ତନାଗ ଜିଲାରେ ବିହାରରୁଆସିଥିବା ଜଣେ ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ କରି ଆତଙ୍କବାଦୀ ଗୁଳିଚାଳନା କରିଛନ୍ତି। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ସମ୍ପୃକ୍ତ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଏନେଇ କଶ୍ମୀର ଜୋନ ପୋଲିସ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି। ମୃତ ଶ୍ରମିକଙ୍କ ନାମ ରାଜୁ ଶାହା ହୋଇଥିବାବେଳେ ସେ ବିହାରର ବିଜବେହରା ଅଞ୍ଚଳର ବାସିନ୍ଦା। ଆତଙ୍କବାଦୀ କୌଣସି ଗାଡ଼ିରେ ଆସି ସମ୍ପୃକ୍ତ ଶ୍ରମିକଙ୍କୁ ଆକ୍ରମଣ କରି ପଳାଇଯାଇଥିବା ପୋଲିସ ସୂଚନା ଦେଇଛି। ଘଟଣା ପରେ ଅନନ୍ତନାଗ ଜିଲାରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ଲୋକ ସଭା ନିର୍ବାଚନର ଠିକ୍ ପୂର୍ବରୁ ଜମ୍ମୁ କଶ୍ମୀରରେ ଏହି ଆତଙ୍କବାଦୀ ଆକ୍ରମଣ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି।

ଦିନକ ପରେ ୧୦୨ ଆସନରେ ଭୋଟ



ଲୋକ ସଭା ନିର୍ବାଚନ ପୂର୍ବରୁ ନୂଆଦିଲ୍ଲୀସ୍ଥିତ ନିର୍ବାଚନ କମିଶନ ଅଫିସ ସମ୍ମୁଖରେ ଇଭିଏମ୍‌ର ଏକ ପ୍ରତିରୂପ ରଖାଯାଇଛି।

ନୂଆଦିଲ୍ଲୀ,୧୭।୪

ପ୍ରଥମ ପର୍ଯ୍ୟାୟରେ ୮ କେନ୍ଦ୍ରମନ୍ତ୍ରୀ, ୨ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଜଣେ ପୂର୍ବତନ ରାଜ୍ୟପାଳଙ୍କ ଭାଗ୍ୟ ପରୀକ୍ଷା

ଲୋକ ସଭାର ୫୪୩ ଆସନ ମଧ୍ୟରୁ ୧୦୨ ସିଟ୍‌ରେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଅପରାହ୍ନ ୩ଟାରେ ହାଇଭୋଲ୍ଟେଜ୍ ପ୍ରଚାର ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ପ୍ରଚାର ଶେଷ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ରର ଭାଜପା ସରକାର ଉତ୍ତର-ପୂର୍ବାଞ୍ଚଳକୁ ସୁଯୋଗର ଏକ ଉତ୍ସରେ ପରିବର୍ତ୍ତନ କରିଛି।

ଏପ୍ରିଲ ୧୯ରେ ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଧୀନ ୧୦୨ ଆସନରେ ଭୋଟ ଗ୍ରହଣ କରାଯିବ। ଏହି ଆସନଗୁଡ଼ିକ ହେଲା ଅରୁଣାଚଳ ପ୍ରଦେଶର ୨, ଆସାମ(୫), ବିହାର(୪), ଛତିଶଗଡ଼(୧), ମଧ୍ୟପ୍ରଦେଶ(୬), ମହରାଷ୍ଟ୍ର(୫), ମଣିପୁର(୧), ମେଘାଳୟ(୨), ମିଜୋରାମ(୧), ନାଗାଲାଣ୍ଡ(୧), ରାଜସ୍ଥାନ(୧୨), ସିକିମ୍(୧), ତାମିଲନାଡୁ(୩୯), ତ୍ରିପୁରା(୧), ଉତ୍ତର ପ୍ରଦେଶ(୮), ଉତ୍ତରାଖଣ୍ଡ(୫), ପଶ୍ଚିମବଙ୍ଗ(୩), ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ(୧), ଜମ୍ମୁ-କଶ୍ମୀର(୧), ଲାକ୍ଷାଦ୍ୱୀପ(୧) ଏବଂ ପଣ୍ଡିଚେରୀର ଗୋଟିଏ ଆସନ। ଏହି ପର୍ଯ୍ୟାୟରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ୮ କେନ୍ଦ୍ରମନ୍ତ୍ରୀ ଅଛନ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ନାଗପୁରରୁ ତୃତୀୟ ଥର ଜିତି ହ୍ୟାଟ୍ରିକ୍ ଆଶାରେ ରହିଥିବାବେଳେ କିରେନ୍ ରିଜିଜୁ ଅରୁଣାଚଳ ୱେଷ୍ଟ ଆସନରୁ ଲଢୁଛନ୍ତି। ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ୱେଷ୍ଟ ତ୍ରିପୁରା ଆସନରେ ପ୍ରାର୍ଥୀ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଥିବା ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଦିବ୍ରୁଗଡ଼ ଆସନରେ ଲଢୁଛନ୍ତି। ସେହିପରି ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍ ଭାଜପା ଟିକେଟରେ ଚେନ୍ନାଇରୁ ଲଢୁଛନ୍ତି।

ଟିଏମ୍‌ସି ଇସ୍ତାହାରରେ 'ସିଏଏ'କୁ ନା

କୋଲକାତା,୧୭।୪

୧୦ ମାଗଣା ଏଲ୍‌ପିଜି ସିଲିଣ୍ଡର, ୫ କେ.ଜି. ରାଶନ

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ବୁଧବାର ସନ୍ଧ୍ୟାରେ ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ଇସ୍ତାହାର ଜାରି କରାଯାଇଛି। କଂଗ୍ରେସ, ଡିଏମ୍‌କେ ଏବଂ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ସହଯୋଗୀ ଦଳଗୁଡ଼ିକ ଭଳି ଟିଏମ୍‌ସି ମଧ୍ୟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛି। ଏଥିସହ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ପରିବାରଗୁଡ଼ିକୁ ପ୍ରତିବର୍ଷ ୧୦ଟି ଲେଖାଏ ମାଗଣା ଏଲ୍‌ପିଜି ସିଲିଣ୍ଡର ଏବଂ ମାସିକ ୫ କେ.ଜି. ଲେଖାଏ ମାଗଣା ରାଶନ ସାମଗ୍ରୀ ପ୍ରଦାନର ପ୍ରତିଶ୍ରୁତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ କୃଷକଙ୍କୁ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ ଏବଂ ପେଟ୍ରୋଲ, ଡିଜେଲ ଦର ହ୍ରାସ କରାଯିବ ବୋଲି କହିଛି।

'ପ୍ରେମିକଙ୍କ ଆତ୍ମହତ୍ୟା ପାଇଁ ପ୍ରେମିକା ଦାୟୀ ନୁହନ୍ତି'

ନୂଆଦିଲ୍ଲୀ, ୧୭।୪

ପ୍ରେମରେ ବିଫଳ ହୋଇ ଯଦି କୌଣସି ପ୍ରେମିକ ଆତ୍ମହତ୍ୟା କରନ୍ତି, ତେବେ ଉସ୍‌କେଇବା ଅଭିଯୋଗରେ ତାଙ୍କ ପ୍ରେମିକାଙ୍କୁ ଦାୟୀ କରାଯାଇପାରିବନି। ଆତ୍ମହତ୍ୟା କରିଥିବା ଜଣେ ଯୁବକଙ୍କର ପୂର୍ବତନ ପ୍ରେମିକା ଓ ତାଙ୍କ ବନ୍ଧୁଙ୍କୁ ଆଗୁଆ ଜାମିନ ଦେବା ସମୟରେ ଦିଲ୍ଲୀ ଉଚ୍ଚ ଅଦାଲତ ଏପରି କହିଛନ୍ତି। ସମ୍ପୃକ୍ତ ଯୁବତୀ ଓ ତାଙ୍କ ବନ୍ଧୁ ମିଶି ଉସ୍‌କେଇଥିବାରୁ ଯୁବକ ଜଣକ ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗ କରାଯାଇଥିଲା। ମାମଲାର ଶୁଣାଣି କରି ଜଷ୍ଟିସ ଅମିତ ମହାଜନ

କହିଛନ୍ତି, ଯଦି କୌଣସି ଛାତ୍ର ପରୀକ୍ଷାରେ ବିଫଳ ହେବାରୁ କିମ୍ବା ଜଣେ ମହିଳା କେସ୍ ହାରିଯିବାରୁ ଆତ୍ମହତ୍ୟା କରନ୍ତି ତେବେ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଶିକ୍ଷକ କିମ୍ବା ମହିଳାଙ୍କ ପାଇଁ କେସ ଲଢୁଥିବା ଓକିଲଙ୍କୁ ଦାୟୀ କରାଯାଇପାରିବ ନାହିଁ। ସେହିପରି ପ୍ରେମରେ ବିଫଳ ହୋଇ ଯଦି କୌଣସି ପ୍ରେମିକ ଆତ୍ମହତ୍ୟା କରନ୍ତି, ତେବେ ଏଥିପାଇଁ ତାଙ୍କ ପ୍ରେମିକାଙ୍କୁ ଦାୟୀ କରିବା ଉଚିତ ନୁହେଁ। ଦୁର୍ବଳ ମାନସିକତା ଥିବା ବ୍ୟକ୍ତି ହିଁ ଆତ୍ମହତ୍ୟାର ଭୁଲ୍ ନିଷ୍ପତ୍ତି ନେଇଥାନ୍ତି ବୋଲି ହାଇକୋର୍ଟ କହିଛନ୍ତି। ଏଥିପାଇଁ ଉସ୍‌କେଇଥିବା ଅଭିଯୋଗରେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଦାୟୀ କରିବା ଠିକ୍ ହେବ ନାହିଁ ବୋଲି ଜଷ୍ଟିସ ଅମିତ ମହାଜନଙ୍କ ଖଣ୍ଡପୀଠ କହିଛନ୍ତି।

ରାମଲାଲାଙ୍କ ମଥାରେ ସୂର୍ଯ୍ୟ ତିଳକ

ଅଯୋଧ୍ୟା, ୧୭।୪

ଅଯୋଧ୍ୟାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପରେ ପ୍ରଥମ ଥର ପାଇଁ ରାମ ନବମୀ ପାଳନ ହୋଇଛି। ଏହି ଅବସରକୁ ଅଲୌକିକ କରିବା ପାଇଁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ପ୍ରଭୁ ଶ୍ରୀରାମଙ୍କର ସୂର୍ଯ୍ୟାଭିଷେକର ବିଶେଷ ଆୟୋଜନ କରାଯାଇଥିଲା। ବୁଧବାର ଅଯୋଧ୍ୟାରେ ଅଧ୍ୟାତ୍ମ ଓ ବିଜ୍ଞାନର ଅଦ୍ଭୁତ ମିଳନ ଦେଖିବାକୁ ମିଳିଛି। ଦୀର୍ଘ ୫୦୦ ବର୍ଷ ପରେ ରାମଲାଲାଙ୍କ ବିଗ୍ରହକୁ ସୂର୍ଯ୍ୟାଭିଷେକ କରାଯାଉଥିବାରୁ



ଅଯୋଧ୍ୟାରେ ବହୁ ଭକ୍ତଙ୍କ ସମାଗମ ଘଟିଥିଲା। ଏହି ଅବସରରେ ଗର୍ଭଗୃହ ମଧ୍ୟରେ ରାମଲାଲା ଦିବ୍ୟରୂପରେ ଦର୍ଶନ ଦେଇଛନ୍ତି। ସୂର୍ଯ୍ୟାଭିଷେକ ସମୟରେ ପ୍ରାୟ ୪ରୁ ୬ ମିନିଟ ପର୍ଯ୍ୟନ୍ତ ରାମଲଲାଙ୍କ ମଥାରେ ସୂର୍ଯ୍ୟତିଳକ ରହିଥିଲା। ସୂର୍ଯ୍ୟଙ୍କ କିରଣ ରାମଲାଲାଙ୍କ ମୂର୍ତ୍ତିରେ ଏପରି ପଡ଼ିଥିଲା ଯେପରି ପ୍ରଭୁ ଶ୍ରୀରାମଙ୍କୁ କେହି ସୂର୍ଯ୍ୟତିଳକ ଲଗେଇଛନ୍ତି।ବହୁ ବର୍ଷ ପରେ ଏହି ଅଦ୍ଭୁତ ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହି ପାରିଥିଲା। ତେବେ ଆସାମର ନଲବାରିରେ ଏକ ନିର୍ବାଚନୀ ସଭା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିରଳ ଦୃଶ୍ୟକୁ ନିଜ ଟାବଲେଟ ମାଧ୍ୟମରେ ଦେଖିଛନ୍ତି। ଏହା ତାଙ୍କ ପାଇଁ ଆନନ୍ଦର ମୂହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ନିଜ ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରିଛନ୍ତି।

ଜଲୱା ଦେଖାଇବେ ରଶ୍ମିକା

ଚେନ୍ନାଇ: ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିଜ କ୍ୟାରିୟରରେ ଅନେକ ବଡ଼ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କଠାରୁ ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇଛନ୍ତି। ଗତ ବର୍ଷ ରଶ୍ମିକାଙ୍କ ପାଇଁ ଜବରଦସ୍ତ ଥିଲା। 'ଆନିମଲ୍' ଚଳଚ୍ଚିତ୍ରରେ ସେ ଗୀତାଞ୍ଜଳି ଚରିତ୍ରରେ ଅଭିନୟ କରିଥିଲେ। ସେହିପରି ଏବେ ସେ ତାଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପୁଷ୍ପା: ଦି ରୁଲ୍' ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏଥିରେ ସେ ଶ୍ରୀଭଲ୍ଲୀ ଚରିତ୍ରରେ ନଜର ଆସିବେ। ଏହାଛଡ଼ା ଆଗାମୀ ଦିନରେ ରଶ୍ମିକାଙ୍କର ଅନେକ ବଡ଼ ପ୍ରୋଜେକ୍ଟ ରହିଛି, ଯାହାକୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଆଗାମୀ ଦିନରେ 'ଦ ଗର୍ଲ ଫ୍ରେଣ୍ଡ୍', 'ଛାବା', 'ଅନିମଲ୍ ପାର୍କ' ଆଦି ଚଳଚ୍ଚିତ୍ରରେ ରଶ୍ମିକା ନିଜ ଜଲୱା ଦେଖାଇବେ। ଅଗଷ୍ଟ ୧୫ରେ ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨' ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ରିଲିଜ୍ ହେବ, ଯାହାକୁ ସମସ୍ତେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ନିକଟରେ ଏହାର ଟିଜର ରିଲିଜ ହୋଇଥିଲା, ଯାହାକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ପୁଷ୍ପାର ଏହି ସିକ୍ୱେଲରେ ମଧ୍ୟ ରଶ୍ମିକା ଶ୍ରୀଭଲ୍ଲୀ ଚରିତ୍ରରେ ନଜର ଆସିବେ। ସେହିପରି ଚଳିତ ବର୍ଷ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ 'ଦି ଗାର୍ଲଫ୍ରେଣ୍ଡ'ରେ ରଶ୍ମିକାଙ୍କୁ ଦେଖିବାକୁ ମିଳିବ। ରାହୁଲ ରବିନ୍ଦ୍ରନଙ୍କ ନିର୍ମିତ ଏହି ଫିଲ୍ମରେ ସେ ଧିକ୍ଷିତ ଶେଟ୍ଟୀଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ହିନ୍ଦୀ ସହ ତେଲୁଗୁ, ତାମିଲ, କନ୍ନଡ ଏବଂ ମାଲୟାଲମ ଭାଷାରେ ମୁକ୍ତିଲାଭ କରିବ। ସେହିପରି ଆଗାମୀ ଦିନରେ ରଶ୍ମିକାଙ୍କର ଆଉ ଏକ ବଡ଼ ପ୍ରୋଜେକ୍ଟ ହେଉଛି 'ଛାବା'। ଲକ୍ଷ୍ମଣ ଉଟେକରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ରଶ୍ମିକାଙ୍କୁ ଭିକି କୌଶଲଙ୍କ ସହ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରଟି ମରାଠା ଶାସକ ଛତ୍ରପତି ଶିବାଜୀ ମହାରାଜଙ୍କ ଜ୍ୟେଷ୍ଠପୁତ୍ର ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀ ଉପରେ ଆଧାରିତ। ଚଳିତ ବର୍ଷ ଡିସେମ୍ବର ୬ରେ ଏହି ଫିଲ୍ମ ମୁକ୍ତିଲାଭ କରିବା ଯୋଜନା ରହିଛି। ସେହିପରି ୨୦୨୩ରେ ବକ୍ସ ଅଫିସରେ ଧମାଲ ମଚାଇଥିବା 'ଆନିମଲ' ମୁଭିର ସିକ୍ୱେଲ 'ଅନିମଲ ପାର୍କ' ୨୦୨୫ରେ ରିଲିଜ୍ ହେବା ନେଇ ଜଣାପଡିଛି।

ଫୁଚ୍‌ସତ୍

ସତର୍କତାକୁ ପ୍ରାଥମିକତା

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ଯକୃତ ବା ଲିଭର। ଏହା ସୁସ୍ଥ ରହିବା ନିହାତି ଦରକାର।

ଏମ୍ସରେ କୃତ୍ରିମ ମୂତ୍ରାଶୟ ପ୍ରତିରୋପଣ

ରାଜ୍ୟରେ ପ୍ରଥମ

ଭୁବନେଶ୍ୱର,୧୭।୪(ଅସମାପିକା ସାହୁ)

ଏମ୍ସ ଭୁବନେଶ୍ୱର ଏହାର ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ରାଜ୍ୟରେ ପ୍ରଥମ କରି ଜଣେ ବ୍ୟକ୍ତିଙ୍କ ଶରୀରରେ କୃତ୍ରିମ ମୂତ୍ରାଶୟ ସ୍ଫିଙ୍କ୍ଟର(ଏୟୁଏସ) ପ୍ରତିରୋପଣ କରାଯାଇଛି। ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ଦ୍ୱାରା କରାଯାଇଥିବା ଏହି ଅତ୍ୟାଧୁନିକ ପ୍ରତିରୋପଣ ଓଡ଼ିଶାରେ ପ୍ରଥମ। ଏକ ସୁଦକ୍ଷ ଡାକ୍ତରୀ ଦଳ ଏହି ପ୍ରତିରୋପଣ ପ୍ରକ୍ରିୟା ସମ୍ପାଦନ କରିଥିଲେ। ଏହି ଅଭିନବ ସେବା ଗୁରୁତର ମୂତ୍ର ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ନୂତନ ଆଶା ଏବଂ ଉନ୍ନତମାନର ଜୀବନ ପ୍ରଦାନ କରିବାରେ ସହାୟକ ହେବ। ପୂର୍ବରୁ ଏହି ପ୍ରତିରୋପଣ କେବଳ ଦେଶର ହାତଗଣତି କିଛି ବଡ଼ ସହରରେ ଉପଲବ୍ଧ ଥିଲା। ବର୍ତ୍ତମାନ ଏହା ଏମ୍ସ ଭୁବନେଶ୍ୱରରେ ଉପଲବ୍ଧ ହୋଇପାରିଛି।

ପ୍ରୋଷ୍ଟେଟ ସର୍ଜରି, ମେରୁଦଣ୍ଡରେ ଆଘାତ କିମ୍ବା ମୂତ୍ର ନିୟନ୍ତ୍ରଣକୁ ପ୍ରଭାବିତ କରୁଥିବା ବିଭିନ୍ନ କାରଣରୁ ଅଧିକାଂଶ ବ୍ୟକ୍ତି ପରିସ୍ରା ଉପରେ ନିୟନ୍ତ୍ରଣ ହରାଇଥାନ୍ତି, ଯାହାକି ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରକ୍ରିୟାକୁ ବେଶ ପ୍ରଭାବିତ କରିଥାଏ। ଏୟୁଏସ୍ ହେଉଛି ଏପରି ଏକ ଅତ୍ୟାଧୁନିକ ଉପକରଣ ଯାହାକି ମୂତ୍ରବାହି ନଳୀରେ ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥାଏ, ଯାହାକି ଅନିୟନ୍ତ୍ରିତ ପରିସ୍ରାରୁ ମୁକ୍ତି ଦେବା ସହିତ ସାଧାରଣ ଜୀବନଯାପନକୁ ସ୍ୱାଭାବିକ କରିଥାଏ। ଅସ୍ୱାଭାବିକ ମୂତ୍ର ଅସନ୍ତୋଷ ଅନୁଭବ କରୁଥିବା ରୋଗୀଙ୍କ ପାଇଁ ଏହି ସେବା ବିଶେଷ ଭାବରେ ପ୍ରସ୍ତୁତ ହୋଇଛି। ଏହା ଅତ୍ୟନ୍ତ ପ୍ରଭାବଶାଳୀ ଓ ଫଳପ୍ରଦ ବୋଲି ଜଣାପଡ଼ିଛି। ଏମ୍ସ ଭୁବନେଶ୍ୱରରେ ଏହି ପ୍ରତିରୋପଣ କାର୍ଯ୍ୟକ୍ରମ ଦକ୍ଷ, ଅତ୍ୟାଧୁନିକ ଜ୍ଞାନକୌଶଳରେ ବିଜ୍ଞ ୟୁରୋଲୋଜିଷ୍ଟ ଏବଂ କୁଶଳୀ ସର୍ଜନଙ୍କ ଏକ ଦଳ ଦ୍ୱାରା ପରିଚାଳିତ ହେବ। ରୋଗୀମାନଙ୍କୁ ପ୍ରତିରୋପଣ ପରବର୍ତ୍ତୀ ପୁନରୁଦ୍ଧାର ପ୍ରକ୍ରିୟାରେ ସହାୟତା କରିବା ପାଇଁ ଡାକ୍ତରଖାନା ପକ୍ଷରୁ ନିୟମିତ ଯାଞ୍ଚ ଏବଂ ସହାୟତା ପ୍ରଦାନ ନିମନ୍ତେ ବନ୍ଦୋବସ୍ତ କରାଯାଇଛି। ଏୟୁଏସ୍ ପ୍ରତିରୋପଣ ସେବା ବିଷୟରେ ଅଧିକ ସୂଚନା କିମ୍ବା ଏନେଇ ପରାମର୍ଶ କରିବାକୁ ଚାହୁଁଥିବା ରୋଗୀମାନେ ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ସହିତ ଯୋଗାଯୋଗ କରିପାରିବେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏହି ଅତ୍ୟାଧୁନିକ ଏୟୁଏସ୍ ପ୍ରତିରୋପଣ ସେବା ଆରମ୍ଭରେ ଖୁସି ବ୍ୟକ୍ତ କରିବା ସହିତ ବିଶେଷଜ୍ଞ ଡାକ୍ତରୀ ଦଳ ଏବଂ ୟୁରୋଲୋଜି ବିଭାଗକୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଏହି ସେବା ପାଇଁ ପୂର୍ବରୁ ଅନ୍ୟ ରାଜ୍ୟକୁ ଯିବା ପାଇଁ ପଡୁଥିଲା। ବର୍ତ୍ତମାନ ଏମ୍ସରେ ଏହା ଆରମ୍ଭ ହେବା ଦ୍ୱାରା ରାଜ୍ୟ ତଥା ପୂର୍ବ ଭାରତର ଲୋକମାନେ ଏହି ସେବା ପାଇପାରିବେ ବୋଲି ଡା. ବିଶ୍ୱାସ ପ୍ରକାଶ କରିଛନ୍ତି। ଏମ୍ସ ମେଡିକାଲ ଅଧୀକ୍ଷକ ଡା. ଦିଲ୍ଲୀପ କୁମାର ପରିଡ଼ା ଏହି ଅବସରରେ ୟୁରୋଲୋଜି ବିଭାଗର ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

କୃତ୍ରିମ ମୂତ୍ରାଶୟ ପ୍ରତିରୋପଣ କରିଥିବା ଏମ୍ସର ଡାକ୍ତରୀ ଟିମ୍।

ଆଇଏଏସ୍ ପରୀକ୍ଷାରେ ଆପ୍ଟି ପ୍ଲସ୍‌ର ସଫଳତା

ଭୁବନେଶ୍ୱର,୧୭।୪
(ଅନୁରାଧା ମହାରଣା)

ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା (ଆଇଏଏସ୍) ୨୦୨୩ର ଫଳ ମଙ୍ଗଳବାର ପ୍ରକାଶ ପାଇଛି। ପାଖାପାଖି ୧୧୦୫ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ମୋଟ ୧୦୧୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ଆପ୍ଟି ପ୍ଲସ୍‌ର ଇଣ୍ଡିଆନ ଗାଇଡାନ୍ସ ପ୍ରୋଗ୍ରାମ (ଆଇଜିପି) ନେଇଥିବା ଆଦିତ୍ୟ ଶ୍ରୀବାସ୍ତବ ସର୍ବ ଭାରତୀୟସ୍ତରରେ ର୍ୟାଙ୍କ-୧ ହାସଲ କରିଛନ୍ତି। ସେହିପରି ସର୍ବଭାରତୀୟ ର୍ୟାଙ୍କ୍-୧୬, ୬୪, ୭୫, ୮୪ ଓ ୮୬ ସହ ବହୁ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ତେବେ ଓଡ଼ିଶାରେ ଆପ୍ଟି ପ୍ଲସ୍‌ର ବିଭିନ୍ନ ଗାଇଡାନ୍ସ ପ୍ରୋଗ୍ରାମ ନେଇ ମଧ୍ୟ ଓଡ଼ିଆ ଛାତ୍ରୀଛାତ୍ର ଭଲ ର୍ୟାଙ୍କ୍ ପାଇଛନ୍ତି। ସର୍ବଭାରତୀୟ ର୍ୟାଙ୍କ୍-୧୬ରେ ଅୟାନ ଜୈନ ରହିଥିବାବେଳେ ର୍ୟାଙ୍କ୍-୨୪ରେ ପ୍ରଜ୍ଞାନନ୍ଦନ ଗିରି, ର୍ୟାଙ୍କ-୩୬ରେ ଆୟୁଷୀ ପ୍ରଧାନ, ର୍ୟାଙ୍କ-୧୧୦ରେ ଅମୃତାଂଶୁ ନାୟକ ଏବଂ ର୍ୟାଙ୍କ-୪୦୯ରେ ସନ୍ତୋଷ କୁମାର ପାତ୍ର ସ୍ଥାନ ପାଇଛନ୍ତି। ସେହିଭଳି ଆଇଏଏସ୍ ପରୀକ୍ଷା ୨୦୨୨ରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସଫଳତା ପାଇଥିବାବେଳେ ସର୍ବଭାରତୀୟ ସ୍ତରରେ ର୍ୟାଙ୍କ୍-୨ରେ ଗରିମା, ୬୭ରେ ଓଡ଼ିଆ ଛାତ୍ରୀ କସ୍ତୁରୀ ପଣ୍ଡା, ୨୪୮ରେ ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ, ୩୩୪ରେ ଆୟୁଷୀ ପ୍ରଧାନ ଏବଂ ର୍ୟାଙ୍କ୍ ୫୧୬ରେ ତେଜସ୍ୱିନୀ ବେହେରା ସ୍ଥାନ ପାଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁସିଜିତ୍ ସାହୁ କୃତୀ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ତଥା ଅଧ୍ୟାପିକାଅଧ୍ୟାପକଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତାର ଧାରା ଆଗକୁ ଜାରି ରହିବ ବୋଲି କହିଛନ୍ତି। ଏଥିସହ ସେ କହିଛନ୍ତି, ଭାରତୀୟ ଏବଂ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୪-୨୫ ପାଇଁ ପ୍ରସ୍ତୁତ କରୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଆପ୍ଟି ପ୍ଲସର ୨ମାସିଆ ଅତିରିକ୍ତ ଏନ୍‌ସିଇଆର୍‌ଟି ଫାଉଣ୍ଡେଶନ କୋର୍ସ ସହ ଆଡଭାନ୍ସ ଲେଭଲ୍‌ର ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକ ପାଠ୍ୟ ପୁସ୍ତକ, ଲାଇବ୍ରେରି, ହଷ୍ଟେଲ ସୁବିଧା ମଧ୍ୟ ରହିଛି। ଏଠାରେ ଦିଲ୍ଲୀର ଅଭିଜ୍ଞ ଅଧ୍ୟାପିକାଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଛି। ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ପୂରଣ ସହ ସଫଳ ଭବିଷ୍ୟତ ଗଠନ ପାଇଁ ଆପ୍ଟି ପ୍ଲସ୍ ସଂକଳ୍ପବଦ୍ଧ। ବର୍ତ୍ତମାନ ଆପ୍ଟି ପ୍ଲସ୍‌ରେ ଓଏଏସ୍ ଏବଂ ଆଇଏଏସ୍ ପ୍ରିଲିମ୍ ଟେଷ୍ଟ ସିରିଜ୍ ପାଇଁ ନାମଲେଖା ଚାଲିଥିବା ସେ ସୂଚନା ଦେଇଛନ୍ତି।

୪୦ ଡିଗ୍ରୀ ଉପରେ ୩୦ ସହର

୪୩.୨ ଡିଗ୍ରୀରେ ତାଳଚେର, ୪୫ ଡିଗ୍ରୀ ଛୁଇଁବ ତାପମାତ୍ରା

ଭୁବନେଶ୍ୱର, ୧୭।୪(ଅସମାପିକା ସାହୁ)

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ଲହରି ଜାରି ରହିଛି। ଦିନସାରା ଝାଞ୍ଜି ପବନ ବହୁଛି। ବୁଧବାର ୩୦ ସହରରେ ଦିନର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିଲା। ୪୩.୨ ଡିଗ୍ରୀ ସହ ତାଳଚେର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବାବେଳେ ଚଳିତବର୍ଷ ପ୍ରଥମଥର ପାଇଁ ଦ୍ୱୈତ ନଗରୀରେ ତାପମାତ୍ରା ୪୧ ଡିଗ୍ରୀ ଟପିଥିଲା। ତେବେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ତାତିରୁ ନିସ୍ତାର ନାହିଁ। ୧୮ ଓ ୧୯ ତାରିଖରେ କିଛି ସ୍ଥାନରେ ତାପମାତ୍ରାରେ ଆହୁରି ୨ରୁ ୩ ଡିଗ୍ରୀ ଯାଏ ବୃଦ୍ଧି ହେବାର ସମ୍ଭାବନା ରହିଛି। ତେବେ ୧୮ ରୁ ୨୦ ତାରିଖ ମଧ୍ୟରେ ସକ୍ରିୟ ଗ୍ରୀଷ୍ମ ଲହରୀ ଶିଖର ଛୁଇଁବା ସହ କିଛି ଅଞ୍ଚଳରେ ପାରଦ ୪୫ ଡିଗ୍ରୀ ଛୁଇଁ ରେକର୍ଡ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ବୁଧବାର ନୂଆପଡ଼ାର ତାପମାତ୍ର ୪୩ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଅନୁଗୋଳ ୪୨.୭, ବାରିପଦା ୪୨.୬, ଭବାନୀପାଟଣା ୪୨, ବୌଦ୍ଧ ୪୨.୮, ପାରଳାଖେମୁଣ୍ଡି ୪୨.୮, ଟିଟିଲାଗଡ଼ ୪୨.୫ ଓ ମାଲକାନଗିରି ୪୨ ଡିଗ୍ରୀ ରହିଥିଲା। ସେହିଭଳି ଭୁବନେଶ୍ୱର ୪୧.୭ ଡିଗ୍ରୀ ଓ କଟକରେ ତାପମାତ୍ରା ୪୧.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଗୁରୁବାର ଓ ଶୁକ୍ରବାର ମୟୂରଭଞ୍ଜ, ନୂଆପଡ଼ା, ଗଜପତି ଏବଂ ନୟାଗଡ଼ ଜିଲାକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଏବଂ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଯାଜପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି, ଅନୁଗୋଳ, ବୌଦ୍ଧ, ଝାରସୁଗୁଡ଼ା, କଳାହାଣ୍ଡି ଓ ବରଗଡ଼ ଜିଲାକୁ ୟଲୋ ୱାର୍ନିଂ ଦିଆଯାଇଛି। ୨୨ରୁ କିଛି ଜିଲାରେ ବର୍ଷା ସମ୍ଭାବନା ରହିଥିବାରୁ ତାତି ସ୍ଥିତିରେ ପରିବର୍ତ୍ତନ ଆସିବ ବୋଲି ଆକଳନ କରାଯାଇଛି।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଶ୍ୱ ଐତିହ୍ୟ ଦିବସ, ସ୍ଥାନ: ଉତ୍ତରେଶ୍ୱର ଘାଟ, ବିନ୍ଦୁସାଗର, ପୁରୁଣା ଭୁବନେଶ୍ୱର, ସମୟ: ସକାଳ ୭ଟା ୧୫ ।
- 'ଶତାବ୍ଦୀର କଳାକାର'ର ୪୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା ।
- ଧାରାବାହିକ 'ଭାଗ୍ୟରେଖା' ଲଞ୍ଚ, ସ୍ଥାନ: ହୋଟେଲ ଆର୍ଯ୍ୟ ପାଲେସ, ସମୟ: ଅପରାହ୍ନ ୫ଟା ।
- ଭୂ-କ୍ରାନ୍ତି ଦିବସରେ ଭୂ-ମୁକ୍ତି ଅଭିଯାନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦ ।
- ବିଶ୍ୱ ଐତିହ୍ୟ ଦିବସ, ସ୍ଥାନ: ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ, ସ୍ଥାନ: ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦ ।
- ୪୬ତମ ବୈଶାଖୀ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ଭୁବନେଶ୍ୱର- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ାଉଆ, ସମୟ: ସନ୍ଧ୍ୟା ୭ଟା ।

କଟକ

- ବିଶ୍ୱ ହିମୋଫିଲିଆ ଦିବସ ପାଳନ, ସ୍ଥାନ:ଏସ୍‌ସିବି ମେଡିକାଲ ପୁରୁଣା ଅଡିଟୋରିୟମ, ସମୟ:ପୂର୍ବାହ୍ନ ୧୧ଟା ।
- ରବୀନ୍ଦ୍ର କୁମାର ଲାଇବ୍ରେରୀର ୭୫ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ।

ପୁରୀ

- ଶ୍ରୀଶ୍ରୀ ରାମମନ୍ଦିର ୧୦ମ ବାର୍ଷିକୋତ୍ସବ ଦଶମୀ ପୂଜା, ସ୍ଥାନ: ଜଇନାବାଦ, ନିମାପଡ଼ା, ସମୟ: ପ୍ରାତଃ ୫ଟା ।
- ଜୟ ଶ୍ରୀଶ୍ରୀ ହନୁମାନ ମହାବୀରଙ୍କ ୧୯ତମ ବାର୍ଷିକୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଭାତବନ୍ଧ ବଣିଆସାହି, ନିମାପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ।
- ମା'ଦେବୀ ବନଦୁର୍ଗାଙ୍କ ପୂଜାଉତ୍ସବର ୬ଷ୍ଠ ଦିବସ ଓ ପୂର୍ଣ୍ଣାହୁତି, ସ୍ଥାନ: ବନଦୁର୍ଗା ଶକ୍ତିପୀଠ, ନାଗବସ୍ତ୍ର ଗ୍ରାମ, ନିମାପଡ଼ା, ସମୟ: ଅପରାହ୍ନ ୫ଟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା ।
- ରାମଚରିତମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ୫ମ ଦିବସ, ସ୍ଥାନ: ମହାବୀରଙ୍କ ପୀଠ, ପୁରୁଣା ବସ୍‌ଷ୍ଟାଣ୍ଡ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା ।

ଖୋର୍ଦ୍ଧା

- ଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ, ସ୍ଥାନ: ମା' ତାରିଣୀ ଦେବୀଙ୍କ ପୀଠ, ବେଗୁନିଆ ଉପକଣ୍ଠ କଢାମଲ୍ଲ, ସମୟ: ସକାଳ ୭ଟା ।
- ମା'ଜାଗୁଳାଇଙ୍କ ବାସନ୍ତିକ ଦୁର୍ଗାପୂଜା ପୂର୍ଣ୍ଣାହୁତି, ସ୍ଥାନ: କୁଦିଆରୀ ଗ୍ରାମ, ଜଟଣୀ, ସମୟ: ଅପରାହ୍ନ ୫ଟା ।
- ଶ୍ରୀବାଲୁଙ୍କେଶ୍ୱର, କବୀଶ୍ୱର ଦେବ ମନ୍ଦିର ବାର୍ଷିକୋତ୍ସବ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ଶରଧାପୁର, ଅପରାହ୍ନ ୫ଟା ୩୦ ।
- ଭାଗବତ ବାସୁଦେବଙ୍କ ମେଳଣ ଉଦ୍‌ଯାପନୀ, ସ୍ଥାନ: ଜଟଣୀ ଗାଁ ହାଟ ବଜାର, ସମୟ: ସନ୍ଧ୍ୟା ୬ଟା ।
- ସୁବର୍ଣ୍ଣ ଜୟନ୍ତୀ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀଶ୍ରୀ ସପ୍ତେଶ୍ୱର ଦେବଙ୍କ ପୀଠ,ଖଣ୍ଡତି, (କଡବ), ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀରାମ ନବମୀ ଉତ୍ସବ, ରଘୁନାଥ ଦେବଙ୍କ ପୀଠ, ସ୍ଥାନ: ବାଘମାରି ତଳସାହି (ବେଗୁନିଆ), ସମୟ: ସନ୍ଧ୍ୟା ୭ଟା ।
- ରାମଲୀଳା ନାଟକ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବେଗୁନିଆ ଉପକଣ୍ଠ, କଢାମଲ୍ଲ, ସମୟ: ସନ୍ଧ୍ୟା ୭ଟା
- ରାମଲୀଳା ନାଟକ ପରିବେଷଣ, ସ୍ଥାନ: ଛତ୍ରପଡ଼ା (ବେଗୁନିଆ), ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀରାମ ଚରିତ ମାନସ ପାରାୟଣ, ପ୍ରବଚନ, ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀସଙ୍କଟମୋଚନ ହନୁମାନ ମନ୍ଦିର, ଜରିପୁଟ, ସନ୍ୟାସୀ, ସମୟ: ସନ୍ଧ୍ୟା ୭ଟା ।
- ତ୍ରିଂଶତମ ସାମ୍ବତ୍ସରିକ ଉତ୍ସବ, ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ନଗର, ସମୟ: ସନ୍ଧ୍ୟା ୭ଟା ୩୦ ।

ବାଲେଶ୍ୱର

- ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ ଉପଲକ୍ଷେ ଦୁଇଦିନିଆ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ, ବାର୍ଷିକ ଉତ୍ସବ ସମାପନ ଓ ପ୍ରସାଦ ସେବନ, ସ୍ଥାନ: ବାଲିଆପାଳ ବଜରଙ୍ଗବାଲି ମନ୍ଦିର, ସମୟ: ଅପରାହ୍ନ ୫ଟା ।
- 'କଳା କଳ୍ପିତ ନାଟ୍ୟଶ୍ରୀ' ସମ୍ବର୍ଦ୍ଧନା ଗ୍ରହଣ ଉତ୍ସବ, ସ୍ଥାନ: ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ସୁନହଟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ।

ମୟୂରଭଞ୍ଜ

- ବାସନ୍ତୀ ଦୁର୍ଗାଙ୍କ ଦଶହରା ପୂଜା, ସ୍ଥାନ: ବାଘଡ଼ା ରୋଡ୍, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ମା' ବାସନ୍ତୀଙ୍କ ଦଶହରା ପୂଜା, ସ୍ଥାନ: ବଡ଼ସାହି ବ୍ଲକ ପତରାପଦା ଓ ବାଲିଯୋଡା, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ ବଳାଙ୍ଗୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ସଙ୍ଗମ ପୀଠ ବାଲୁକାଶଯ୍ୟା, ବାରିପଦା, ସମୟ: ସନ୍ଧ୍ୟା ୬ଟା ।

ଭଦ୍ରକ

- ଟାଟାପାୱାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରାହାପିତା ବିଦ୍ୟୁତ୍ ଷ୍ଟ୍ରକ୍‌ଚର ପରିସର, ଧାମନଗର, ସମୟ: ସକାଳ ୯ ଟା ।
- ଶ୍ରୀରାମ ସଂକୀର୍ତ୍ତନ ଶୋଭାଯାତ୍ରା, ସ୍ଥାନ: ତିହିଡ଼ି, ସମୟ: ସନ୍ଧ୍ୟା ୬ଟା ।

କେନ୍ଦୁଝର

- ମା' ବ୍ରାହ୍ମଣୀ ଦେବୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଅତା, ବାତୋ, ଘସିପୁରା, ସମୟ: ପୂର୍ବାହ୍ନ ୧୦ଟା ।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ପଣ୍ଡୁଆ, ଘସିପୁରା, ସମୟ : ଅପରାହ୍ନ ୪ ଟା ।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ : ଅପରାହ୍ନ ୪ ଟା ।
- ବାଦୀପାଲା ଅନୁଷ୍ଠିତ, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ରାତି ୮ଟା ।

ଗଞ୍ଜାମ

- ଶ୍ରୀରାମ ଚରିତ ମାନସ ପ୍ରବଚନ ସ୍ଥାନ:ବୁଗୁଡା,କଦମ୍ବ ମଠ ସମୟ:ସନ୍ଧ୍ୟା ୭ଟା ।

କୋରାପୁଟ

- ସାଧାରଣ ନିର୍ବାଚନ (ବିଧାନସଭା) ଲାଗି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ, ସ୍ଥାନ : କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା ।
- ସାଧାରଣ ନିର୍ବାଚନ (ଲୋକ ସଭା),ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ଆରମ୍ଭ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ : ପୂର୍ବାହ୍ନ ୧୧ଟା ।
- କୋଟପାଡ଼ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ଆରମ୍ଭ, ସ୍ଥାନ : ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ :ପୂର୍ବାହ୍ନ ୧୧ଟା ।

ସମ୍ବଲପୁର

- ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ବିଗ୍ରହ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: କମଳିବଜାର ରାମଜୀ ମନ୍ଦିର, ସମୟ: ସକାଳ ୮ଟା ।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଚାଉଁରପୁର ତଳିପଡା, ସମୟ: ସକାଳ ୯ଟା ।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଧମା ବରଗାଁ ଗ୍ରାମ, ସମୟ: ସକାଳ ୯ଟା ୩୦ ।
- ଶ୍ରୀରାମ ନବମୀରେ ରାମଲୀଳା ନାଟକ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୧୦ଟା ।

ବଲାଙ୍ଗୀର

- ୪୬ତମ ଶ୍ରୀଶ୍ରୀ ୧୦୦୮ ଶ୍ରୀଡଙ୍ଗରବୁଢା ପୁଞ୍ଜିପଥର ମେଳା, ସ୍ଥାନ: କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ ନିକଟସ୍ଥ ପୁଞ୍ଜିପଥର ମନ୍ଦିର, ସମୟ: ସକାଳ ୮ଟା ୩୦ ।
- ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଉପସ୍ଥିତିରେ ଗୁଡଭେଲା ବ୍ଲକ ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଜାମୁଟ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ।
- ଲୋଇସିଂହା ବ୍ଲକ ବୁର୍ଡା ଭଗବତ ମନ୍ଦିର ପ୍ରତିଷ୍ଠା ଉଦ୍‌ଯାପନୀ ସମାରୋହ, ସ୍ଥାନ: ମଧପଡା, ସମୟ: ଅପରାହ୍ନ ୧ଟା ୩୦ ।
- ବୁର୍ଡା ଭଗବତ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଚତୁର୍ଥ ଦିବସରେ ରାବଣ ଦରବାର, ସ୍ଥାନ: ମିଶନ ଶକ୍ତି ଭବନ: ସମୟ: ରାତି ୮ଟା ।

ସୁବର୍ଣ୍ଣପୁର

- ଶ୍ରୀରାମ ନବମୀର ଦ୍ୱିତୀୟ ଦିବସ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ ଟା ।
- ଶ୍ରୀରାମ ନବମୀର ଦ୍ୱିତୀୟ ଦିବସ, ସ୍ଥାନ: ଗୌଡଗାଡ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ ଟା ।
- ଶ୍ରୀରାମ ନବମୀର ଦ୍ୱିତୀୟ ଦିବସ, ସ୍ଥାନ: ମେଣ୍ଡାମାଳ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ରାମ ନବମୀ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଘିଚାପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଶ୍ରୀରାମ ନବମୀର ଦ୍ୱିତୀୟ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଭାଲୁଡୁଙ୍ଗୁରିସ୍ଥିତ ଶୃଙ୍ଗଦର ମଠ,ବୀରମହାରାଜପୁର, ସମୟ: ଅପରାହ୍ନ ୪ ଟା ।
- ଶ୍ରୀରାମଲୀଳାର ଦ୍ୱିତୀୟ ରଜନୀ, ସ୍ଥାନ: ଯୁବରାଜପୁର,ବୀରମହାରାଜପୁର, ସମୟ : ରାତି ୧୧ ଟା ।
- ରାମଲୀଳା ନାଟକ, ସ୍ଥାନ: ଖଇରମାଲ, ବୀରମହାରାଜପୁର, ସମୟ: ରାତି ୧୧ଟା ।

ରାଉରକେଲା

- ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ଦଶହରାପୂଜା, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା ।
- ବାସନ୍ତୀପରିଷଦ ପକ୍ଷରୁ ଦଶହରା, ସ୍ଥାନ: ସେକ୍ଟର-୩ ପଡ଼ିଆ, ସମୟ: ସକାଳ ୮ଟା ।
- ବାସନ୍ତୀ ଦଶହରା, ସ୍ଥାନ: ସେକ୍ଟର-୧୪, ସମୟ: ସକାଳ ୮ଟା ।
- ହନୁମାନ ମନ୍ଦିରରେ ଅଖଣ୍ଡ ରାମାୟଣ ପାଠ, ସ୍ଥାନ: କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା ।
- ବାଟ ମାମଙ୍ଗଳା ଶକ୍ତିପୀଠ ପକ୍ଷରୁ ସିନ୍ଦୁରଖେଳ, ସ୍ଥାନ: ଜଗଦା, ସମୟ: ମଧ୍ୟାହ୍ନ ୧୨ଟା ।
- ନମସ୍ୟା ଫାଉଣ୍ଡେଶନ ପକ୍ଷରୁ ଭାଗବତ ରାମାୟଣ ଚର୍ଚ୍ଚା, ସ୍ଥାନ:ବରଟୋଲି, ସମୟ: ସନ୍ଧ୍ୟା ୭ଟା ।

ସୁନ୍ଦରଗଡ଼

- ପଞ୍ଚମୁଖୀ ଆଖଡା କମିଟି ପକ୍ଷରୁ ଆଖଡା ଶୋଭାଯାତ୍ରା ଆରମ୍ଭ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର,ସୁନ୍ଦରଗଡ, ସମୟ: ଅପରାହ୍ନ ୪ଟା ।
- ରାମନବମୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୭ଟା ।

ବରଗଡ଼

- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ: ଶ୍ରୀଶ୍ରୀ ସମଲେଶ୍ୱରୀ ଦେବୀପୀଠ, ଗୁଡ଼େଶିରା, ସମୟ: ସକାଳ ୭ଟା ।
- ମା' ବାଟମଙ୍ଗଳାଙ୍କ ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ବିଶାଲପାଲି, ସମୟ: ସକାଳ ୭ଟା ।
- ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ହାଟପଦା ଦୁର୍ଗା ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା ।
- ଶ୍ରୀରାମ ସୀତାଙ୍କ କଲ୍ୟାଣ ମହୋତ୍ସବ, ସ୍ଥାନ: ଭାଲୁଡୁଙ୍ଗୁରୀ, ଅତାବିରା, ସମୟ: ସକାଳ ୯ଟା ।

କଳାହାଣ୍ଡି

- ବିଜେଡି ପକ୍ଷରୁ ୱାର୍ଡ କମିଟି ବୈଠକ, ସ୍ଥାନ: ଭବାନୀପାଟଣା ପୌରପାଳିକା ୱାର୍ଡ ନଂ. ୪, ୫, ୬, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପାରାୟଣ ଓ ପ୍ରବଚନ, ସ୍ଥାନ: କେସିଙ୍ଗା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ।

ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୋଡେନ ବ୍ଲକ ଲର୍କା ଗାଁ ହନୁମାନ ମନ୍ଦିର, ସମୟ: ସକାଳ ୮ଟା ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୋଡେନ ବ୍ଲକ ବିନପୁର ଗାଁ, ସମୟ: ସକାଳ ୮ଟା ୩୦ ।
- ସାଧାରଣ ନିର୍ବାଚନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ।
- ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ କଳସ ସ୍ଥାପନ, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ ଖମବାହୀ ଗାଁ, ସମୟ: ସନ୍ଧ୍ୟା ୭ଟା ୩୫ ।

ବୌଦ୍ଧ

- ବହିରାରେ ଶ୍ରୀରାମଲୀଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ସ୍ଥାନ: ବହିରା ରାମଲୀଳା ମଣ୍ଡପ,ବୌଦ୍ଧ, ସମୟ: ସକାଳ ୬ଟା ।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଦ୍ୱିତୀୟ ଦିବସ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର,କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଘଣ୍ଟାପଡାର ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦର ଦ୍ୱିତୀୟ ସନ୍ଧ୍ୟା ନାଟକ ଶିବଧନୁ ଭଗ୍ନ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କଣ୍ଟାମାଳ, ସମୟ: ରାତି ୯ଟା ।
- ଶ୍ରୀ ରାମଲୀଳା ଯାତ୍ରାର ଦ୍ୱିତୀୟ ଦିବସର ନାଟକ ବାଲ୍ୟବିବାହ ଓ ସୀତାବିବାହ, ସ୍ଥାନ: ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା ।
- ବଢିଙ୍ଗା ଶ୍ରୀ ରାମନବମୀ ଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବଢିଙ୍ଗା ରଘୁନାଥ ମନ୍ଦିର,ବୌଦ୍ଧ ବ୍ଲକ, ସମୟ: ରାତି ୧୦ଟା ।
- ଦେବଗଡଠାରେ ରାମଲୀଳା ଯାତ୍ରା ଅବସରରେ ବିବାହ ଉତ୍ସବ, ସ୍ଥାନ: ଦେବଗଡ, ହରଭଙ୍ଗା ବ୍ଲକ, ସମୟ: ରାତି ୧୧ଟା ।

ଦେବଗଡ଼

- ଅପରାଜିତା ପୂଜା, ସ୍ଥାନ: ମା'କନକ ଦୁର୍ଗା ମନ୍ଦିର, ଦକ୍ଷିଣ କାଳି ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରି ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ରାମନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ, ସ୍ଥାନ: ଗୋପାଳଜି ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା ।

ଢେଙ୍କାନାଳ

- ଶ୍ରୀ ଶ୍ରୀ କନକ ଦୁର୍ଗାଙ୍କ ବାସନ୍ତିକ ଦଶହରା ପୂଜା ଉତ୍ସବ, ସ୍ଥାନ: ମା' କନକ ଦୁର୍ଗାଙ୍କ ପୀଠ ଜୁଗୁଲି ଟାଉନ ଢେଙ୍କାନାଳ, ସମୟ: ଅପରାହ୍ନ ୫ଟା ।

ଅନୁଗୋଳ

- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ଷ୍ଟ୍ରଙ୍ଗରୁମ୍ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା୩୦ ।
- ମା' ବାସନ୍ତୀ ଦୁର୍ଗା ପୂଜା, ସ୍ଥାନ: ହୁଲୁରିସିଂହା, ସମୟ: ପୂର୍ବାହ୍ନ ୧୧ ଟା ।
- ବିଜେଡିର ନିର୍ବାଚନୀ ସଭା, ସ୍ଥାନ: ତୁରଙ୍ଗ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ।

ଜଗତ୍‌ସିଂହପୁର

- ମା' ଜଗୁଳାଇଙ୍କ ପୀଠରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ନାଉଗାଁ ବ୍ଲକ ତିହୁଡ଼ା, ସମୟ: ସକାଳ ୬ଟା ।

ନୟାଗଡ଼

- ଅଷ୍ଟ ପ୍ରହର ନାମ ଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଡ଼ବାଣପୁର ଜଗନ୍ନାଥଙ୍କ ପୀଠ, ସମୟ: ସକାଳ ୭ଟା ।
- ବାସନ୍ତୀକ ଦୁର୍ଗାପୂଜାର ୩ୟ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍‌ର ଜଗନ୍ନାଥ ପ୍ରସାଦ, ସମୟ: ସକାଳ ୭ଟା ।
- ଗୀତା ମହାଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍‌ର ସିଦ୍ଧମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ।
- ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟର ୫ମ ଦିବସ ମ୍ୟାଚ୍‌ରେ ପ୍ରତିଷ୍ଠା ଓରିୟର୍ସ ବନାମ ଆରବି ଟ୍ୟୁଟୋରିଆଲ ସୁପରର ମୁକାବିଲା,ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ କଲେଜ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା ।
- ପଣା ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ଦକ୍ଷିଣକାଳୀ ମନ୍ଦିର, ସମୟ:ଅପରାହ୍ନ ୪ଟା ।

କେନ୍ଦ୍ରାପଡ଼ା

- ମା' ଚଣ୍ଡୀଦେବୀଙ୍କୁ ଡାକମଣ୍ଡା ଭୋଗ ଅର୍ପଣ ଉତ୍ସବ, ସ୍ଥାନ: ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀରାମ ଜନ୍ମୋତ୍ସବ, ସ୍ଥାନ: ଅଳପୁଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା ।
- କଳି କଳୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ବିଲବଳରାମପୁର, ମାର୍ଶାଘାଇ, ସମୟ: ସକାଳ ୮ଟା ।
- ବାସନ୍ତୀ ଦୁର୍ଗାଙ୍କ ମହାଦଶମୀ ପୂଜା, ସ୍ଥାନ: ଚାନ୍ଦୋଳ ବଜାର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ମହାବୀର କ୍ଲବ ପକ୍ଷରୁ ୧୬ତମ ଜିଲାସ୍ତରୀୟ ଲୋକ ଉତ୍ସବ ମହକ ୨୦୨୪, ସ୍ଥାନ: ଝାଡମାଳ, ରାଜକନିକା, ସମୟ: ସନ୍ଧ୍ୟା ୬ଟା ।

ଯାଜପୁର

- ବିଜେଡି କର୍

ନବୀନ ଖେଳିଲେ ପଶ୍ଚିମ ଓଡ଼ିଶା କାର୍ଡ

ବିଜେଡି ଶିବିର ଉତ୍ସାହିତ, ବିରୋଧୀଙ୍କ କଡ଼ା ପ୍ରତିକ୍ରିୟା

ବଲାଙ୍ଗୀର, ୧୭।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପଶ୍ଚିମ ଓଡ଼ିଶାରେ ଭାଜପାର ପ୍ରଭାବ ରହୁଥିବା ନେଇ ହେଉଥିବା ଚର୍ଚ୍ଚାକୁ ପ୍ରଶମିତ କରିବା ଲାଗି 'ନବୀନ ପଶ୍ଚିମ ଓଡ଼ିଶା କାର୍ଡ' ଖେଳିଛନ୍ତି ବୋଲି ଆଲୋଚନା ହେଲାଣି।

କଣ୍ଟାବାଞ୍ଜି ଆସନରେ ଆଗାମୀ ନିର୍ବାଚନ ସକାଶେ କିଏ ବିଜେଡିର ଯୋଗ୍ୟ ପ୍ରାର୍ଥୀ ହେବେ ତାହାକୁ ନେଇ ଆଶାଆଶଙ୍କା ପ୍ରକାଶ ପାଇଆସୁଥିଲା। ପୂର୍ବତନ ବିଧାୟକ ଆୟୁବ୍ ଖାନ୍, ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ସଙ୍ଗଠକ ଅଜୟ ଦାସ ଏବଂ ଜିଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ତଥା ନାରୀନେତ୍ରୀ ନିରୁପମା ମାଝିଙ୍କ ମଧ୍ୟରୁ କାହାକୁ ଦଳ ଚଳିତ ନିର୍ବାଚନ ପାଇଁ ପ୍ରାର୍ଥୀ କରିବ, ସେନେଇ ନିଷ୍ପତ୍ତି ହୋଇପାରୁ ନ ଥିବା ଆଲୋଚନାର ବିଷୟ ହୋଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା ପରେ କଣ୍ଟାବାଞ୍ଜି ସମେତ ସମଗ୍ର ପଶ୍ଚିମ ଓଡ଼ିଶାରେ ରାଜନୀତି ସରଗରମ ହୋଇଛି। ଏହା ନବୀନଙ୍କ ମାଷ୍ଟରଷ୍ଟ୍ରୋକ୍ ବୋଲି ଦଳୀୟ ନେତା ଓ କର୍ମୀ କହିବା ସହ ଉତ୍ସାହିତ ହୋଇପଡ଼ିଛନ୍ତି।

କଣ୍ଟାବାଞ୍ଜି ଆସନରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ପ୍ରାର୍ଥୀ କରିଥିବା ବେଳେ ଭାଜପା ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମଣ ବାଗଙ୍କ ଉପରେ ଭରସା କରିଛି। ଉଲ୍ଲେଖଯୋଗ୍ୟ, ବାଗ୍ ମାତ୍ର ୧୨୮ ଖଣ୍ଡ ଭୋଟ୍‌ରେ ସାଲୁଜାଙ୍କଠାରୁ ପରାସ୍ତ ହୋଇଥିଲେ। ଏବେ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିବାରୁ ଏମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜି ଆସନରୁ ପ୍ରାର୍ଥୀ ହେବା ପରେ ଦାଦନପ୍ରବଣ ଏବଂ ଭୋକର ଭୂଗୋଳ ଭାବେ ପରିଚିତ ଏହି ଅଞ୍ଚଳଟି ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଭାରତ ସରକାରଙ୍କ ଆକାଂକ୍ଷୀ ଜିଲା ଭାବେ ଚିହ୍ନିତ ବଲାଙ୍ଗୀର ଜିଲାର ଅନଗ୍ରସର ବ୍ଲକ୍ ବଙ୍ଗୋମୁଣ୍ଡା, ମୁରିବାହାଲ, ଟୁରେକେଲା ଏବଂ କଣ୍ଟାବାଞ୍ଜି ଏନ୍‌ଏସିକୁ ନେଇ ଗଠିତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ସ୍ୱାଧୀନତା ପରଠାରୁ ଦୁର୍ଭିକ୍ଷ, କ୍ରମାଗତ ମରୁଡ଼ି, ଅନାହାର ମୃତ୍ୟୁ, ପିଲାବିକ୍ରି ଏବଂ ଦାଦନ ସମସ୍ୟା ପାଇଁ କୁଖ୍ୟାତି ଅର୍ଜନ କରିଆସିଛି। ପ୍ରତିବର୍ଷ ଜିଲାରୁ ଅନେକ ଲକ୍ଷ ଲୋକ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବେ ସ୍ଥାନାନ୍ତର ହେବା ଏବଂ ସେଠାରେ ଅମାନବିକ ନିର୍ଯାତନା ଭୋଗିବା ସାଧାରଣ ଘଟଣାରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ସ୍ଥିର ଶାସନ କାଳରେ ମଧ୍ୟ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ସ୍ୱରୂପ ବିଶେଷ ବଦଳି ନାହିଁ। ଏଭଳି ସ୍ଥିତିରେ ଖୋଦ୍ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜି ଆସନରୁ ବିଜେଡି ପ୍ରାର୍ଥୀ ହେବା ଏହି ଅଞ୍ଚଳର ସାମଗ୍ରିକ ରୂପରେଖ ବଦଳାଇବାରେ ସକ୍ଷମ ହେବ କି ନାହିଁ ତାହାକୁ ନେଇ ଏବେ ଆଲୋଚନା ଆରମ୍ଭ ହୋଇଯାଇଛି।

କଣ୍ଟାବାଞ୍ଜି ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ଘୋଷଣା ହେବା ପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ କଂଗ୍ରେସ ଦଳ ବରିଷ୍ଠ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ପଶ୍ଚିମ ଓଡ଼ିଶା ପ୍ରତି କ୍ରମାଗତ ବୈମାତୃକ ମନୋଭାବରୁ ଯେଉଁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଆନ୍ଦୋଳନ ମୁଣ୍ଡ ଟେକୁଛି, ସେଇ ଭୟ ଓ ଲୋକଙ୍କ ଭିତରେ ପୁଞ୍ଜୀଭୂତ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ନବୀନ କଣ୍ଟାବାଞ୍ଜିରେ ପ୍ରାର୍ଥୀ ହୋଇଛନ୍ତି ବୋଲି ସେ କହିଛନ୍ତି। ଦୀର୍ଘବର୍ଷର ଉପେକ୍ଷା ଓ ଅନଗ୍ରସରତା ବିରୋଧରେ ଏଠାକାର ଲୋକେ ଏକଜୁଟ୍ ହୋଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ଉଚିତ୍ ଜବାବ ଦେବେ ବୋଲି ସେ କହିଛନ୍ତି। ସେହପରି କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସାଲୁଜା କହିଛନ୍ତି, ବିଜେଡି ପାଖରେ ପ୍ରାର୍ଥୀ ନାହିଁ। କଣ୍ଟାବାଞ୍ଜିବାସୀ ସ୍ୱାଭିମାନୀ। ସେମାନେ କଂଗ୍ରେସ ସହିତ ଅଛନ୍ତି ଓ ଆସନ୍ତା ନିର୍ବାଚନରେ ସେ ଜିତିବେ ବୋଲି କହିଛନ୍ତି।

ରାଜନୈତିକ ସମୀକ୍ଷକଙ୍କ ମତରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ବିଜେପୁରରୁ ପ୍ରାର୍ଥୀ ହୋଇଥିଲେ। ସେଠାରୁ ଜିତିବା ପରେ ସେହି ଆସନ ଛାଡ଼ିଥିଲେ। କଣ୍ଟାବାଞ୍ଜି ଅବସ୍ଥା ସେୟା ହେବ ବୋଲି ଆକଳନ କରାଯାଉଛି।

ମନ୍ତ୍ରୀପଦ ନିମାପଡ଼ା ପାଇଁ ଅଭିଶପ୍ତ


ସ୍ୱର୍ଗତ୍ ଗୋବିନ୍ଦ ସେଠୀ

ରବୀନ୍ଦ୍ର କୁମାର ସେଠୀ

ସମୀର ରଞ୍ଜନ ଦାଶ

ନିମାପଡ଼ 1୭।୪
(ରଞ୍ଜନ କୁମାର ପଟ୍ଟନାୟକ)

ମନ୍ତ୍ରୀ ପଦବୀ ନିମାପଡ଼ା ପାଇଁ ଅଭିଶପ୍ତ ସାବ୍ୟସ୍ତ ହୋଇଛି । ଅତୀତ ପୃଷ୍ଠାକୁ ଓଲଟାଇଲେ ଜଣାପଡ଼େ ନିମାପଡ଼ା ବିଧାନସଭା କ୍ଷେତ୍ରରୁ ୩ଜଣ ବିଧାୟକ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ, ଡ଼ଃ ରବୀନ୍ଦ୍ର କୁମାର ସେଠୀ ଏବଂ ଏବେକାର ବିଧାୟକ ସମୀର ରଞ୍ଜନ ଦାଶ ରାଜ୍ୟ ସରକାରରେ ମନ୍ତ୍ରୀଭାବେ ନିଯୁକ୍ତି ପାଇଥିଲେ। ଗୋବିନ୍ଦ ସେଠୀ ଏବଂ ରବୀନ୍ଦ୍ର କୁମାର ସେଠୀ ମନ୍ତ୍ରୀ ହେବା ପରେ ଆଉ ବିଧାନସଭା ଦେଖି ନ ଥିଲେ। ସେହିକ୍ରମରେ ଦେଖିଲେ ଏବେକାର ବିଧାୟକ ସମୀରଙ୍କ କ୍ଷେତ୍ରରେ ତାହା ହେବାକୁ ଯାଉଛି। ବିଜେଡି ବୁଧବାର ନିମାପଡ଼ା ପାଇଁ ଦିଲୀପ ନାୟକଙ୍କୁ ପ୍ରାର୍ଥୀ ଘୋଷଣା ପରେ ସମୀରଙ୍କ ଆଶା ମଉଳି ଯାଇଛି।

ସୂଚନାଯୋଗ୍ୟ, ସ୍ୱର୍ଗତଃ ଗୋବିନ୍ଦ ସେଠୀ ୩, ୫ ଏବଂ ୭ମ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଶେଷପାଳିରେ ଉପମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ସ୍ୱର୍ଗତଃ ସେଠୀ । ସେହିଭଳି ଡ଼ଃ ରବୀନ୍ଦ୍ର କୁମାର ସେଠୀ ୮ମ, ୯ମ ଏବଂ ୧୧ଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଶେଷପାଳିରେ ଡ଼ଃ ସେଠୀ ରାଷ୍ଟ୍ରମନ୍ତ୍ରୀ ପଦ ସମ୍ଭାଳି ଥିଲେ। ଏବେକାର ବିଧାୟକ ସମୀର ରଞ୍ଜନ ଦାଶ ୧୪, ୧୫ ଏବଂ ୧୬ଶ ବିଧାନସଭାରେ ସଦସ୍ୟ ହୋଇ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱରେ ରହିଥିଲେ । ବୁଧବାର ବିଜେଡି ଟିକେଟ ଘୋଷଣା ପରେ ବର୍ତମାନ ସମୀର ଦାଶ ସେହି ରାସ୍ତାର ପଥିକ ହେବାକୁ ଯାଉଛନ୍ତି। ଖାଲି ସେତିକି ନୁହେଁ, ନିମାପଡ଼ାରେ କେହି ବି ଚତୁର୍ଥଥର ବିଧାୟକ ହୋଇନାହାନ୍ତି ।

ମନମୋହନଙ୍କୁ ଅସନ୍ତୁଷ୍ଟ ଭାଜପା କର୍ମୀଙ୍କ ଟାର୍ଗେଟ

ଭାଜପା କର୍ମୀମାନେ ଲଳିତଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

ରାଜନଗର, ୧୭।୪ (ଭାସ୍କର ରାଉତରାୟ)

- ରାଜନଗରରେ ଭାଜପା କର୍ମୀଙ୍କ ବିକ୍ଷୋଭ, ଶୋଭାଯାତ୍ରା
- ଲଳିତ ୱାର୍ଡ ମେମ୍ବର ପାଇଁ ଯୋଗ୍ୟ ନୁହନ୍ତି, ଅଜୟଙ୍କୁ ଟିକେଟ୍ ଦିଅ
- ମନମୋହନ ହାଏ ହାଏ,ଲଳିତଙ୍କ କୁଶପୁତ୍ତଳିକା ଦାହ

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ଯୁବନେତା ଲଳିତ କୁମାର ବେହେରାଙ୍କ ନାମ ଘୋଷଣା ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମଙ୍ଗଳବାର ସୋସିଆଲ ମିଡ଼ିଆରେ ଅତି କଟୁ ଶବ୍ଦରେ ଭାଜପା ରାଜ୍ୟ ସଭାପତିଙ୍କୁ ସମାଲୋଚନା କରାଯାଇଥିବା ବେଳେ ବୁଧବାର ଭାଜପା କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଭାଜପା କର୍ମୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ବିସ୍ଫୋରକ ରୂପ ନେଇଛି। ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଭାଜପା ପ୍ରାର୍ଥୀ ଲଳିତଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ରାଜନଗର ଭାଜପା କର୍ମକର୍ତ୍ତାଙ୍କୁ ଚିହ୍ନି ନ ଥିବା ଲଳିତଙ୍କଠାରୁ ୫ କୋଟି ଟଙ୍କା ନେଇ ଟିକେଟ୍ ବିକ୍ରି କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସଙ୍ଗଠନ କରିଥିବା ଓ କର୍ମୀଙ୍କ ସୁଖଦୁଃଖରେ ଥିବା ଅଜୟ କୁମାର ବେହେରାଙ୍କୁ ଟିକେଟ୍ ଦିଆଯାଉ, ନଚେତ୍ ଲଳିତଙ୍କୁ ରାଜନଗରରେ ପୁରାଇ ଦିଆଯିବ ନାହିଁ, ଏହି ଅସନ୍ତୋଷର ନିଆଁ ରାଜଧାନୀ ଯାଏ ବ୍ୟାପିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଭାଜପା କର୍ମୀ ନିଜ ଦଳର ପ୍ରାର୍ଥୀଙ୍କ କୁଶ ପୁତ୍ତଳିକା ଦାହ କରିବା ଘଟଣା ରାଜନଗର ରାଜନୀତିକୁ ଉଷ୍ମ କରିଛି।

ବୁଧବାର ଅପରାହ୍ନରେ ଶତାଧିକ ଭାଜପା କର୍ମୀ ତ୍ରିନାଥବଜାର ଠାରୁ ଶୋଭାଯାତ୍ରାରେ ଆସି ରାଜନଗର ହଂସୁଆ ସେତୁ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସଭାପତି ମନମୋହନ ସାମଲ ହାଏ ହାଏ, ଲଳିତ ବେହେରା ମୁର୍ଦ୍ଧାବାଦ ସ୍ଲୋଗାନ ଦେଇ ଲଳିତଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ୧୭ନଂ. ଜୋନ୍ ଉପସଭାପତି ଚନ୍ଦନ କୁମାର ଦାସ, ୩୧ନଂ. ଜୋନ୍ ସଭାପତି ସସ୍ମିତା ପାତ୍ର, ଯୁବନେତା ଚନ୍ଦନ କୁମାର ସ୍ୱାଇଁ, ବିଭୂ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ଶୋଭାଯାତ୍ରା ଓ ବିକ୍ଷୋଭରେ ସାମିଲ ହୋଇଥିଲେ। ଟିକେଟ୍ ପରିବର୍ତ୍ତନ ହେବା ଯାଏଁ ଏହି ବିକ୍ଷୋଭ ଜାରି ରହିବ ବୋଲି କର୍ମୀମାନେ କହିଛନ୍ତି ।

ନିର୍ବାଚନ ମ୍ୟାନେଜମେଣ୍ଟ କମିଟି ଗଠନକଲା ଏଆଇସିସି

ପ୍ରସାଦ କମିଟି ଅଧ୍ୟକ୍ଷ, ମନୋରଞ୍ଜନ ଆବାହକ ନିଯୁକ୍ତ

ଭୁବନେଶ୍ୱର, ୧୭।୪
(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ପ୍ରସ୍ତାବକ୍ରମେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାପତି ମଲିକାର୍ଜୁନ ଖାର୍ଗେ ୨୦୨୪ ନିର୍ବାଚନ ପାଇଁ ପ୍ରଦେଶ କଂଗ୍ରେସ ନିର୍ବାଚନ ମ୍ୟାନେଜମେଣ୍ଟ କମିଟି ଗଠନ କରିଛନ୍ତି। ଏନେଇ ଏଆଇସିସି ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଏହି କମିଟିରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷ ଦାୟିତ୍ୱ ପାଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାଶ ଆବାହକ ଏବଂ ବାଙ୍କନିଧି ବେହେରା ଓ ବିକାଶ ଗରାବଡୁ ଯୁଗ୍ମ ଆବାହକ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଭକ୍ତଚରଣ ଦାସ, ଶ୍ରୀକାନ୍ତ ଜେନା, ସୁଶୀଳା ତିରିଆ, ଶରତ ରାଉତ, ରାମଚନ୍ଦ୍ର ଖୁଣ୍ଟିଆ, ବିଜୟ କୁମାର ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ନକୁଳ ନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ହମିଦ୍ ହୁସେନ, ବନ୍ଦିତା ପରିଡ଼ା, ଶୁଭେନ୍ଦୁ ମହାନ୍ତି, ମନୋଜ ଜେନା, ଦେବାଶିଷ ଭୂୟାଁ, ସିତାଂଶୁ ଦାସ, କିଶୋର ଜେନା, ଲୋକନାଥ ମହାରଥୀ, ରାଜୀବ ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ଏହାସହ ଏକ୍ସ-ଅଫିସିଓ ସଭ୍ୟ ଭାବେ ସମସ୍ତ ପୂର୍ବତନ ପିସିସି ସଭାପତି ଓ ବିରୋଧ ଦଳ ନେତା, ଓଡ଼ିଶା ଦାୟିତ୍ୱରେ ଥିବା ଏଆଇସିସି କର୍ମକର୍ତ୍ତା, ରାଜ୍ୟ ଛାମୁଆ ସଙ୍ଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ପିସିସି ୱାର୍ ରୁମ୍ ଅଧ୍ୟକ୍ଷ, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷମାନେ ରହିଥିବା ପିସିସି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି।

ଅପରାଜିତାଙ୍କ ବିପକ୍ଷରେ ୨ ଯୁବନେତା


ମନ୍ମଥ ରାଉତରାୟ

ଅପରାଜିତା ଷଡ଼ଙ୍ଗୀ

ୟାସିର୍ ନୱାଜ

ଖୋର୍ଦ୍ଧା, ୧୭।୪ (ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ର

ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ଭାଜପା ଅପରାଜିତା ଷଡ଼ଙ୍ଗୀ, ବିଜେଡି ମନ୍ମଥ ରାଉତରାୟ ଏବଂ କଂଗ୍ରେସ ୟାସିର ନୱାଜଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଦୁଇ ଯୁବ ନେତାଙ୍କ ସହ ଅପରାଜିତାଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି କୁହାଯାଉଛି। ୨୦୧୯ର ଭୁଲ୍‌କୁ ସୁଧାରି ବିଜେଡି ଆଗୁଆ ଷ୍ଟ୍ରାଟେଜି ପ୍ରସ୍ତୁତ କରିଛି। ପ୍ରାର୍ଥୀ ଘୋଷଣାର ୬ମାସ ପୂର୍ବରୁ ଅଘୋଷିତ ଭାବେ ଶ୍ରୀମୟୀ ମିଶ୍ରଙ୍କୁ ନେଇ ଦଳୀୟ ପ୍ରଚାର ପ୍ରସାର ଯୋରସୋର ଚାଲିଥିଲା। ଏପରିକି ବଡ଼ ଶୋଭାଯାତ୍ରାରେ ମଧ୍ୟ ସେ ସାମିଲ ହୋଇ ବିପକ୍ଷ ନେତାଙ୍କୁ ପ୍ରତ୍ୟୁତ୍ତର ଦେଉଥିଲେ। ତେବେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସାନପୁଅ ମନ୍ମଥ ବିଜେଡିରେ ଯୋଗଦେବାର କେଇ ଘଣ୍ଟା ପରେ ଦଳ ତାଙ୍କୁ ଭୁବନେଶ୍ୱର ଲୋକ ସଭା ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ଏହା ପରଠାରୁ ଶ୍ରୀମୟୀ କୁଆଡ଼େ ଗାଏବ ହୋଇଯାଇଥିବା ବେଳେ ଦଳ ଏବେ ତାଙ୍କୁ ନିର୍ବାଚନୀ ଇସ୍ତାହାର ସଦସ୍ୟ କରିଛି। କଂଗ୍ରେସ ଭୋଟକୁ ଚେକ୍ ଦେବା ପାଇଁ ବିଜେଡି ମନ୍ମଥଙ୍କୁ ଅସ୍ତ୍ର କରିଥିବା ବେଳେ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ଦେଇ ନ ଥିବା କଂଗ୍ରେସ ଏଥର ଯୁବନେତା ୟାସିରଙ୍କ ଉପରେ ଭରସା କରିଛି। ତେଣୁ ଏଥର ଭୁବନେଶ୍ୱର ଲୋକ ସଭା ନିର୍ବାଚନ ରୋଚକପୂର୍ଣ୍ଣ ହେବ।

ଭାଜପା ଅପରାଜିତାଙ୍କୁ ପୁଣି ପ୍ରାର୍ଥୀ କରି ଭୁବନେଶ୍ୱର ଲୋକ ସଭା ଆସନ ଅକ୍ତିଆର କରିବାକୁ ଚାହୁଁଛି। ସେପଟେ ତାଙ୍କୁ ଟକ୍କର ପାଇଁ ଦେବା ମନ୍ମଥଙ୍କୁ ମଇଦାନକୁ ଓହ୍ଲାଇଛନ୍ତି। କିନ୍ତୁ ସେ ରାଜନୀତିରେ ନୂଆ। ଗତ କିଛିବର୍ଷ ହେବ ସେ ଜଟଣୀ ନାଗରିକ କମିଟି ସଭାପତି ଭାବେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ କରି ଚର୍ଚ୍ଚାକୁ ଆସିଥିଲେ। ଅପରାଜିତାଙ୍କୁ ସେ କଣ୍ଟା ଟକ୍କର ଦେବେ ବୋଲି ଦଳ କହୁଥିବା ବେଳେ ତାଙ୍କୁ ନେଇ କର୍ମୀ, ନେତା ଉତ୍ସାହିତ ଅଛନ୍ତି। ଭୁବନେଶ୍ୱରରେ କେତେବେଳେ ପାର୍କ ତ ଆଉ କେତେବେଳେ ବ୍ୟାୟାମାଶାଳାରେ କସରତ କରୁଥିବା ଦେଖିବାକୁ ମିଳୁଛି। ଧାର୍ମିକ ଅନୁଷ୍ଠାନ ବୁଲି ଦର୍ଶନ ସହ ଲୋକଙ୍କ ସହ ଯୋଡି ହେବାକୁ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟପଟେ ଅପରାଜିତା ତାଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ଭୁବନେଶ୍ୱରର ୱାର୍ଡକୁ ୱାର୍ଡ ବୁଲି ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରୁଛନ୍ତି।

ଗତ ନିର୍ବାଚନରେ ପ୍ରାର୍ଥୀ ଦେଇ ନ ଥିବା କଂଗ୍ରେସ ଯୁବ ନେତା ୟାସିର ନୱାଜଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରସଙ୍ଗ ଉପରେ ସେ ରାଜଧାନୀରେ ଛାତ୍ର ଓ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ସ୍ୱର ଉତ୍ତୋଳନ କରି ଆସିଛନ୍ତି। ପ୍ରାର୍ଥୀ ଘୋଷଣା ପରେ ମନ୍ମଥ ଓ ଅପରାଜିତାଙ୍କୁ ସିଧାସଳଖ ଟାର୍ଗେଟ କରି କହିଛନ୍ତି, ସେମାନେ ସରକାରୀ ଚାକିରି ଛାଡ଼ି ଆସିଛନ୍ତି। କିନ୍ତୁ ସେ ଛାତ୍ର ନେତା। ଛାତ୍ର ଜୀବନରୁ ଲଢି ଆସିଛି। ସେହିପରି ମନ୍ମଥ କୁହନ୍ତି, ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ନବୀନ ସରକାରଙ୍କ ଲୋକପ୍ରିୟତା, ଜନକଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ରାଜ୍ୟ ପ୍ରଗତି ପଥରେ ଆଗେଇ ଚାଲିଛି। ବିଜେଡି ଏକ ପ୍ରଗତିଶୀଳ ଦଳ। ବିପୁଳ ଭୋଟ୍ ବ୍ୟବଧାନରେ ସେ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି ମନ୍ମଥ। ଅପରପକ୍ଷେ ଅପରାଜିତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋଜନା, ବିକଶିତ ଭାରତ ଗଠନ ପାଇଁ ଲୋକେ ଭାଜପାକୁ ଚାହୁଁଛନ୍ତି ଏବଂ ଗତ ନିର୍ବାଚନ ପରି ଚଳିତ ନିର୍ବାଚନରେ ତାଙ୍କୁ ବହୁମତ ମିଳିବ ବୋଲି କହୁଛନ୍ତି।

୨୦୧୯ରେ ଭୁବନେଶ୍ୱରରେ ଭାଜପା-ବିଜେଡି ଭିତରେ ଲଢେଇ ଦେଖିବାକୁ ମିଳିଥିଲା । ଅପରାଜିତାଙ୍କୁ କଡା ଟକ୍କର ଦେଇଥିଲେ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ। ତେବେ ନିର୍ବାଚନର ଫଳାଫଳ ଭାଜପା ପକ୍ଷରେ ଯାଇଥିଲା। ହେଲେ ସେତେବେଳେ ଭୁବନେଶ୍ୱର ଲୋକ ସଭା କ୍ଷେତ୍ରରୁ ପ୍ରାର୍ଥୀ ଦେଇ ନ ଥିଲା ବିରୋଧୀ କଂଗ୍ରେସ। ସିପିଏମ୍‌ର ଜନାର୍ଦ୍ଦନ ପଟିଙ୍କୁ କଂଗ୍ରେସ ସମର୍ଥନ କରିଥିଲା। ଚଳିତ ଥର ୟାସିର ପ୍ରାର୍ଥୀ ହୋଇଥିବାରୁ ଲଢ଼େଇ ତ୍ରିକୋଣିଆ ହେବ ବୋଲି ସମୀକ୍ଷକମାନେ ମତ ଦେଉଛନ୍ତି।

ସୁଲକ୍ଷଣାଙ୍କୁ ଭରସାକଲା ବିଜେଡି

ବ୍ରହ୍ମପୁର, ୧୭।୪ (ଅଶୋକ କୁମାର ସାହୁ)

ସାନଖେମୁଣ୍ଡି ବିଧାନସଭା କ୍ଷେତ୍ର

ସୁଲକ୍ଷଣା ଗୀତାଞ୍ଜଳି

ଆସିକା ସଂସଦୀୟ କ୍

ଏହି ଘନୀଭୂତ ଓ ଜଡୀଭୂତ ଜଡ–ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ– ଏକମାତ୍ର ଉଦ୍ଦେଶ୍ୟ। –ଶ୍ରୀଅରବିନ୍ଦ

ଆଧୁନିକ ଯୁଗର ଧାର୍ମିକ ନେତା

ଦେବଦତ୍ତ ପଟ୍ଟନାୟକ

ପାଶ୍ଚାତ୍ୟ ନେତୃତ୍ୱର ଢାଞ୍ଚାଗୁଡ଼ିକ ହେଉଛି ସାମରିକ ଶକ୍ତି କୈନ୍ଦ୍ରିକ। ଏଗୁଡ଼ିକ ମୁଖ୍ୟତଃ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣଭିତ୍ତିକ। ପାଶ୍ଚାତ୍ୟ ନେତୃତ୍ୱ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଏ ଓ ଲକ୍ଷ୍ୟ ହାସଲକରେ। ହେଲେ ଭାରତୀୟ ନେତୃତ୍ୱର ଢାଞ୍ଚାଗୁଡ଼ିକ ଜନକୈନ୍ଦ୍ରିକ। ଏହା ଲୋକଙ୍କୁ ସ୍ମରଣ କରାଇଦିଏ ଯେ ଜୀବନର ଉଦ୍ଦେଶ୍ୟ କେବଳ ଖାଇବା ନୁହେଁ, ବରଂ ଖାଇବାକୁ ଦେବା। ଖାଇବାକୁ ଦେବା ହେଉଛି ଧର୍ମ। ଯିଏ ଖୁଆଇବାକୁ ସକ୍ଷମ ସେ ହେଉଛନ୍ତି ଧର୍ମୀୟ ନେତା। ଆମ ସମସ୍ତଙ୍କର ନିଜେ ଖାଇବା ଏବଂ ଅନ୍ୟଙ୍କୁ ଖୁଆଇବାର କ୍ଷମତା ଅଛି। ଯେଉଁମାନେ ପ୍ରଥମେ ଖାଇବାକୁ ଦିଅନ୍ତି ସେମାନେ 'ଯଜମାନ'। ଅପରପକ୍ଷେ ଯେଉଁମାନେ ଏହି ସମାନ କାର୍ଯ୍ୟ କରିବା ସହ ତା' ବଦଳରେ କିଛି ଦିଅନ୍ତି ସେମାନେ 'ଦେବତା'। ଭୋକିଲା, ଭୟଭୀତ, ଭଗ୍ନ ମନ ଶ୍ରେଷ୍ଠତା ଏବଂ ତୁଚ୍ଛତା ବିଷୟରେ ଧାରଣା ସୃଷ୍ଟିକରେ। ଭଗ୍ନ ମନ ହେଉଛି ଅହମ୍ (ଅହଂକାର)। ଯୋଗ ଏଭଳି ମନକୁ ଯୋଡ଼ିବାରେ ସକ୍ଷମ।। ଅବିଭକ୍ତ ତଥା ଅବିଚଳିତ ମନ ହେଉଛି ଆତ୍ମା। ତେଣୁ ସେଭଳି ମନ ଆଖପାଖରେ ଥିବା ଲୋକଙ୍କର ଭୋକ ଏବଂ ଅସୁରକ୍ଷିତତାକୁ ଗୁରୁତ୍ୱ ଦିଏ। ସେଥିପାଇଁ ଧର୍ମୀୟ ନେତା ଯୋଗକୁ ଗୁରୁତ୍ୱ ଦିଅନ୍ତି।

ଯୋଗ ଆମକୁ ଠିକ୍ ଭାବରେ ପ୍ରତିଦାନ ଭାବ ଆଣିବାରେ ସକ୍ଷମ କରାଏ। କେବଳ ଆମର ନୁହେଁ , ଏହା ଅନ୍ୟ ଲୋକଙ୍କ କ୍ଷୁଧା ଉପରେ ଧ୍ୟାନଦେବାକୁ ମଣିଷକୁ ସକ୍ଷମ କରାଏ। ଯେତେବେଳେ ଆମେ ଯୋଗ ବିନା ଯଜ୍ଞ କରୁ, ସେତେବେଳେ ସହାନୁଭୂତି ପ୍ରଦର୍ଶନ କରିବାକୁ ଅସମର୍ଥ ହେଉ। ଜଣେ ଯଜମାନ ହେବା ପାଇଁ ସହାନୁଭୂତି ହେଉଛି ଚାବିକାଠି। ଯଜମାନମାନେ ରାବଣଙ୍କୁ ଖଳନାୟକ ଭାବେ ନ ଦେଖି ବରଂ ଆବେଗ ଓ ଅହଂକାର ଦ୍ୱାରା ନିୟନ୍ତ୍ରିତ ବୋଲି ଭାବନ୍ତି। ତେଣୁ ସମସ୍ତଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିବା ଦରକାର ପଡ଼ିଛି। ଅନ୍ୟପଟେ ରାମଙ୍କର ଏପରି ଆବେଗ ନାହିଁ। ତାଙ୍କ ବିଚାର ସନ୍ତୁଳିତ। ସେ ପୀଡ଼ିତ କିମ୍ବା ନାୟକ ନୁହନ୍ତି। ସେ ପରମାତ୍ମାଙ୍କ ସହ ଯୋଡ଼ିହୋଇ ରହିଥାନ୍ତି।

ଜଣେ ଯଜମାନ ଜାଣନ୍ତି ଯେ ସୁଖ ଓ ଶାନ୍ତି କିଛି ବି କିଛି ସ୍ଥାୟୀ ନୁହେଁ। ସବୁକିଛି ବଦଳିଯାଏ, ଏବଂ ଧୀରେ ଧୀରେ ଶେଷ ହୋଇଯାଏ। ଏଭଳି ଚିନ୍ତା ସହ କିଛି ପଦ୍ଧତି ଅବଲମ୍ବନ କରି ବିଷୟଗୁଡ଼ିକୁ ସାମାନ୍ୟ ସୁଖଦ କରିପାରିବେ। ସେହି କ୍ରମରେ ଉଗ୍ର ଆଚରଣ ହ୍ରାସ କରି ଆନନ୍ଦ ବଢ଼ାନ୍ତୁ। ମରଣଶୀଳତାକୁ ଜାଣିବା ହେଉଛି ମୂଳ କଥା, ଯାହା 'ମଖାଦେବ ଜାତକ'ରେ ବର୍ଣ୍ଣିତ ରାଜା ମଖାଦେବଙ୍କ କାହାଣୀ ସ୍ପଷ୍ଟକରେ। ଦିନେ ରାଜାଙ୍କ ନାପିତ ରାଜାଙ୍କୁ କହିଥିଲେ ଯେ ସେ ତାଙ୍କ ମୁଣ୍ଡରେ ଏକ ପାଚିଲା କେଶ ଦେଖିଛନ୍ତି। ସେହିଦିନ ରାଜା ସ୍ଥିରକଲେ ଯେ ଅବସର ନେବାର ସମୟ ଆସିଛି। ତାଙ୍କ ଦାୟିତ୍ୱ ଶେଷ

ହୋଇଗଲା।ସେ ସିଂହାସନକୁ ତୁଚ୍ଛକରି ରାଜ୍ୟ ଛାଡ଼ି ଚାଲିଗଲେ।

ମରଣଶୀଳତାରୁ ଧ୍ୟାନ ହଟାଇବାକୁ ରାଜାମାନେ ଧନ ଏବଂ କ୍ଷମତାକୁ ଅନୁସରଣ କରନ୍ତି। ରାମାୟଣରେ ରାବଣ ମରୁଥିବାବେଳେ ରାମ ତାଙ୍କୁ ଲଙ୍କାର ଆଗାମୀ ରାଜାମାନଙ୍କ ସହିତ ତାଙ୍କ ଜ୍ଞାନ ବାଣ୍ଟିବାକୁ କହିଛନ୍ତି। ରାବଣ ଦ୍ୱିଧାରେ ପଡ଼ିଛନ୍ତି, କିନ୍ତୁ ତା'ପରେ ଅନୁତାପ କରିଛନ୍ତି। ମହାଭାରତରେ ଯେତେବେଳେ ଭୀଷ୍ମଙ୍କର ମୃତ୍ୟୁ ହେଉଛି କୃଷ୍ଣ ତାଙ୍କୁ ପାଣ୍ଡବଙ୍କ ସହ ଜ୍ଞାନ ବାଣ୍ଟିବାକୁ କହୁଛନ୍ତି। ଜ୍ଞାନ ଜଣକ ପାଖରୁ ଅନ୍ୟଙ୍କୁ ଯାଏ ତାହା ବୈଷୟିକ ଜ୍ଞାନକୌଶଳଭିତ୍ତିକ ଜ୍ଞାନ ନୁହେଁ, ବରଂ ତାହା ମାନସିକ ସ୍ତରର, ଯାହା ଜଣଙ୍କର ଏକ ଅଭିଳାଷ ଏବଂ ଅସୁରକ୍ଷିତ ଭାବନାକୁ ନିୟନ୍ତ୍ରଣ କରିବ। ଏହା ଶାନ୍ତ ଏବଂ ଉଦାର ହେବା ବିଷୟରେ ଶିକ୍ଷା ଦିଏ। ଏହା କହିବା ସହଜ କିନ୍ତୁ କରିବା କଷ୍ଟକର।

ମହାଭାରତର ଆଧୁନିକ ପ୍ରକାଶନଗୁଡ଼ିକ ପାଣ୍ଡବ ଭଲ ଓ କୌରବ ଖରାପ ବୋଲି ଉପସ୍ଥାପନ କରେ। କେଉଁ ସକାରାତ୍ମକ ପରିଣାମ ସଫଳତା ଆଣେ ତାହା ଧର୍ମୀୟ ନେତାମାନେ ନିରୀକ୍ଷଣ କରନ୍ତି। ଧନ ଜଣକୁ ଧନୀ କରେ, ଶକ୍ତି ଜଣକୁ ଶକ୍ତିଶାଳୀ କରେ। ତେବେ ମହାଭାରତ କହେ, ପାଣ୍ଡବମାନେ ଶାସନ କରିବାକୁ ଏକ ରାଜ୍ୟ ପାଇଲାବେଳେ ସେମାନେ କିପରି ଅସନ୍ତୁଷ୍ଟ ହେଲେ। ପଞ୍ଚପାଣ୍ଡବ ପ୍ରତିଭାବାନ ଥିଲେ। ଫଳରେ ସେମାନଙ୍କର ସମ୍ପର୍କୀୟ ଭାଇ ଶହେ କୌରବ ଅସୁରକ୍ଷିତ ମଣୁଥିଲେ। ପାଣ୍ଡବମାନେ ଏକ ଲମ୍ବା ସଂଗ୍ରାମ କରିଥିଲେ। କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରିବା ପାଇଁ ପୈତୃକ ଜମି ଭାଗ କରାଯାଇଥିଲା ଏବଂ ପାଣ୍ଡବମାନଙ୍କୁ ଏକ ଜଙ୍ଗଲ ଦିଆଗଲା। ପାଣ୍ଡବମାନେ ସେଠାରେ ଏକ ଚମତ୍କାର ସହର ନିର୍ମାଣ କରିଥିଲେ। ସେମାନେ ତାଙ୍କ ନୂତନ ରାଜ୍ୟକୁ ସୁରକ୍ଷିତ ରଖିବା ପରିବର୍ତ୍ତେ ପାଣ୍ଡବମାନେ ଅହଂକାରୀ କୌରବଙ୍କ ସହ ଜୁଆ ଖେଳି ପ୍ରତାରିତ ହୋଇ ସେହି ରାଜ୍ୟ ହରାଇଥିଲେ। ଫଳରେ ତେର ବର୍ଷ ଧରି ପାଣ୍ଡବମାନଙ୍କୁ ଜଙ୍ଗଲରେ ରହିବାକୁ ପଡ଼ିଲା। ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଉପରେ ଚିନ୍ତାକରି ସେମାନେ ସେଠାରେ କ୍ରୋଧିତ ହୋଇପଡ଼ିଥିଲେ। କିନ୍ତୁ କୃଷ୍ଣ ସେମାନଙ୍କୁ ଜଙ୍ଗଲରୁ ଶିଖିବାକୁ କହିଥିଲେ। ଜଙ୍ଗଲ ଜୀବମାନେ ପାଣ୍ଡବଙ୍କୁ ମନେ ପକାଇ ଦେଇଥିଲେ ଯେ ପ୍ରକୃତି ଏବଂ ରାଜ୍ୟ ବଞ୍ଚିବା ପାଇଁ ସୃଷ୍ଟି ହୋଇଥିବାବେଳେ ସାମାଜିକ ସ୍ତର ଏବଂ ସମ୍ପତ୍ତି ଅହଂକାରକୁ ଉତ୍ସାହିତ କରିବା ପାଇଁ ପରିକଳ୍ପନା କରାଯାଇଛି। ନିର୍ବାସନର ଶେଷ ବର୍ଷରେ ପାଣ୍ଡବମାନଙ୍କୁ ସେବକ ଭାବେ ଲୁଚି ରହିବାକୁ ପଡ଼ିଥିଲା। ରାଜାମାନଙ୍କ ଦ୍ୱାରା ସେମାନେ ନିର୍ଯାତିତ ହୋଇଥିଲେ ଏବଂ ଧନୀ ଏବଂ ଶକ୍ତିଶାଳୀମାନେ କିପରି ସେମାନଙ୍କର ଅଧିକାରର ଅପବ୍ୟବହାର କରନ୍ତି ତାହା ସେମାନେ ଅନୁଭବ କରିଥିଲେ।

ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ଜଙ୍ଗଲ ନିର୍ବାସନ ଦଣ୍ଡ ନୁହେଁ। ରାଜାମାନେ ଶିକ୍ଷା ପାଇ ପରିବର୍ତ୍ତନ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ସମୟ। ଏହା ରାଜାମାନଙ୍କ ପାଇଁ କିଛି ଶିଖି ପରିବର୍ତ୍ତନ ହେବାର ସମୟ। ପ୍ରକୃତିର ବ୍ୟବସ୍ଥାରେ ଅନ୍ୟ ଜୀବମାନଙ୍କଠାରୁ କେହି ଶ୍ରେଷ୍ଠ କିମ୍ବା ନିକୃଷ୍ଟ ନୁହନ୍ତି, ତାହା ଅନୁଭବ କରିବାରେ ଏହା ମଧ୍ୟ ଏକ ଉପଯୁକ୍ତ ସମୟ। ରାଜାମାନେ ଏକ ସଂସ୍କୃତି ପ୍ରତିଷ୍ଠା କରିପାରନ୍ତି ଯେଉଁଠାରେ ସମସ୍ତେ ସେମାନଙ୍କୁ ସମ୍ମାନ କରନ୍ତି କିମ୍ବା ଭୟ କରନ୍ତି। କିନ୍ତୁ ବୁଝିବାକୁ ହେବ ଯେ, ସେମାନେ କେବଳ ଜୀବ, କେତେକ ପରିସ୍ଥିତିରେ ସେମାନେ ଶକ୍ତିଶାଳୀ ଏବଂ ଅନ୍ୟ କେତେକ କ୍ଷେତ୍ରରେ ସେମାନେ ଦୁର୍ବଳ। ପାଣ୍ଡବମାନେ ଅନୁଭବ କରିଥିଲେ, ସେମାନଙ୍କ ପାଖରେ ଧନ ଏବଂ ଶକ୍ତି ଥିଲାବେଳେ ସେମାନେ ଅହଂକାରୀ ହୋଇଯାଇଥିଲେ। ସେମାନେ ରାଜ୍ୟକୁ ନେଇ ସେମାନଙ୍କ ଅସ୍ତିତ୍ୱ ଥିଲା , ସେମାନଙ୍କୁ ନେଇ ରାଜ୍ୟର ଅସ୍ତିତ୍ୱ ନ ଥିଲା ବୋଲି ସେମାନେ ଭୁଲିଗଲେ। ରାଜ୍ୟ ଜୁଆ ଖେଳିବାର ସମ୍ପତ୍ତି ନ ଥିଲା।

ଯେଉଁ ରାଜାମାନେ ଧର୍ମର ମହତ୍ତ୍ୱ ବୁଝନ୍ତି ନାହିଁ ସେମାନଙ୍କୁ ପର୍ଶୁରାମ ଦଣ୍ଡ ଦିଅନ୍ତି। ରାମ ହେଉଛନ୍ତି ଜଣେ ରାଜା ଯିଏ ଧର୍ମକୁ ଗୁରୁତ୍ୱ ଦିଅନ୍ତି। କୃଷ୍ଣ ଜଣେ ଗୋପାଳକ, ପୃଥିବୀର ଯତ୍ନ ନେଉଥିବା ବ୍ୟକ୍ତିର ପ୍ରତୀକ। ତାଙ୍କର ରାଜା ହେବା ଦରକାର ନାହିଁ। ପ୍ରକୃତି ଓ ସମାଜର ତଥା ସଂସ୍କୃତିର କିପରି ରକ୍ଷାକର୍ତ୍ତା ହୋଇପାରିବ ତାହା ସେ ରାଜାମାନଙ୍କୁ ଶିଖାଉଛନ୍ତି। ରାଜଧର୍ମ ରାଜ୍ୟଗୁଡ଼ିକୁ ଦଖଲ କରି ସାମ୍ରାଜ୍ୟ ବିସ୍ତାର କରିବା କିମ୍ବା ଜୁଆ ଖେଳରେ ତାହାକୁ ହରାଇବାକୁ ବୁଝାଏ ନାହିଁ। ଶାସନ କରୁଥିବା ଲୋକଙ୍କୁ ଦେବତା ଭାବରେ ବ୍ୟବହାର କରିବା ପାଇଁ ଏହା ଉଦ୍ଦିଷ୍ଟ। ତୁମର ଯାହା ଅଛି କିମ୍ବା ସେମାନେ ଯାହା ଚାହାନ୍ତି ତାହା ସେମାନଙ୍କୁ ଦିଅ ଏବଂ ସେହିପରି କରିବାକୁ ସେମାନଙ୍କୁ ଉତ୍ସାହିତ କର। ଯେତେବେଳେ ଦେବତା ଜଣେ ଯଜମାନ ହେବାକୁ ଚେଷ୍ଟା କରନ୍ତି ସେତେବେଳେ ସବୁଠାରୁ ବଡ଼ ଲାଭ ମିଳେ।

–devduttofficial@gmail.com

ବୁଝ ନ ବୁଝ...

ରାକେଶ ପଣ୍ଡା

ସାଧାରଣତଃ ଯଦି ଜଣେ ବ୍ୟକ୍ତି ନୀତି ଓ ନିୟମ ବାହାରେ କାର୍ଯ୍ୟ କରନ୍ତି, ତେବେ ସମାଜରେ ବିଶୃଙ୍ଖଳା ଏବଂ ଅରାଜକତା ସୃଷ୍ଟି ହୋଇଥାଏ ଏବଂ ଜୀବନ ନିର୍ବାହ ଦୁର୍ବିଷହ ହୋଇପଡେ। ଏଣୁ ପ୍ରତିଟି ମଣିଷ ନିଜର ଜୀବନଶୈଳୀ ଓ ଚଳଣିକୁ ଆଦର୍ଶ କରିବା ଜରୁରୀ। ଯେଉଁ ଆଦର୍ଶ ଜୀବନଟିଏ ବଞ୍ଚିବା ପାଇଁ ଏକ ସଜଡା ମାର୍ଗର ଆବଶ୍ୟକତା ରହିଅଛି ସେଥିଲାଗି ସମାଜରେ କିଛି ସାମାଜିକ ନୀତି, ନିୟମ ଏବଂ ଜୀବନ ଦର୍ଶନର ଅନେକ ଗୁରୁତ୍ୱ ରହିଥାଏ। ଏହାଛଡା ଉକ୍ତ ମାର୍ଗ ଦର୍ଶନ ନିମନ୍ତେ ଜଣେ ଗୁରୁ ଓ ଗ୍ରନ୍ଥର ଆବଶ୍ୟକତା ମଧ୍ୟ ରହିଛି, ଯାହା ଜୀବନର ଚଳାବାଟକୁ ସୁଗମ,ସରଳ ଓ ସହଜ କରିଥାଏ। ତେବେ ବିଭିନ୍ନ ପବିତ୍ର ଗ୍ରନ୍ଥରେ ବର୍ଣ୍ଣିତ ନୈତିକତା ହେଉଛି ଏକ ନୈତିକ ନୀତି ଯାହା ଲୋକଙ୍କ ଆଚରଣ, ନିଷ୍ପତ୍ତି ଏବଂ କାର୍ଯ୍ୟକୁ ବିଶୁଦ୍ଧ କରିବା ସହ ମାର୍ଗଦର୍ଶନ କରିଥାଏ। ଏହି ନୀତିଗୁଡ଼ିକ ଠିକ୍ ଭୁଲ, ଭଲ ମନ୍ଦ ଏବଂ ନ୍ୟାୟ ଅନ୍ୟାୟ ଧାରଣା ଉପରେ ଆଧାରିତ। ଯାହା କି ଜୀବନ ମୂଲ୍ୟବୋଧ ଓ ବ୍ୟକ୍ତିଗତ ଆଚରଣର ଆଦର୍ଶ ବିକାଶ କରିଥାଏ।

ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ସାଧୁ ଏବଂ ବିଦ୍ୱାନମାନଙ୍କର ଶିକ୍ଷା ହିଁ ଆମ ସଂସ୍କୃତିକୁ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ନେଇ ଆସିବାରେ ଏକ ସକ୍ରିୟ ଭୂମିକା ଗ୍ରହଣ କରିଛି। ବେଦ, ପୁରାଣ, ଗୀତା, ମହାଭାରତ, ରାମାୟଣ ଇତ୍ୟାଦି ପବିତ୍ର ଗ୍ରନ୍ଥମାନ ଭାରତୀୟ ସଂସ୍କୃତିର ଆଧାର। ଉକ୍ତ ସମସ୍ତ ଶାସ୍ତ୍ରଗୁଡ଼ିକ ମଧ୍ୟରେ ଶ୍ରୀମଦ୍ ଭଗବଦ ଗୀତାକୁ ପ୍ରଥମ ସ୍ଥାନ ଦିଆଯାଇଛି। ଏଥିରେ ସମୁଦାୟ ଅଠର ଗୋଟି ଅଧ୍ୟାୟ ଏବଂ ପ୍ରାୟ ସାତଶହ ସଂସ୍କୃତ ଶ୍ଳୋକ ରହିଅଛି। ଚାରି ବେଦର ସମ୍ପୂର୍ଣ୍ଣ ସୂଚନାକୁ ମିଶାଇ ଗୀତାର ସୃଷ୍ଟି। ଭାରତୀୟ ସଂସ୍କୃତିର ଏକ ଅଂଶ ଭାବରେ ସହନଶୀଳତାର ଆତ୍ମା ଗୀତାରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥାଏ। ଏଥିରେ ବର୍ଣ୍ଣିତ ପଦଗୁଡ଼ିକ ଜଣେ ବ୍ୟକ୍ତିଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିରୁ ବାହାରିବାରେ ସାହାଯ୍ୟ କରିଥାଏ। ଜଣେ ବ୍ୟକ୍ତି କିପରି ନିଜ ଜୀବନ ବଞ୍ଚିବା ଉଚିତ, କିପରି ସେ ଅନ୍ୟକୁ ନିଜର ବ୍ୟବହାର ପ୍ରଦର୍ଶନ କରିବା ଜରୁରୀ, ନିଜ ଭିତରେ କିପରି ସଂଶୋଧନ ଓ ପରିଶୋଧନ ସମ୍ଭବ ତାହା ଗୀତା ଜଣେ ବ୍ୟକ୍ତିକୁ ଶିକ୍ଷା ଦିଏ। ଲୋକଙ୍କୁ ବଞ୍ଚିବା ଶିଖାଇବା ଓ ଉଦ୍ଧାର କରିବା ହେଉଛି ଗୀତାର ମୂଳ ଉଦ୍ଦେଶ୍ୟ।

ମହାଭାରତ ଯୁଦ୍ଧରେ ଯେତେବେଳେ କୌରବ ଏବଂ ପାଣ୍ଡବଙ୍କ ସୈନ୍ୟ ପରସ୍ପର ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲେ, ସେହି ସମୟରେ ଅର୍ଜୁନ ନିଜର ସମସ୍ତ ସମ୍ପର୍କୀୟଙ୍କୁ ବିପରୀତ ପାର୍ଶ୍ୱରେ ଦେଖି ଯୁଦ୍ଧ ଛାଡି ନିଜର ପରାଜୟ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଅର୍ଜୁନଙ୍କୁ ଯୁଦ୍ଧରୁ ବିମୁଖ ହେବା ଅନୁଭବ କରି ଶ୍ରୀକୃଷ୍ଣ ତାଙ୍କୁ ଆତ୍ମାର ପ୍ରକୃତିକୁ ସ୍ପଷ୍ଟ ଭାବରେ ବୁଝାଇଥିଲେ ଏବଂ ଜୀବନ ବାସ୍ତବତାର ମହାନ୍ ଦର୍ଶନ ପ୍ରଦାନ କରିଥିଲେ। ଅର୍ଜୁନଙ୍କୁ ତାଙ୍କ କର୍ତ୍ତବ୍ୟ ପାଳନ କରିବାକୁ ସେ ପ୍ରେରଣା ଦେଇଥିଲେ ଏବଂ କର୍ମଯୋଗ ମାଧ୍ୟମରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣଙ୍କର ଉକ୍ତ ଉପଦେଶ ଅର୍ଜୁନଙ୍କୁ ଜୀବନର ବାସ୍ତବତା ଓ ନିଜର କର୍ତ୍ତବ୍ୟ ସବୁକୁ ଅନୁଭବ କରାଇବାରେ ସମ୍ପୂର୍ଣ୍ଣ ସହାୟକ ହୋଇଥିଲା।

ତେବେ ଗୀତାର ଶିକ୍ଷା କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ, ଭାଷା, ଜାତି କିମ୍ବା ଧର୍ମ ପାଇଁ ସୀମିତ ନୁହେଁ। ଏହା ପ୍ରତିଟି ମଣିଷ ନିମନ୍ତେ ସର୍ବଭାରତୀୟ ତଥା ସମଗ୍ର ବିଶ୍ୱର ଜନତାଙ୍କ ପାଇଁ ଉଦ୍ଦିଷ୍ଟ। ବର୍ତ୍ତମାନ ଦେଶ ତଥା ବିଦେଶରେ ଗୀତା ପାଠ କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ପାଶ୍ଚାତ୍ୟ ବୁଦ୍ଧିଜୀବୀମାନେ ଗୀତା ବିଷୟରେ କୁହନ୍ତି ଯେ ସମସ୍ତ ଆଧୁନିକ ଭାଷାର ଗୀତ ମଧ୍ୟରେ ଗୀତା ସବୁଠାରୁ ସୁନ୍ଦର, ଅମୂଲ୍ୟ ଏବଂ ଦାର୍ଶନିକ। ହେଲେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ବର୍ତ୍ତମାନ ସମୟରେ ଅନେକ ଭାରତୀୟ ଗୀତାକୁ ନିଜ ଜୀବନର ଏକ ଅଂଶ ଭାବରେ ଗ୍ରହଣ କରିବାକୁ ଆଗ୍ରହୀ ନୁହନ୍ତି ! କିନ୍ତୁ ଆମର ସମାଜରେ ଏକ ମହତ୍ତ୍ୱପୂର୍ଣ୍ଣ ଲୋକକଥା ରହିଛି, ରୁଚୁ ନ ରୁଚୁ ଖାଅ ପିତା, ବୁଝ ନ ବୁଝ ପଢ ଗୀତା। ଅର୍ଥାତ୍ ସ୍ୱାସ୍ଥ୍ୟ ପ୍ରତି ପିତାଯୁକ୍ତ ଖାଦ୍ୟର ଉପକାରିତା ଓ ହିତକୁ ଅନୁଭବ କରି ତାହା ପାଟିକୁ ଭଲ ଲାଗୁ ଅବା ନ ଲାଗୁ ପ୍ରତ୍ୟହ ପ୍ରତ୍ୟେକ ବ୍ୟକ୍ତି ଗ୍ରହଣ କରିବା ଉଚିତ। ଠିକ୍ ସେହିପରି ଗୀତା ତଥା ଏହାର ଅମୂଲ୍ୟ ବାଣୀକୁ ବୁଝ ଅବା ନ ବୁଝ ତାକୁ ପ୍ରତ୍ୟହ ପଠନ ତଥା ଅଧ୍ୟୟନ କରିବା ଉଚିତ। କୁହାଯାଏ ଯଦି ଜଣେ ମୂର୍ଖ ବ୍ୟକ୍ତି ଥରେ ମଧ୍ୟ ଗୀତାର ଶିକ୍ଷାକୁ ଅନୁକରଣ କରେ ତେବେ ତାକୁ ଜ୍ଞାନପ୍ରାପ୍ତ ହୋଇଥାଏ। ଯାହାର ଶବ୍ଦ ଏବଂ ବାକ୍ୟଗୁଡିକ ଏତେ ଶକ୍ତିଶାଳୀ ଯେ ତାକୁ କେବଳ ଶୁଣିବା ଦ୍ୱାରା ହିଁ ମୋକ୍ଷପ୍ରାପ୍ତି ହୁଏ।

ବନ୍ଦାଳୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

ଏଇ ଭାରତରେ

ମହାରାଷ୍ଟ୍ରର ହରିଶ୍ଚନ୍ଦ୍ର ସୁଦେ ଦିବ୍ୟାଙ୍ଗମାନଙ୍କୁ ଆତ୍ମନିର୍ଭରଶୀଳ କରାଇ ସେମାନଙ୍କ ପାଇଁ ଦେବଦୂତ ସାଜିଛନ୍ତି। ହରିଶ୍ଚନ୍ଦ୍ର ପିଲାଦିନେ ଗୋଟିଏ ଆଖି ହରାଇବା ପରେ ବହୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ବଢ଼ିଛନ୍ତି। ଏହା ସତ୍ତ୍ୱେ ସେ 'ଗ୍ରାମୀଣ ଶ୍ରମିକ' ପ୍ରତିଷ୍ଠାନ' ଗଢ଼ି ଦୃଷ୍ଟିବାଧିତଙ୍କ ସହ ଅନ୍ୟ ଦିବ୍ୟାଙ୍ଗମାନଙ୍କୁ କୌଶଳଭିତ୍ତିକ ପ୍ରଶିକ୍ଷଣ ଦେଉଛନ୍ତି। ଏବେସୁଦ୍ଧା ସେ ୧,୦୦୦ରୁ ଅଧିକ ଦିବ୍ୟାଙ୍ଗଙ୍କୁ ସଶକ୍ତ କରିସାରିଲେଣି। ଏହି କାର୍ଯ୍ୟ ପାଇଁ ତାଙ୍କ ଯାତ୍ରା ବହୁ କଠିନ ଥିଲା। ପ୍ରଥମେ ସେ ଗ୍ରାମୀଣ ଶ୍ରମିକ ପ୍ରତିଷ୍ଠାନ ଏକ ଝୋପଡ଼ିରୁ ଆରମ୍ଭ କରିଥିଲେ। ପରେ ଲାଟୁର ଜିଲାର ବୁଧୋଦା ଗାଁରେ ଜମି କିଣି ଘର କରିଥିଲେ। ଏଥିରେ ତାଙ୍କୁ ତାଙ୍କ ପିତାଙ୍କ ସହଯୋଗ ମିଳିଥିଲା। ଏହି କାର୍ଯ୍ୟ ଆରମ୍ଭ କରିବା ସମୟରେ ତାଙ୍କୁ ପାଗଳ ବୋଲି ଲୋକେ କହୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେ ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ହରିଶ୍ଚନ୍ଦ୍ରଙ୍କ ପୁଅ ପ୍ରଶାନ୍ତ ଏହି କାର୍ଯ୍ୟରେ ଏବେ ତାଙ୍କୁ ସହଯୋଗ କରୁଛନ୍ତି।

୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୮ ଏପ୍ରିଲ ୧୯୭୫

- ଆନ୍ଧ୍ର ପ୍ରଦେଶର ପୂର୍ବତନ ରାଜ୍ୟପାଳ ଖଣ୍ଡୁଭାଇ ଦେଶାଇଙ୍କ ୭୭ ବର୍ଷ ବୟସରେ ପରଲୋକ।
- ଭାରତର ପୂର୍ବତନ ରାଷ୍ଟ୍ରପତି ଏବଂ ବିଶ୍ୱବିଖ୍ୟାତ ଦାର୍ଶନିକ, ଲେଖକ, ରାଷ୍ଟ୍ରନୀତି ବିଶାରଦ, ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୮୬ ବର୍ଷ ବୟସରେ ପରଲୋକ।
- ସିହାନୁକ୍‌ଙ୍କ ସୈନ୍ୟବାହିନୀ ଦ୍ୱାରା ରାଜଧାନୀ ନମକେନ ଅଧିକୃତ ହୋଇଥିବା ରାଜକୁମାର ସିହାନୁକ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି।

su|do|ku
Puzzles by Srikant Ghosh

ସୁ–ଡୋ–କୁ

	3		4					9
	6	2	1					
					6	7		3
			5					2
	4				7			
9								
	9		2				8	
				6	9			
2		6		1			5	

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

ସଂକ୍ଷେପରେ

ଉଦୟଭାନୁ ସାହିତ୍ୟ ସଂସଦର କବିତା ପାଠ ଉତ୍ସବ

ସିଂହପୁର,୧୭।୪(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରୁଣେଇ ପୀଠରେ ଉଦୟଭାନୁ ସାହିତ୍ୟ ସଂସଦର ବିଷୁବ ମିଳନ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରଜସୁନ୍ଦର ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜଗନ୍ନାଥ ଧଳ, ସମ୍ମାନିତ ଅତିଥି ଶିକ୍ଷାବିତ ବଟକୃଷ୍ଣ ମଲ୍ଲିକ, ଖବରଦାତା ଅନିରୁଦ୍ଧ ବେଉରିଆ, ବିଶିଷ୍ଟ ଅତିଥି ଭାବେ ରବିନାରାୟଣ ସାମଲ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଦାମୋଦର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗଦାଧର ପଢ଼ିହାରୀ, ବଟକୃଷ୍ଣ ପଣ୍ଡା କବିତା ସଂଯୋଜନା କରିଥିଲେ। ନାଗରିକ ମଞ୍ଚ ସମ୍ପାଦକ ସୁଶାନ୍ତ କୁମାର ନାୟକ, ଶ୍ରୀଧର ସାହୁ, ସୁରେନ୍ଦ୍ର ପତି, ନିରଞ୍ଜନ ଦାସ, କୈଳାସ ବେହୁରିଆ ଓ ବିଷ୍ଣୁଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ ମଲ୍ଲିକ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପ୍ରମୋଦ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

ଗାଡ଼ିରୁ ବ୍ୟାଟେରି, ତେଲ ଚୋରି

ଛତିଆ,୧୭।୪(ସୌମ୍ୟ ରଞ୍ଜନ ସାହୁ): ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଛତିଆ କଲେଜ ନିକଟରେ ଠିଆ ହୋଇଥିବା ଏକ ଟ୍ରକରୁ ତେଲ ସହିତ ଗାଡ଼ିର ଦୁଇ ବ୍ୟାଟେରି ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଓଡି-୦୫-ଆର୍-୭୫୫୫ ନମ୍ବର ବିଶିଷ୍ଟ ବଲକର୍ ଟ୍ରକକୁ ଛତିଆ ଇଚ୍ଛାନଗର ପାଟଣା ଗ୍ରାମର ଚାଳକ ସହଦେବ ବାରିକ ରାତି ୨ଟାରେ ଏଠାରେ ରଖି ଘରକୁ ଯାଇଥିଲେ। କିଛି ସମୟ ପରେ ଆସି ଦେଖିବାକୁ ପାଇଥିଲେ ଯେ, ଗାଡ଼ିରେ କିଛି ଲୋକ ଲାଗୁଥିଲେ। ଏହାଦେଖି ସେ ବିରୋଧ କରିଥିଲେ। ମାତ୍ର ତାଙ୍କ ଗାଡ଼ିଠାରୁ କିଛି ଦୂରରେ ଥିବା ଏକ ସ୍କର୍ପିଓରୁ ହଠାତ୍ ୫ ଜଣ ଯୁବକ ଆସି ତାଙ୍କୁ ମାଡ ମାରିବା ସହ ଗାଡ଼ି ଟାଙ୍କି କାଟି ତେଲ ଓ ବ୍ୟାଟେରି ନେଇ ଚମ୍ପଟ ମାରିଥିଲେ। ଏନେଇ ସେ ଛତିଆ ବଟ ହାଉସରେ ଅଭିଯୋଗ କରିଥିଲେ।

ପାଣିକୋଇଲି ମହାବୀର କଲୋନିରେ ଅଷ୍ଟପ୍ରହରୀ

ପାଣିକୋଇଲି,୧୭।୪(ବିକାଶ ମଲ୍ଲିକ): କୋରେଇ ବ୍ଲକ୍ ଅଧୀନ ପାଣିକୋଇଲିସ୍ଥିତ ମହାବୀର କଲୋନିର ମହାବୀର ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହାବୀର ଜୟନ୍ତୀ ଅବସରରେ କଲୋନୀବାସୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିଥିଲେ। ପୂଜକ ଭାବେ ରାମ ଚନ୍ଦ୍ର ପାଢ଼ୀ ଓ କର୍ତ୍ତାଭାବେ ସଞ୍ଜୟ କୁମାର ବେହେରା କାର୍ଯ୍ୟ ତୁଲାଇଥିଲେ। ସନ୍ତୋଷ କୁମାର ବେହେରା, ଶରତ ଚନ୍ଦ୍ର ସାହୁ, ଅର୍ଜୁନ ଚରଣ ଦଳାଇ, ସୁଧାଂଶୁ ସ୍ୱାଇଁ, ପ୍ରଭାକର ଦାସ ଓ ବିଷ୍ଣୁମୋହନ ବେହେରାଙ୍କ ସମେତ ସମସ୍ତ କଲୋନୀ ସଦସ୍ୟ ସହଯୋଗ କରିଥିଲେ।

ସହରାଞ୍ଚଳରେ ଛୁଇଁନି ୮୦% ମତଦାନ

ଯାଜପୁର,୧୭।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର କୋରେଇ ଓ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁଇ ପ୍ରମୁଖ ସହର ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳ ରହିଛି। ତେବେ ଗତ ୩ ସାଧାରଣ ନିର୍ବାଚନକୁ ଅବଲୋକନ କଲେ ଏଠାରେ ଭୋଟରମାନଙ୍କ ମଧ୍ୟରେ ମତଦାନକୁ ନେଇ ଅରୁଚି ରହିଥିବା ଦେଖିବାକୁ ମିଳିଛି। ଏହି ୩ ନିର୍ବାଚନରେ କୋରେଇ ଓ ଯାଜପୁର ଭଳି ସହରାଞ୍ଚଳ ବିଧାନସଭା ନିର୍ବାଚନରେ ଭୋଟ ହାର ୮୦ ପ୍ରତିଶତ ଛୁଇଁ ପାରିନାହିଁ। ସହରାଞ୍ଚଳ ଭୋଟର ଅଧିକ ସଚେତନ ବୋଲି ବିବେଚନା କରାଯାଉଥିଲେ ମଧ୍ୟ ତାହା ଭୁଲ ପ୍ରମାଣିତ ହେଉଛି। ଅନ୍ୟପକ୍ଷେ ଆଦିବାସୀ ବହୁଳ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଗତ ୩ ନିର୍ବାଚନରେ ସର୍ବାଧିକ ମତଦାନ ହୋଇଆସିଛି। ପ୍ରଶାସନିକ, ବ୍ୟବସାୟିକ ଓ ସାମାଜିକ ଦୃଷ୍ଟିରୁ ବ୍ୟାସନଗର ସହର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ। କୋରେଇ ନିର୍ବାଚନମଣ୍ଡଳୀରେ ବ୍ୟାସନଗର ସହର ରହିଛି। ଏହି ନିର୍ବାଚନମଣ୍ଡଳୀରେ ୨,୭୦,୩୨୪ ଲୋକସଂଖ୍ୟା ମଧ୍ୟରୁ ୨,୦୭,୨୮୩ ଭୋଟର ରହିଛନ୍ତି। ଏଥିରେ ୧,୦୬,୪୨୧ ପୁରୁଷ. ୧,୦୦,୮୩୮ ମହିଳା ଏବଂ ୨୪ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଏଠାରେ ୨୦୦୯ରେ ୬୬.୯୬%, ୨୦୧୪ରେ ୭୫.୭୧% ଓ ୨୦୧୯ରେ ୭୪.୭% ମତଦାନ ହୋଇଥିଲା। ସେହିପରି ଯାଜପୁର ସହର ରହିଥିବା ଯାଜପୁର ନିର୍ବାଚନ ମଣ୍ଡଳୀରେ ୨୦୦୯ରେ ୬୬.୪୪%, ୨୦୧୪ରେ ୭୩.୭୩ ଓ ୨୦୧୯ରେ ୭୦.୭୯% ମତଦାନ ହୋଇଥିଲା। ଅନ୍ୟପକ୍ଷରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଖଣି ତଥା ଶିଳ୍ପ ଶ୍ରମିକମାନେ ଗଣତାନ୍ତ୍ରିକ ଅଧିକାର ପ୍ରତି ସର୍ବାଧିକ ସଚେତନତା ଦେଖାଇ ଆସୁଛନ୍ତି। ଏଠାରେ ୮୪.୩୫% ଏବଂ ୨୦୧୯ରେ ୭୯.୭୮% ରହିଥିଲା। ୨୦୦୯ରେ କଂଗ୍ରେସର ଶରତ ରାଉତ ମାତ୍ର ୨୪୦୩ ଭୋଟ ବ୍ୟବଧାନରେ ପ୍ରଫୁଲ୍ଲଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୧୪ରେ ମଧ୍ୟ ଶରତ ମାତ୍ର ୪,୭୦୭ ଭୋଟ ବ୍ୟବଧାନରେ ପ୍ରୀତିରଞ୍ଜନ ଘଡେଇଙ୍କଠାରୁ ପରାଜିତ ହୋଇଥିଲେ। ୨୦୧୯ରେ କଂଗ୍ରେସ ତୃତୀୟ ସ୍ଥାନକୁ ଖସିଯାଇଥିବାବେଳେ ଭାଜପାର ପ୍ରଦୀପ ବଳସାମନ୍ତ ୧୬,୭୩୦ ଭୋଟ ବ୍ୟବଧାନରେ ଘଡେଇଙ୍କଠାରୁ ହାରିଥିଲେ। କିନ୍ତୁ ଏଥର ସ୍ଥିତି ବଦଳିଛି। ଖଣି ଓ ଶିଳ୍ପ ସମୃଦ୍ଧ ଏହି ନିର୍ବାଚନମଣ୍ଡଳୀରେ ଯୁବ ଭୋଟରମାନଙ୍କ ମଧ୍ୟରେ ଅଧିକ ସଚେତନତା ଦେଖାଦେଇଛି। ଏହି ୫ ବର୍ଷରେ ସ୍ଥାନୀୟ ନିଯୁକ୍ତି ଏବଂ ଜମି ଅଧିଗ୍ରହଣ ଓ ବିସ୍ଥାପିତମାନଙ୍କୁ ଅବହେଳା ଅଭିଯୋଗରେ ବହୁ ଆନ୍ଦୋଳନ, ପ୍ରତିବାଦ ଆଦି ହୋଇଆସିଛି। ଏହା ଆଗାମୀ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିପାରେ ବୋଲି ଚର୍ଚ୍ଚା ହେଉଛି। ବିଞ୍ଝାରପୁର ଓ ବରୀ ଆସନରେ ମତଦାନ ହାର ନୈରାଶ୍ୟଜନକ ରହିଆସିଛି। ପ୍ରଶାସନ ଶତପ୍ରତିଶତ ମତଦାନ କରିବାକୁ ତତ୍ପର ଥିବାବେଳେ ଭୋଟମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧିପାଇଲେ ଭୋଟହାର ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଇଛି।

୩ ନିର୍ବାଚନର ମତଦାନ ହାର (ପ୍ରତିଶତରେ)

ନିର୍ବାଚନମଣ୍ଡଳୀ	୨୦୧୯	୨୦୧୪	୨୦୦୯
ବିଞ୍ଝାରପୁର	୬୬.୧୪	୬୭.୫୨	୬୦.୫୧
ବରୀ	୬୯.୭୨	୭୦.୧୩	୫୮.୮୭
ବଡ଼ଚଣା	୭୪.୪୬	୭୬.୮୮	୬୬.୮୨
ଧର୍ମଶାଳା	୭୭.୯୯	୮୧.୫୭	୭୪.୦୯
ଯାଜପୁର	୭୦.୭୯	୭୨.୧୨	୬୩.୮୪
କୋରେଇ	୭୪.୭	୭୫.୭୧	୬୬.୯୬
ସୁକିନ୍ଦା	୭୯.୭୮	୮୪.୩୫	୭୬.୪୪

ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଅତିଥିମାନେ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ଧର୍ମଶାଳା,୧୭।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବିଜେଡି ପକ୍ଷରୁ ବୁଧବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ନେଉଳପୁରସ୍ଥିତ ଧର୍ମଶାଳା ଭବନ ପରିସରରେ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିବା ସହିତ ଛାତ୍ର ଜୀବନରେ ସେ କିପରି ବିଜୁଙ୍କ ସଂସ୍ପର୍ଶରେ ଆସିଥିଲେ ତାହା ବର୍ଣ୍ଣନା କରିଥିଲେ। ବିଜୁ ବାବୁଙ୍କ ନାମରେ ଗଠିତ ଦଳକୁ ଧର୍ମଶାଳାର ଜନସାଧାରଣ ସର୍ବାଧିକ ଭଲ ପାଇବା ଦେଇଥିବାରୁ ବିଧାୟକ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ୩ୟ ଥର ପାଇଁ ଧର୍ମଶାଳାବାସୀଙ୍କ ସେବା କରିବାକୁ ସୁଯୋଗ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ନବୀନ ଓଡ଼ିଶା ଗଠନ ପାଇଁ ସମସ୍ତେ ଚେଷ୍ଟିତ ହେବାକୁ ଶପଥ ପାଠ କରିଥିଲେ। ଅନେକ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ବିଜୁ ବାବୁଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକ ସଭାପତି ଜଳଧର ମହାନ୍ତି ସଭାପତିତ୍ୱ କରିଥିବାବେଳେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଭାରେ ୪୫ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଜିଲା ପରିଷଦ ସଭ୍ୟାସଭ୍ୟ ଓ ବିଜେଡିର କର୍ମକର୍ତ୍ତା ଯୋଗ ଦେଇଥିଲେ।

ବିଚିତ୍ରପୁରରେ ବିଜେଡିର କର୍ମୀ ସମ୍ମିଳନୀ

ବିଜେଡି କର୍ମୀମାନେ ଏମ୍‌ପି ଓ ବିଧାୟିକା ପ୍ରାର୍ଥୀଙ୍କୁ ସମର୍ଦ୍ଧିତ କରୁଛନ୍ତି।

ଯାଜପୁର ଟାଉନ,୧୭।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ବ୍ଲକ ଅଧୀନ ବିଚିତ୍ରପୁର ପଞ୍ଚାୟତରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସୁଜାତା ସାହୁ ଏବଂ ଯାଜପୁର ଲୋକ ସଭା ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ସାମିଲ ହୋଇ ଆଗାମୀ ନିର୍ବାଚନ ପାଇଁ ଭୋଟ ଭିକ୍ଷା କରିଛନ୍ତି। ସ୍ଥାନୀୟ ସରପଞ୍ଚ ଦେବାଶିଷ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ଯାଜପୁର ବିଧାୟିକଙ୍କ ପ୍ରତିନିଧି ଭବପ୍ରସାଦ ଦାସ ଯୋଗଦେଇ ଯାଜପୁରରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ପାଇଁ ଉଭୟ ବିଧାୟିକା ଏବଂ ସାଂସଦ ପ୍ରାର୍ଥିନୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସଭା ପୂର୍ବରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଆୟୋଜନ କରାଯାଇ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଏଥିରେ ବିଜେଡି ଜିଲା ଉପସଭାପତି ପ୍ରକାଶ ତ୍ରିପାଠୀ, ଗଣେଶ ମହାକୁଡ଼, ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ, ଜିଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ସବିତା ରାଉତ, ଉପସଭାନେତ୍ରୀ ସମ୍ମିତା ସାହୁ, ଦିଲୀପ ଜେନା ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ବେହୁରିଆଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ରହି ପ୍ରାର୍ଥିନୀମାନଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ଶହ ଶହ ବିଜେଡି କର୍ମୀ ସାମିଲ ହୋଇଥିଲେ।

ଉପେନ୍ଦ୍ର ମିଶ୍ର ସ୍ମୃତି ସଂସଦ ଗଠିତ

ଯାଜପୁର ଟାଉନ,୧୭।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାର ଆଦର୍ଶ ଶିକ୍ଷକ, ସଂସ୍କାରକ ତଥା ସାମାଜିକ କର୍ମୀ ଉପେନ୍ଦ୍ର ଚନ୍ଦ୍ର ମିଶ୍ରଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଏକ ସ୍ମୃତି ସଂସଦ ଗଠନ କରାଯାଇଛି। ମିଶ୍ରଙ୍କ ଜନ୍ମସ୍ଥାନ ଏବଂ କର୍ମଭୂମି ଜିଲାର ବରୀ ବ୍ଲକ ଅନ୍ତର୍ଗତ ଅଟିରାଠାରେ ତାଙ୍କ ପୁତ୍ର ଶିକ୍ଷାବିତ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ଆବାହକତ୍ୱ କ୍ରମେ 'ଉପେନ୍ଦ୍ର ମିଶ୍ର ସ୍ମୃତି ସଂସଦ' ଗଠିତ ହୋଇଛି। ଏଥିରେ ସଭାପତି ଭାବେ ପ୍ରଫେସର ମୋହନ ଚରଣ ଦାଶ, ଉପସଭାପତି କୈଳାସ ଚନ୍ଦ୍ର ନାୟକ, ସମ୍ପାଦକ ଅଧ୍ୟାପକ ଦାମୋଦର ବେହେରା, ସହ ସମ୍ପାଦକ ଗିରିଶ ବିହାରୀ ମିଶ୍ର ଓ କୋଷାଧ୍ୟକ୍ଷଭାବେ ଏଲିନା ମିଶ୍ର ରହିଛନ୍ତି। ଏତଦ୍‌ବ୍ୟତୀତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ କାର୍ଯ୍ୟକାରିଣୀ କମିଟିରେ ରଖାଯାଇଛି।

ରାମନବମୀ ପାଳିତ

ରାମନବମୀ ଅବସରରେ ଯୋଗ କରାଯାଉଛି।

ଯାଜପୁରରୋଡ଼,୧୭।୪(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ପତଞ୍ଜଳି ଭାରତ ସ୍ୱାଭିମାନ ଟ୍ରଷ୍ଟ ଓ ବ୍ୟାସନଗର ପତଞ୍ଜଳି ଭାରତ ସ୍ୱାଭିମାନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ରାମନବମୀ ଉତ୍ସବ ଓ ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ୩୦ତମ ସନ୍ନ୍ୟାସ ଦୀକ୍ଷା ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଥମେ ପ୍ରାତଃ ୫ଟାରେ ସମୂହ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏହାପରେ ବିଶ୍ୱ କଲ୍ୟାଣ ପାଇଁ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। ରମାନବମୀରେ ରାମଦେବ ସନ୍ନ୍ୟାସୀ ବ୍ରତ ଅବଲମ୍ବନ କରିଥିଲେ। ଏହି ଉପଲକ୍ଷେ ଏକ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ କରାଯାଇଥିଲା। ବକ୍ତାମାନେ ସମାଜରେ କିପରି ମାନସିକ ଶାନ୍ତି ଓ ବିଶ୍ୱର କଲ୍ୟାଣ ହେବ ତା' ଉପରେ ଆଲୋକପାତ କରିଥିଲେ।

ରାମନବମୀରେ ଶୋଭାଯାତ୍ରା

ବ୍ରହ୍ମବରଦା,୧୭।୪(ଯଯାତି କେଶରୀ ବେହେରା):

ରାମନବମୀ ଅବସରରେ ବୁଧବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୪ଟାରେ ରାମ ଭକ୍ତମାନଙ୍କୁ ନେଇ ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ ଛକ ନିକଟରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଶୋଭାଯାତ୍ରା ମଙ୍ଗରାଜପୁର, ମହେଶ୍ୱରପୁର, ବ୍ରହ୍ମବରଦା ପଞ୍ଚାୟତ ଅତିକ୍ରମ କରି ବନ୍ଧଢିଅ ପଞ୍ଚାୟତର ହାଟସ୍ଥିତ ରାମମନ୍ଦିର ନିକଟରେ ଶେଷ ହୋଇଥିଲା। ଏଥିରେ ହଜାରହଜାର ଭକ୍ତ ସ୍ୱେଚ୍ଛାକୃତ ଭାବେ ଯୋଗଦେଇ ଜୟ ଶ୍ରୀରାମର ନାରା ଦେଇଥିଲେ।

ଶୋଭାଯାତ୍ରାରେ ସାମିଲ ହୋଇଥିବା ରାମଭକ୍ତମାନେ।

୪୫ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଯାଜପୁର ଟାଉନ,୧୭।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଅବକାରୀ ଥାନା ଯାଜପୁରର ପ୍ରମୁଖ ଦ୍ୱାର କୁହାଯାଉଥିବା କିଆନାଳୀକୂଳ ହରିଣ ଛକରୁ ୪୫ ଗ୍ରାମ୍‌ର ବ୍ରାଉନ୍‌ସୁଗର ଜବତ କରିବା ସହିତ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଯାଜପୁର ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଥାନା ଏସ୍‌ଆଇ ପ୍ରଦୀପ କୁମାର ରଥ, ଏଏସ୍‌ଆଇ ଜୟ ପ୍ରକାଶ ବେଉରିଆ, ସଂଗ୍ରାମ କେଶରୀ କୁଅଁର, କନଷ୍ଟେବଳ ରାକେଶ ମୁର୍ମୁ, ସୌମ୍ୟରଞ୍ଜନ ସାହୁ, ପୂର୍ଣ୍ଣିମା ଘୋଷ ପ୍ରମୁଖ ହରିଣ ଛକ ନିକଟରେ ଚଢ଼ାଉ କରି ଯାଜପୁର ନହରାପୁର ଗ୍ରାମର ଏସ୍‌କେ ଅସ୍ମତ(୨୬)ଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ବ୍ରାଉନ୍‌ସୁଗର ଜବତ କରିବା ସହ ପଚରାଉଚରା ପାଇଁ ଥାନାକୁ ଆଣିଥିଲେ। ଅଭିଯୁକ୍ତ ଦୀର୍ଘ ଦିନ ହେବ ବ୍ରାଉନ୍‌ସୁଗର ଯାଜପୁର ଅଞ୍ଚଳରେ ବିକ୍ରି କରୁଥିବା ନେଇ ସୂଚନା ଦେଇଥିଲେ। ଜବତ ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

ଗ୍ରାମୀଣ ଆର୍ଟ ଗ୍ୟାଲେରି ଉନ୍ମୋଚିତ

ଚଣ୍ଡିଖୋଲ,୧୭।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ଆନ୍ତର୍ଜାତିକ ଚିତ୍ରଶିଳ୍ପୀ ଓ ବିଶିଷ୍ଟ ଲେଖକ ପ୍ରଫୁଲ୍ଲ ମହାନ୍ତିଙ୍କ ଦ୍ୱାରା ତାଙ୍କ ନିଜ ଗ୍ରାମ ବଡ଼ଚଣା ବ୍ଲକ ନାନପୁରଠାରେ ମଙ୍ଗଳବାର ରାତିରେ ଗ୍ରାମୀଣ ଆର୍ଟ ଗ୍ୟାଲେରି ଉନ୍ମୋଚିତ ହୋଇଯାଇଛି। ସେ ତାଙ୍କର ୯୦ତମ ଜନ୍ମ ଦିବସ ପାଳନ କରିବା ସହ ଆଜିର ଗ୍ରାମାଞ୍ଚଳରେ ରହିଥିବା ଚିତ୍ରକଳା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ମହାନ୍ତି ତାଙ୍କ ପ୍ରତିକ୍ରିୟାରେ ଅତୀତରେ ଥିବା ଗ୍ରାମ୍ୟ ପରିବେଶ ଓ ବର୍ତ୍ତମାନର ପରିବେଶକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ବିରୂପା ନଦୀ, ପର୍ବତ ଓ ଗ୍ରାମ୍ୟ ଜଙ୍ଗଲ ଚିତ୍ର ସେଦିନ ଏବଂ ଆଜି ମଧ୍ୟରେ କେତେ ତୁଳନାତ୍ମକ ଭାବେ ବଦଳିଯାଇଛି ତାହାର ଅବତାରଣା କରିଛନ୍ତି। ମୋ ଗାଁ, ମୋ ପାହାଡ଼ ଓ ମୋ ନଦୀ ନାଳକୁ ନେଇ ଗର୍ବ ଅନୁଭବ କରେ। ସେହି କଥାକୁ ତାଙ୍କ ରଚିତ ପୁସ୍ତକ 'ମାଇଁ ଭିଲେଜ ମାଇଁ ଲାଇଫ'ରେ ଲେଖିଛନ୍ତି; ଯାହାକି ୧୮ଟି ଦେଶରେ ପ୍ରଚଳିତ ବୋଲି ସେ ପ୍ରକାଶ କରିଛନ୍ତି।

ଜିଲା ସଂସ୍କୃତି ପରିଷଦ ସଦସ୍ୟ ଶୁଭେନ୍ଦୁ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କସ୍ତୁରବା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟର ଟ୍ରଷ୍ଟି ଗାୟତ୍ରୀ ଦାଶ ଅତିଥି ଭାବେ ଯୋଗଦେଇ ୬୫ ବର୍ଷ ଧରି ଲଣ୍ଡନରେ ରହୁଥିବା ଚିତ୍ରଶିଳ୍ପୀ ମହାନ୍ତି ଗାଁକୁ କେତେ ଭଲପାଆନ୍ତି ତାହା ତାଙ୍କ କାର୍ଯ୍ୟଧାରାରୁ ସୂଚନା ମିଳିଛି। ସେ ପ୍ରତ୍ୟେକ ବର୍ଷ ୨/୩ ମାସ ପାଇଁ ଗ୍ରାମକୁ ଆସନ୍ତି। ଗ୍ରାମୀଣ ଚିନ୍ତାଧାରାକୁ ଚିତ୍ର ଓ ଲେଖା ମାଧ୍ୟମରେ ପ୍ରକାଶ କରନ୍ତି। ଆନ୍ତର୍ଜାତିକସ୍ତରରେ ସେ ୬ ପୁସ୍ତକ ରଚନା କରି ଆମ ପାଇଁ ଗର୍ବ ଆଣିଛନ୍ତି ବୋଲି ଟ୍ରଷ୍ଟି ଦାଶ ପ୍ରକାଶ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସକ ଫଣିଭୂଷଣ ଦାସ, ରବି ରଥ, ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ମହାନ୍ତି, ଡ. ବିଜୟା ନନ୍ଦ ସିଂହ, ବରିଷ୍ଠ ଖବରଦାତା ଶ୍ରୀରାମ ଦାଶ, ଆଶିଷ ସେନାପତି, ପ୍ରାଧ୍ୟାପକ ବୈଷ୍ଣବ ଚରଣ ମହାନ୍ତି, ସବିତ

ଜନକଲ୍ୟାଣ ପାଇଁ କଂଗ୍ରେସ ନେତାଙ୍କ ଦୀପଦାନ

ରଘୁନାଥପୁର, ୧୭।୪ (ରାଜେନ୍ଦ୍ର ନାରାୟଣ ସିଂହ)

ପବିତ୍ର ଶ୍ରୀରାମ ନବମୀ ଅବସରରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଓ ୩ଟି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜନକଲ୍ୟାଣ ନିମନ୍ତେ ବିଭିନ୍ନ ଦେବଦେବୀ ମନ୍ଦିରରେ ଦୀପଦାନ କରାଯାଇଛି। ଏଥିସହ ଇଂ. ମଲ୍ଲିକ ରଘୁନାଥପୁର ବ୍ଲକ ରେଡୁଆସ୍ଥିତ ରାମ ମନ୍ଦିରକୁ ଯାଇ ସେଠାରେ ପ୍ରଭୁଙ୍କ ଆର୍ଶୀବାଦ ଭିକ୍ଷା କରିବା ସହ ରାମ ମନ୍ଦିର ପ୍ରାଙ୍ଗଣରେ ଏକ ଜଳଛତ୍ରର ଶୁଭାରମ୍ଭ କରିଥିଲେ। ପରେ ତିର୍ତ୍ତୋଲ ବ୍ଲକ ପଟିଲୋସ୍ଥିତ ରାମମନ୍ଦିରରେ ଆଶିଷ ଭିକ୍ଷା କରି ଜଗନ୍ନାଥପୁରସ୍ଥିତ ସାଇମନ୍ଦିର କବାଡି ଯାତ୍ରାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ଜିଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମନମୋହନ ଗୋଚ୍ଛାୟତ, ପୁରୁଣାବସନ୍ତ ସମିତିସଭ୍ୟ ପ୍ରତାପ ସ୍ୱାଇଁ, ଏସି ସେଲ ସଭ୍ୟ ହେମନ୍ତ ବେହେରା, ରେଡୁଆ ପଞ୍ଚାୟତ କଂଗ୍ରେସ ସଭାପତି ପରିକ୍ଷିତ ନାୟକ, ତ୍ରିଲୋଚନ ରାଉତ, ସାରଦା ଜେନା, ଅମରେଶ ରାଉତଙ୍କ ସହ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

ବିଜେଡି, କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ନେଇ ଚର୍ଚ୍ଚା

ଜଗତ୍‌ସିଂହପୁର, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ

ଜଗତ୍‌ସିଂହପୁର, ୧୭।୪ (ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ନେଇ ପ୍ରମୁଖ ରାଜନୈତିକ ଦଳ ଯଥା ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଚୟନକୁ ନେଇ ପ୍ରକ୍ରିୟା ଚାଲିଛି। ଏଥିମଧ୍ୟରେ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଭାଜପା ପ୍ରାର୍ଥୀ ଘୋଷଣାରେ ଆଗୁଆ ରହିଛି। ଏହି ଦଳ ସମସ୍ତ ଆସନରେ ପ୍ରାର୍ଥୀ ଘୋଷଣା କରିପାରିଛି। କିନ୍ତୁ ବିଜେଡି ଏ ପର୍ଯ୍ୟନ୍ତ କେବଳ ବାଲିକୁଦା-ଏରସମା ପାଇଁ ପ୍ରାର୍ଥୀ ଘୋଷଣା କରିପାରୁନାହିଁ। ସେହିପରି କଂଗ୍ରେସ କେବଳ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀକୁ ଛାଡିଲେ ଅବଶିଷ୍ଟ ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି। ତେବେ କେଉଁ କାରଣରୁ ବିଜେଡି ଓ କଂଗ୍ରେସ ଗୋଟିଏ ଲେଖାଏ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିବାରେ ବିଳମ୍ବ କରୁଛନ୍ତି ତାକୁ ନେଇ ନାନା କଥା ଚର୍ଚ୍ଚା ଚାଲିଛି।

ବାଲିକୁଦା-ଏରସମା କଥା ଦେଖିଲେ ଜଣାଯାଏ, ୨୦୦୯ ମସିହାରୁ ଏହି ଆସନଟି ବିଜେଡି କବ୍ଜାରେ ରହିଆସିଛି। କିନ୍ତୁ ଦଳ ପ୍ରାର୍ଥୀ ଘୋଷଣା କରିପାରୁନାହିଁ। ଏ ସମ୍ପର୍କରେ କେତେଜଣ ରାଜନୈତିକ ବିଶେଷଜ୍ଞ ପ୍ରତିକ୍ରିୟାରେ କହିଛନ୍ତି, ଏ ନେଇ ମୁଖ୍ୟତଃ ନିର୍ବାଚନମଣ୍ଡଳୀରେ ବିଜେଡି ସଙ୍ଗଠନରେ ଫାଟ ରହିଛି। ୨୦୦୯ ଓ ୨୦୧୪ ନିର୍ବାଚନରେ ପ୍ରଶାନ୍ତ ବିଧାୟକ ହୋଇ ପାରିଥିଲେ। କିନ୍ତୁ ୨୦୧୯ରେ ଦଳ ପ୍ରଶାନ୍ତଙ୍କୁ ଜଗତ୍‌ସିଂହପୁର ଓ ରଘୁନନ୍ଦନଙ୍କୁ ବାଲିକୁଦା-ଏରସମା ବିଧାନସଭା ଆସନରେ ପ୍ରାର୍ଥୀ କରିଥିଲା। ଉଭୟ ଜିତିଥିଲେ। ରଘୁନନ୍ଦନଙ୍କୁ କିଛି ସମୟ ପାଇଁ ମନ୍ତ୍ରୀ ଓ ପ୍ରଶାନ୍ତଙ୍କୁ ସରକାରୀ ମୁଖ୍ୟ ସଚେତକ ପଦବୀ ମିଳିଥିଲା। କିନ୍ତୁ ସେମାନଙ୍କ ଭିତରେ ଦୂରତ୍ୱ କମିବା ପରବର୍ତ୍ତେ ବଢ଼ ବଢ଼ ଚାଲିଥିଲା। ପ୍ରଶାନ୍ତ ଜଗତ୍‌ସିଂହପୁର ଯାଇଥିଲେ ସୁଦ୍ଧା ବାଲିକୁଦା-ଏରସମା ମୋହ ତୁଟେନି। ଆବଶ୍ୟକ ପଡିଲେ, ପୁଣି ବାଲିକୁଦା-ଏରସମା ଫେରି ଆସିବା ପାଇଁ ସେ ଖସଡା ପ୍ରସ୍ତୁତ କରିଥିଲେ। ନିର୍ବାଚନମଣ୍ଡଳୀରେ ରଘୁନନ୍ଦନଙ୍କ ବିରୋଧରେ ଗୋଟି ଚାଳନା କରି ନିଜର ସଙ୍ଗଠନ ବଞ୍ଚାଇ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି। ଜଗତ୍‌ସିଂହପୁରରୁ ଦଳୀୟ ଟିକେଟ ନ ମିଳିଲେ ବାଲିକୁଦା-ଏରସମାରୁ ଯେପରି ମିଳିପାରିବ ସେନେଇ ପ୍ରଶାନ୍ତ ଖସଡା ପ୍ରସ୍ତୁତ କରୁଥିଲେ। ରଘୁନନ୍ଦନଙ୍କ ବିରୋଧରେ ଏକାଧିକ ଆଶାୟୀ ସୃଷ୍ଟି କରି ନିର୍ବଚନମଣ୍ଡଳୀରେ ଏକପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲେ।

ଏହା ଭିତରେ ତାଙ୍କୁ ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଘୋଷଣା କରାଯାଇଛି। କିନ୍ତୁ ଏହି ଆସନରୁ ପ୍ରାର୍ଥୀ ହେବାକୁ ଆଶା ରଖି କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ଚିରଞ୍ଜୀବ ବିଶ୍ୱାଳ ନିରାଶ ହୋଇଛନ୍ତି। ତାଙ୍କୁ ବାଲିକୁଦା-ଏରସମା ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ହେବାକୁ କୁହାଗଲେ ସୁଦ୍ଧା ସେ ମନା କରି ଦେଇଛନ୍ତି। ଚିରଞ୍ଜୀବଙ୍କ ଏଭଳି ନିଷ୍ପତ୍ତି ଦଳୀୟ ନେତୃତ୍ୱଙ୍କ ଚିନ୍ତାର କାରଣ ହୋଇଛି। କାରଣ ଚିରଞ୍ଜୀବଙ୍କୁ ସନ୍ତୁଷ୍ଟ ନ କଲେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ପ୍ରଶାନ୍ତ ଜିତିବା କଷ୍ଟକର ହୋଇପଡିବ। ପ୍ରଶାନ୍ତ ମଧ୍ୟ ଏଥିମଧ୍ୟରେ ଚିରଞ୍ଜୀବଙ୍କ ପାଖକୁ ଯାଇ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଚିରଞ୍ଜୀବ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ପ୍ରଶାନ୍ତ କିମ୍ବା ବିଜେଡି ନେତୃତ୍ୱଙ୍କ ବିଶ୍ୱାସ ପାଉନି। ଚିରଞ୍ଜୀବଙ୍କୁ ସନ୍ତୁଷ୍ଟ କରିବା ପାଇଁ କ'ଣ କଲେ ଭଲ ହେବ ତର୍ଜମା ଚାଲିଥିବା କୁହାଯାଉଛି। ଏପରି ହୋଇପାରେ ଶେଷ ମୁହୂର୍ତ୍ତରେ ପ୍ରଶାନ୍ତଙ୍କୁ ବାଲିକୁଦା-ଏରସମା ପଠାଯାଇ ଜଗତ୍‌ସିଂହପୁରରୁ ଚିରଞ୍ଜୀବଙ୍କୁ ବିଜେଡି ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ଚାଲିଛି। ନଚେତ ବାଲିକୁଦା-ଏରସମାରେ ରଘୁନନ୍ଦନ କିମ୍ବା ସାରଦା ଜେନାଙ୍କ ମଧ୍ୟରୁ କାହାକୁ ପ୍ରାର୍ଥୀ କଲେ ଭଲ ହେବ ଦଳ ତା' ଉପରେ କୌଣସି ବୃତ୍ତାନ୍ତ ନିଷ୍ପତ୍ତି ନେଇ ପାରୁନାହିଁ। ଅନୁରୂପ ଭାବେ ଜଗତ୍‌ସିଂହପୁର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରୁଛି। ପ୍ରଶାନ୍ତ ବିଜେଡି ଓ ଅମରେନ୍ଦ୍ର ଦାସ ଭାଜପା ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସରୁ କିଏ ପ୍ରାର୍ଥୀ ହେବେ ତା' ଉପରେ ପ୍ରତ୍ୟେକଙ୍କ ନଜର। ଶୁଣାଯାଉଛି ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶୀଷ ମହାପାତ୍ର ଓ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଏବେ କଂଗ୍ରେସ ଟିକେଟ୍ ପାଇଁ ଲବିରେ ଅଛନ୍ତି। ଆଗକୁ ଦେଖିବାର ଅଛି ଦଳ କାହା ଉପରେ ମୋହର ମାରୁଛି।

ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ବିଧାୟକ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

ଏରସମା, ୧୭।୪ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଏକ ମଣ୍ଡପ ସଭାଗୃହରେ ବୁଧବାର ଏରସମା ବ୍ଲକ ବିଜେଡି ପକ୍ଷରୁ ବିଜୁବାବୁଙ୍କ ୨୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବିଧାୟକ ରଘୁନନ୍ଦନ ଦାସଙ୍କ ନେତୃତ୍ୱରେ ଶତାଧିକ ନେତା ଓ କର୍ମୀ ଶୋଭାଯାତ୍ରାରେ ପଏଦା ପଞ୍ଚାୟତରେ ପହଞ୍ଚି ଥିଲେ। ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମଣ୍ଡପରେ ଏରସମା ବ୍ଲକ ବିଜେଡି ଉପସଭାପତି ବିଜୟ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଗଣଶିକ୍ଷା ବିଭାଗର ଉପଦେଷ୍ଟା ଶିଶିର ପରିଜା, ଜିଲା ବିଜେଡି ଉପଦେଷ୍ଟା ଡ. ଜ୍ୟୋତିରଞ୍ଜନ ଦାସ, ଜିଲା ସହପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ଦାସ, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ମୀନକେତନ ଅମାତ୍ୟ, ଏରସମା ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ମହାପାତ୍ର, ଯୁବନେତା ତାମିଲ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ସ୍ୱାଇ, ସମିତ ସଭ୍ୟା ଦେବଯାନୀ ସେଠୀ, ସୁଶ୍ରୀ ସଙ୍ଗୀତା ଗୁରୁ ପ୍ରମୁଖ ଉପସ୍ଥିତ ହୋଇ ବିଜୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

ବିଜୁବାବୁ ଥିଲେ ନୂତନ ଓଡ଼ିଶାର ବିଧାଣି

ସଭାରେ ଏମ୍‌ପି ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ଓ ଅନ୍ୟମାନେ।

ରଘୁନାଥପୁର, ୧୭।୪ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ମାଗିମେଳା ପଡ଼ିଆରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଅପରାହ୍ନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ରବିନାରାୟଣ ଜେନା, ଏମ୍‌ପି ପ୍ରାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକ ଓ ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ଡ. ରମାକାନ୍ତ ଭୋଇ ଯୋଗଦେଇ ନୂତନ ଓଡ଼ିଶାର ସ୍ରଷ୍ଟା ତଥା ସର୍ବଦା ଗର୍ବର ସହ ମୋ ଓଡ଼ିଶା ବୋଲି କହୁଥିବା ବିଜୁବାବୁଙ୍କ ଜୀବନ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୋଲାର ମିଶ୍ର, ବିରିଡି ବ୍ଲକ ସଭାପତି ରବୀନ୍ଦ୍ର କୁମାର ରାଉଳ ଓ ତିର୍ତ୍ତୋଲ ବ୍ଲକ ସଭାପତି ଗଙ୍ଗାଧର ବିଶ୍ୱାଳ ଓ ଜିଲା ସଂଖ୍ୟାଲଘୁ ସେଲ ସଭାପତି ମିର ଅଜମିର ଅଲ୍ଲୀ ଯୋଗଦେଇ ବିଜୁବାବୁଙ୍କ ସାହାସିକତା ଓ ଓଡ଼ିଶାବାସୀଙ୍କ ପ୍ରତି ଥିବା ଭଲ ପାଇବା ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ଆରମ୍ଭ ପୂର୍ବରୁ ସମସ୍ତ ମଞ୍ଚାସୀନ ଅତିଥିମାନେ ବିଜୁବାବୁଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହିକ୍ରମରେ ଜିଲା ସହ ପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ଦାଶ ଏହି ପୁଣ୍ୟ ତିଥିରେ ସମସ୍ତ ଅତିଥି, ସମ୍ମୁଖରେ ବସିଥିବା ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ତିର୍ତ୍ତୋଲ ବ୍ଲକର ଦଳୀୟ କର୍ମୀମାନେ ଏକ ବାଇକ୍ ରାଲିରେ ଆସି ଜଇପୁର ଛକରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ପ୍ରାର୍ଥୀଦ୍ୱୟଙ୍କୁ ବ୍ଲକ ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ଅନ୍ୟପକ୍ଷେ ବିରିଡିର ଦଳୀୟ କର୍ମୀମାନେ ରାଲିରେ ଆସି ରଘୁନାଥପୁର ବ୍ଲକ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାସ୍ଥଳକୁ ଯାଇଥିଲେ। ଏଥିରେ ବିଜେଡି ଜିଲା ସାଧାରଣ ସମ୍ପାଦକ ରଜତ ପାତ୍ର, ଜିଲା ଉପସଭାପତି ସରୋଜକାନ୍ତ ସ୍ୱାଇଁ, ଯୁବନେତା ରହିମ ଖାଁଙ୍କ ସହ ୩ ଟି ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ସରପଞ୍ଚ ଓ ସମିତିସଭ୍ୟ, ବରିଷ୍ଠ କର୍ମୀ ଓ ଦଳୀୟ କର୍ମକର୍ତ୍ତା, ପଞ୍ଚାୟତ ସଭାପତି, ମହିଳା ସଭାନେତ୍ରୀ ଓ ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ କର୍ମୀମାନେ ଉପସ୍ଥିତ ଥିଲେ।

ଗୋରେଖନାଥ ପୀଠରେ ଶ୍ରୀରାମଚରିତ ମାନସ ଆରମ୍ଭ

ରଘୁନାଥପୁର, ୧୭।୪ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ନବଦିନ ବ୍ୟାପି ଶ୍ରୀରାମ ଚରିତ ମାନସ ଓ ପାରାୟଣ ବୁଧବାର ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ ରାମସୀତାଙ୍କ ମୃଣ୍ମୟୀ ମୂର୍ତ୍ତି ସମୀପରେ ପୁର୍ଣକୁମ୍ଭ ଘଟ ସ୍ଥାପନ କରାଯାଇଥିଲା। ପରେ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ଷୋଡଶ ଉପଚାର, ଘୃତ ଆହୁତି ସହ ହନୁମାନ ଚାଳିଶା ପଠନ ହୋଇଥିଲା। ଦିନତାମାମ ରାମ କଥାମୃତ ପଠନ ଓ ସନ୍ଧ୍ୟାରେ ପାରାୟଣ ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିବା ସହ ରାମକଥାମୃତକୁ ଶ୍ରବଣ କରିଥିଲେ। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କ ତତ୍ତ୍ୱାବଧାନ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ପ୍ରଭୁଙ୍କ କାର୍ଯ୍ୟ ପରିଚାଳିତ ହେଉଛି। ସେହିପରି ବ୍ଲକ ଅନ୍ତର୍ଗତ ତାରପୁର ରାମମନ୍ଦିର, ରଘୁନାଥପୁର ଜଗନ୍ନାଥତୋଳା ରଘୁନାଥଜୀଉ, ଅଚ୍ଛୁତପୁର ଓ ଗୋକୁଳପୁର ହନୁମାନ ମନ୍ଦିର, ହରିଶପୁର ହନୁମାନ ଓ ବରାଗୋଳସ୍ଥିତ ହନୁମାନ ମନ୍ଦିରରେ ଅନୁରୂପ ଭାବେ ପୂଜାର୍ଚ୍ଚନା କରାଯାଇଥିଲା।

ଗୋରେଖନାଥ ପୀଠରେ ଶ୍ରୀରାମ ଚରିତ ମାନସ ଲାଗି ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତି।

ବିଜୁବାବୁଙ୍କ ଜୀବନ ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗୀକୃତ ଥିଲା

କୁଜଙ୍ଗଠାରେ ଅନୁଷ୍ଠିତ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ମଞ୍ଚାସୀନ ବିଧାୟକ ସମିତ ରାଉତରାୟ, ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ ଓ ଅନ୍ୟମାନେ।

କୁଜଙ୍ଗ ୧୭।୪ (ମନୋଜ ପ୍ରଧାନ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ହୃଦୟ ସବୁବେଳେ ଓଡ଼ିଶାବାସୀଙ୍କ ସେବାରେ ସମର୍ପିତ ଥିଲା। ସେ ଓଡ଼ିଆଙ୍କୁ ମୋ ପରିବାର ଭାବୁଥିଲେ। ଓଡ଼ିଶାର ବିକାଶ ତାଙ୍କର ଏକମାତ୍ର ସ୍ୱପ୍ନ ଥିଲା ବୋଲି କୁଜଙ୍ଗ ବ୍ଲକ ବିଜେଡି ପକ୍ଷରୁ ୨୭ତମ ତିରୋଧାନ ଦିବସ ପାଳନ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। କୋଠିଆସାହିସ୍ଥିତ ମୁକ୍ତେଶ୍ୱର ମଣ୍ଡପ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ସମିତ ରାଉତରାୟ ଓ ଅନ୍ୟତମ ଅତିଥି ଭାବେ ବିଜେଡିର ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ ଯୋଗଦେଇ କହିଥିଲେ, ବିଜୁବାବୁଙ୍କ ସ୍ୱପ୍ନର ପାରାଦୀପ କିପରି ଶାନ୍ତିଶୃଙ୍ଖଳାର ସହ ଆଗକୁ ବଢିବ ସେ ସ୍ୱର୍ଗତ ଡାକ୍ତର ଦାମୋଦର ରାଉତଙ୍କୁ ଦାୟିତ୍ୱ ଦେଇଥିଲେ। ଯାହାକି ଏଠାରୁ ଦାମବାବୁ ୭ଥର ବିଧାୟକ ହୋଇଥିବାବେଳେ ତାଙ୍କ ପୁତ୍ର ସମିତ ରାଉତରାୟ ୨୦୧୯ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଦାମବାବୁଙ୍କ ଦାୟାଦ ହିସାବରେ ତାଙ୍କ ବୋହୂ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବାକୁ ହେଲେ ତାଙ୍କ ପୁତ୍ର ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ପଡିବ। ତେଣୁ ତାଙ୍କର ପ୍ରତିନିଧି ହିସାବରେ ଗୀତାଞ୍ଜଳିଙ୍କୁ ଜିତାଇ ନବୀନଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବାପାଇଁ ଆଜିର ପବିତ୍ର ଦିନରେ ସମସ୍ତେ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓ ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବ୍ୟକ୍ଷକ ସନ୍ତୋଷ ବେଜ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଜଳ ସ୍ୱାଇଁ, ଜିଲାପରିଷଦ ସଭ୍ୟ ପୁଷ୍ପଲତା ବେହେରା, ପ୍ରମୋଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ପୂର୍ବତନ ସମିତିସଭ୍ୟା ପ୍ରଭାତି ଦାସ, ବରିଷ୍ଠ ନେତା ମଦନ ମୋହନ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି, ସୁଧାଂସୁ ମହାପାତ୍ର, କବି ପୀତାମ୍ବର ତରାଇ ପ୍ରମୁଖ ଅଭିଭାଷଣ ରଖି ଥିଲେ।

କ୍ଷୀର ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ଆଳି, ୧୭।୪ (ବନମାଳୀ ସେନାପତି)

ବୁଧବାର ସକାଳେ କଟକ-ଚାନ୍ଦବାଲି ରାସ୍ତାର ଆଳି ବିଲିକଣା ଛକରେ ଏକ କ୍ଷୀର ବୋଝେଇ ପିକ୍‌ଅପ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ବିଲିକଣା ଗ୍ରାମର ଗୌରାଙ୍ଗ ଚରଣ ସାହୁ (୭୫) ସବୁଦିନ ପରି ଗାଁ ଛକକୁ ଆସି ଘରକୁ ଫେରୁଥିବା ବେଳେ କ୍ଷୀର ନେଉଥିବା ଗାଡ଼ି(ନଂ.ଓଡ଼ି ୦୫ ଏଏସ୍‌୧୩୯୨) ବିଲିକଣା ଛକ ନିକଟରେ ରାସ୍ତା ପାରି ହେଉଥିବା ଗୌରାଙ୍ଗଙ୍କୁ ଜୋରରେ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ମେଡିକାଲ ନେଇଥିବା ବେଳେ ବାଟରେ ତାଙ୍କର ପରଲୋକ ଘଟିଛି । ଦୁର୍ଘଟଣା ଘଟାଇଥିବା ଗାଡିକୁ ସ୍ଥାନୀୟ ଲୋକେ ଦୀ

ସଂକ୍ଷେପରେ

ଶ୍ରୀରାମ ଜନ୍ମ ଉତ୍ସବ ପାଳିତ

ଦଶପଲ୍ଲା, ୧୭।୪(ପ୍ରକାଶ କୁମାର ପାଣି)

ପବିତ୍ର ଶ୍ରୀରାମ ନବମୀରେ ଦଶପଲ୍ଲାର ବିଭିନ୍ନ ରାମମନ୍ଦିରରେ ଶ୍ରୀରାମ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଏଥି ପାଇଁ ମନ୍ଦିରରେ ପୂର୍ବାହ୍ନରୁ ଭକ୍ତଙ୍କ ସମାଗମ ହୋଇଥିଲା। ଦିନ ତମାମ ହୋମଯଜ୍ଞ, ନାମ ସଂକୀର୍ତ୍ତନ ଆୟୋଜନ କରାଯାଇଥିଲା। ଶ୍ରୀରାମ ଜନ୍ମ, ଶ୍ରୀରାମଙ୍କୁ ଦୋଳି ଖେଳ ଆଦି ଆୟୋଜନ କରାଯାଇଥିଲା। ଦଶପଲ୍ଲା ରାମମନ୍ଦିର, ଦୁର୍ଗା ବଜାର, ସାତ ପାଟଣା ଆଦି ସ୍ଥାନରେ ଥିବା ରାମମନ୍ଦିରରେ ଭକ୍ତଙ୍କ ଭିଡ଼ ସକାଳଠାରୁ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା।

୧୧କେଭି ବିଦ୍ୟୁତ୍ ତାର ଲାଗି ବୃଦ୍ଧା ମୃତ

ଓଡ଼ଗାଁ, ୧୭।୪(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଥାନା ବେରୁଆବାରି ପଞ୍ଚାୟତ ବଧିଲପୁର ଗ୍ରାମର ୬୦ ବର୍ଷର ଜଣେ ବୃଦ୍ଧା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, ବଧିଲପୁର ଗାଁ ମୁଣ୍ଡରେ ଥିବା କାଳୁ ତାଇଲାଙ୍କୁ ଗାଁର କାହୁ ବିଶୋଇଙ୍କ ସ୍ତ୍ରୀ ସାଇବ ବିଶୋଇ କାଳୁ ତୋଳିବାକୁ ଯାଇଥିଲେ। କାଳୁ ଗଛରୁ କାଳୁ ତୋଳୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗଛରେ ଝୁଲି ପଡ଼ିଥିଲେ। ପାଖରେ କାମ କରୁଥିବା ଅନ୍ୟ ବ୍ୟକ୍ତିମାନେ ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। କାଳୁ ଗଛ ଉପର ଦେଇ ବେରୁଆବାରି ଗ୍ରାମରୁ ବଧିଲପୁର ଯାଇଥିବା ୧୧ କେଭି ବିଦ୍ୟୁତ ତାର ଲାଗି ରହିଥିବାରୁ ଏହି ଦୁଃଖଦ ଘଟଣା ଘଟିଥିଲା। ଅଗ୍ନିବର୍ଷାରେ କାମ କରୁଛନ୍ତି ଶ୍ରମିକ

ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶକୁ ଖଣ୍ଡପଡ଼ାରେ ଅଣଦେଖା

ନୟାଗଡ଼, ୧୭।୪(ଲୋକନାଥ ମିଶ୍ର)

ସୂର୍ଯ୍ୟଙ୍କ ପ୍ରକୋପରେ ଜଳୁଛି ନୟାଗଡ଼ ଜିଲା। ଅଗ୍ନିବର୍ଷାରେ କାମ କରୁଛନ୍ତି ଶ୍ରମିକ। ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନେ କାମ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ ନିର୍ଦ୍ଦେଶ ରହିଥିବାବେଳେ ପ୍ରଥମେ ଓନଗାଁ ଓ ପରେ ଖଣ୍ଡପଡ଼ାରେ ଅଣଦେଖା କରାଯାଇଛି। ବୁଧବାର ପୂର୍ବାହ୍ନ ୧୧ଟାରେ ଖଣ୍ଡପଡ଼ା ବ୍ଲକର ଗଡିଆସାହି ବସ୍‌ଷ୍ଟାଣ୍ଡରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଶ୍ରମିକମାନେ ଗୋଡି, ସିମେଣ୍ଟ ବୋହୁଥିଲେ। ନିର୍ମାଣ କାର୍ଯ୍ୟ କରୁଥିଲେ। ଶ୍ରମିକଙ୍କୁ ଖରାରେ କାହିଁକି କାମ କରୁଛ ପଚାରିବାରୁ ଉତ୍ତର ମିଳିଥିଲା କାମ ନ କଲେ ଖାଇବୁ କ'ଣ। ପରିବାର ଚଳିବ କେମିତି। ଏଣୁ ଖରା, ବର୍ଷା, ଶୀତରେ ଆମେ କାମ କରୁଛୁ। ପରିସ୍ଥିତି ଆମକୁ କାମ କରିବାକୁ ବାଧ୍ୟ କରାଇଛି କହି କ୍ଷୋଭ ପ୍ରକାଶ କରିଥିଲେ।

ଜନ୍ମ ନେଲେ ଶ୍ରୀରାମଙ୍କ ସମେତ ୪ ଭାଇ

ନୟାଗଡ଼/ଦଶପଲ୍ଲା,ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି) ୧୭।୪

- ନାଭି ଛେଦନ ପରେ କରାଗଲା ନାମକରଣ
- ରାମଲୀଲାର କଳାକାରମାନେ ଧାରଣ କଲେ ବ୍ରତ
- ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହେଲା ମୁଖା ରାମଲୀଳା

ଲୋକକଳା, ଲୋକ ସଂସ୍କୃତିର ଐତିହ୍ୟ ବହନ କରୁଥିବା ଦଶପଲ୍ଲାର ଭାରତ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ମହୋତ୍ସବର ଆଦ୍ୟ ପର୍ବ ବୁଧବାର ଶ୍ରୀରାମ ନବମୀରୁ ହିଁ ଆରମ୍ଭ ହୋଇଛି । ପରମ୍ପରା ଓ ରୀତିନୀତି ଅନୁସାରେ ବୁଧବାର ପ୍ରାତଃରେ ଶ୍ରୀରଘୁନାଥ ଜୀଉ ଓ ମହାବୀର ଜୀଉଙ୍କୁ ମାଜଣା କରାଯାଇଥିଲା । ନବବସ୍ତ୍ର ପରିଧାନ ପରେ ଚଳନ୍ତି ବିଗ୍ରହକୁ ଜନ୍ମ ମଣ୍ଡପରେ ବିଜେ କରାଯାଇଥିଲା । ଜନ୍ମ ମଣ୍ଡପରେ ବ୍ରାହ୍ମଣଙ୍କ ଦ୍ୱାରା ଜନ୍ମ ବିଧି କର୍ମ କରାଯାଇଥିଲା । ମହାପ୍ରଭୁ ଶ୍ରରାମଙ୍କ ସମେତ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଜନ୍ମ ନେଲେ । ୪ ଭାଇଙ୍କ ନାଭି ଛେଦନ କରାଯାଇଥିଲା । ଦୁଗ୍ଧପାନ ଓ ବସ୍ତ୍ର ଧାରଣ ନୀତି ହୋଇଥିଲା । ନାମକରଣ ବି କରାଯାଇଥିଲା । ପରେ ହୋମ ଯଜ୍ଞ କରାଯାଇଥିଲା । ସନ୍ତାନ ପ୍ରାପ୍ତି ପାଇଁ ଯେଉଁ ନାରୀମାନେ ଉପବାସ କରିଥିବେ ସେମାନଙ୍କୁ ଶ୍ରୀରାମଙ୍କ ନାଭିକୁ ପ୍ରସାଦ ରୂପେ ସେବନ କରିବାକୁ ପ୍ରଦାନ କରାଯାଇଥିଲା । ନାଭି ସେବନ କରୁଥିବା ନିଃସନ୍ତାନ ନାରୀମାନେ ପରବର୍ତ୍ତୀ ସମୟରେ ପୁତ୍ର କନ୍ୟା ପ୍ରାପ୍ତି ହୋଇଥିବା ନଜିର ରହିଛି। ଅନ୍ୟପକ୍ଷେ ରାମଳୀଳାର କଳାକାର, ରାମଳୀଳା ଯାତ୍ରା ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଧାରଣ କରିଥିଲେ ବ୍ରତ। ମହାବୀର ଓ ରଘୁନାଥଙ୍କୁ ଦର୍ଶନ କରିଥିଲେ ଭକ୍ତ । ସେହିପରି ପ୍ରଭୁଙ୍କ କରୁଣା ପାଇଁ ଘରେ ପୂର୍ଣ୍ଣକୁମ୍ଭ ବସିଥିଲା । ମହାବୀର ମନ୍ଦିର ସମ୍ମୁଖ ମୁଖ୍ୟ ମଞ୍ଚରେ ବିକ୍ରମ ନରେନ୍ଦ୍ର ଭଣିତ ରାମଳୀଳା ପୋଥିର ଆଦ୍ୟ ବନ୍ଦନା ଗାନ କରାଯାଇଥିଲା । ଠାକୁରଙ୍କ ରୀତିନୀତି ଶେଷ ପରେ ବୁଧବାର ରାତିରେ ମୁକ୍ତାକାଶ ରଙ୍ଗ ମଞ୍ଚରେ ଆରମ୍ଭ ହୋଇଥିଲା କାଷ୍ଠ ମୁଖାଧାରୀ ରାମଲୀଳା । ମାଳି, ସୁମାଳୀ, ମାଲ୍ୟବନ୍ତ ଆଦି ଅସୁରମାନେ ଦିଗ୍ ବିଜୟରେ ଯାଇ ସ୍ୱର୍ଗ ଆକ୍ରମଣ କରିଥିଲେ । ଆକ୍ରମଣରେ ଦେବରାଜ ଇନ୍ଦ୍ର ପରାସ୍ତ ହୋଇ ବିଷ୍ଣୁଙ୍କ ଶରଣାପନ୍ନ ହେବେ । ବିଷ୍ଣୁ ଦେବତାମାନଙ୍କୁ ରକ୍ଷା କରିବାକୁ ଯାଇ ଗରୁଡ଼ ପୃଷ୍ଠରେ ବିଜେ ହୋଇ ମାଳି, ମାଲ୍ୟାବନ୍ତ ପ୍ରମୁଖ ଅସୁରଙ୍କୁ ନିଧନ କରିଥିଲେ । ତେବେ ସୁମାଳି ଯାଇ ପାତାଳି ପୁରରେ ଯାଇ ଆତ୍ମଗୋପନ କରିଥିଲେ । ପରେ ସୁମାଳୀ ନିଜ କନ୍ୟା ବୈକେଶୀଙ୍କୁ ବିଶର୍ବା ଋଷିଙ୍କୁ ବିବାହ କରାଇବେ । ବିଶର୍ବା ଋଷିଙ୍କ ୩ ପୁତ୍ର ରାବଣ, କୁମ୍ଭକର୍ଣ୍ଣ, ବିଭିଷଣ ଆଦି ୩ ଭାଇ ଓ ଭଉଣୀ ସୁପର୍ଣ୍ଣେଖା ଜନ୍ମ ନେଇଥିଲେ । ରାବଣ, କୁମ୍ଭକର୍ଣ୍ଣ ତପସ୍ୟା କରି ବ୍ରହ୍ମା ବର ପାଇ ପୃଥିବୀ ଜୟ କଲେ । ରାବଣ, କୁମ୍ଭକର୍ଣ୍ଣଙ୍କ ଉତ୍ପାତରେ ଦେବତା, ମୁନି ଋଷି ଭୟଭୀତ ହୋଇ ପଡିଲେ । ଦେବତା ଓ ମୁନଙ୍କ ଉପରେ ଅସୁରଙ୍କ ଆକ୍ରମଣ ଓ ନିର୍ଯାତନା ଯୋଗୁ ପୃଥିବୀରେ ପାପର ଭରା ବଢ଼ି ଚାଲିଲା । ପାପର ବିନାଶ ଓ ଧର୍ମର ପ୍ରତିଷ୍ଠା ପାଇଁ ଭଗବାନ ରାମଚନ୍ଦ୍ରଙ୍କ ସହ ୪ ଭାଇଙ୍କର ଜନ୍ମ ହେଲା । ୪ ଭାଇଙ୍କ ପିଲାଦିନର ସ୍ମୃତି ମଞ୍ଚରେ ଦେଖିବାକୁ ମିଳିଥିଲା । ବନ୍ଦାପନା ପାଇଁ ରାଜବାଟୀରେ ରଘୁନାଥ ବନ୍ଦାପନା ପାଇଁ ରଘୁନାଥଙ୍କ ଚଳନ୍ତି ବିଗ୍ରହ ସନ୍ଧ୍ୟାରେ ଏ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରି ରାଜ ଉଆଁସକୁ ଯାଇଥିଲେ । କୁଞ୍ଜବନଗଡ଼ର ରାଜ ଉଆଁସରେ ପ୍ରଭୁ ରଘୁନାଥଙ୍କୁ ବନ୍ଦାପନା କରାଯାଇଥିଲା । ରାଜା ଦଶରଥ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇ ରାଜ ନଅରକୁ ଯାଇଥିଲେ । ଅନ୍ୟପକ୍ଷେ ରାମଳୀଳା ନାଟକର କଳାକାର, ଯାତ୍ରା କମିଟି କର୍ମକର୍ତ୍ତା, ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ । ରଘୁନାଥ ମହାପ୍ରଭୁଙ୍କୁ ସ୍ୱାଗତ ପାଇଁ ଦଶପଲ୍ଲାର ସମସ୍ତଙ୍କ ଘର ସମ୍ମୁଖରେ ଦୀପ ପ୍ରଜ୍ୱଳନ ହୋଇଥିଲା ।

ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ରଣପୁର

ଶ୍ରୀରାମନମବୀ ଅବସରରେ ରଣପୁରରେ ବାହାରିଥିବା ଶୋଭାଯାତ୍ରା ।

ରଣପୁର, ୧୭।୪(ସୁକାନ୍ତ କିଶୋର ଡାକୁଆ)

ଐତିହାସିକ ଶ୍ରୀରାମ ନବମୀ ଅବସରରେ ନୟାଗଡ଼ ଜିଲା ରଣପୁର ବିଞ୍ଚପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଜୟ ଶ୍ରୀରାମ ଧ୍ୱନିରେ ବୁଧବାର ପ୍ରକମ୍ପିତ ହୋଇଥିଲା । ଏହା ସହିତ ରଣପୁର ସହର ଗେରୁଆ ପତକାରେ ସୁସଜ୍ଜିତ ହୋଇଥିଲା । ସହର ସାରା ଜୟଶ୍ରୀ ରାମ ନାରାରେ କମ୍ପି ଉଠିଥିଲା । ପଞ୍ଚୁଦୋଳ ପଡିଆରେ ଥିବା ରଘୁନାଥ ମନ୍ଦିର ସମ୍ମୁଖରେ ପ୍ରଭୁ ଶ୍ରୀରାମଙ୍କ ପୂଜା ପାଠ ସହ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା । ସେଠାରେ ହଜାରରୁ ଊର୍ଦ୍ଧ୍ୱ ରାମ ଭକ୍ତଙ୍କ ଜୟ ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା । ଦୀର୍ଘ ସମୟ ଧରି ପୂଜା ପାଠ ପରେ ଅପରାହ୍ନ ତିନିଟାରେ ବାହାରି ଥିବା ଶୋଭାଯାତ୍ରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା । ଶୋଭାଯାତ୍ରାରେ ବାଜା, ବାଣ ରୋଷଣୀ ସାମିଲ ହୋଇଥିଲା । ରାମଧ୍ୱନିରେ ରଣପୁର ବଡଦାଣ୍ଡ କମ୍ପି ଉଠିଥିଲା ।

ଆକର୍ଷଣ ସାଜିଲା ମେଢ଼ ଶୋଭାଯାତ୍ରା

ଏହି ଶୋଭାଯାତ୍ରାରେ ଏକ ୧୦ଫୁଟ୍‌ର ଶ୍ରୀରାମ ଓ ହନୁମାନଙ୍କ ମୂର୍ତ୍ତିକୁ ସାମିଲ କରାଯାଇଥିଲା । ଢୋଲ, ଘଣ୍ଟ, ମାଦଳ ଓ ରାମ ଧ୍ୱନୀରେ ରଣପୁରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏଥିରେ ମୁଖ୍ୟତଃ ପାରମ୍ପରିକ ନୃତ୍ୟ ଓଡ଼ିଶୀ, ଘୋଡା ନାଚ, ହାତୀ-ସିଂହ ଲଢେଇ, ଅଘୋରୀ ନୃତ୍ୟ, ପାଇକ ନୃତ୍ୟ ପରିବେଷଣ କରାଯାଇଥିଲା । ବିଭିନ୍ନ ନୃତ୍ୟ ସାଙ୍ଗକୁ ଡିଜେ, ବାଜା ଓ ବିଭିନ୍ନ ଆଲୋକ ମାଳାରେ ସହର ଝଲମଲ ହୋଇଥିଲା । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ତଳ ମଣିନାଗ ପଡ଼ିଆରେ ପହଞ୍ଚିବାକୁ ବିଳମ୍ବିତ ରାତ୍ର ହୋଇଯାଇଥିଲା । ସେଠାରେ ଉଦ୍‌ଯାପିତ ହୋଇଥିଲା ଏହି ପାରମ୍ପରିକ ଉତ୍ସବ।

ଅଧାପନ୍ତରିଆ ଭାବେ ପଡ଼ିଛି ପ୍ରାଣୀ ଚିକିତ୍ସାଳୟ କାମ

ବିପଦପୂର୍ଣ୍ଣ ଗୃହରେ ଚାଲିଛି ଚିକିତ୍ସାଳୟ

ନୂଆଗାଁ, ୧୭।୪(ଧନେଶ୍ୱର ସାହୁ)

ଅଧାପନ୍ତରିଆ ଭାବେ ଥିବା ପ୍ରାଣୀ ଚିକିତ୍ସାଳୟ ଗୃହ ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନିକଟରେ ଚାଲିଥିବା ପ୍ରାଣୀ ଚିକିତ୍ସାଳୟ ନୂତନ ଗୃହ ନିର୍ମାଣ ଦୀର୍ଘ ମାସ ହେଲା ଅଧପନ୍ତରିଆ ଭାବେ ପଡି ରହିଛି । ପଶୁପକ୍ଷୀ , ଗାଈଗୋରୁ ଆଦିଙ୍କ ସୁରକ୍ଷା, ଚିକିତ୍ସାଓ କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ନୂଆଗାଁ ବ୍ଲକ ନିକଟରେ ପ୍ରତିଷ୍ଠା ହୋଇଥିବା ପ୍ରାଣୀ ଚିକିତ୍ସାଳୟର ରକ୍ଷଣାବେକ୍ଷଣ ଅଭାବରୁ ପୁରୁଣା ଘର ସବୁ ଭୁଶୁଡ଼ିବାକୁ ବସିଲାଣି। ତେଣୁ ନୂତନ ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣ କରିବା ପାଇଁ ସରକାର ୬୪ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ବେଳେ ତା'ର ନିର୍ମାଣ ଦାୟିତ୍ୱ ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ତରଫରୁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଛି। ଗୃହ ନିର୍ମାଣ କାର୍ଯ୍ୟ ବିଣ୍ଡା ସିମେଣ୍ଟରେ ଅତି ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଥିଲା । ନିମ୍ନମାନର କାର୍ଯ୍ୟ ବାବଦରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଠିକାଦାର ପୂର୍ବ ଭଳି ବିଣ୍ଡା ସିମେଣ୍ଟରେ କାମ କରିବା ସହ ଗୃହ ଭିତରେ ବାଲି ପୋତିବା ବଦଳରେ ମାଟି ପୋତିଥିଲେ। ତେବେ ପରବର୍ତ୍ତୀ ସମୟରେ ଠିକାଦାର ନିର୍ମାଣ କାର୍ଯ୍ୟକୁ ଅଧପନ୍ତରିଆ ଭାବେ ଛାଡି ଦେଇଛି। କାମ ବନ୍ଦ ହେବାର ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ କାମ କରିବାର ନାଁ ଧରୁନାହାନ୍ତି ଠିକାଦାର। କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ଜନ ସାଧାରଣଙ୍କ ଅବଗତି ନିମନ୍ତେ କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇବାର ନିୟମ ରହିଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କାର୍ଯ୍ୟ ବାବଦରେ ଜନ ସାଧାରଣଙ୍କୁ ଅନ୍ଧାରରେ ରଖି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବର୍ତ୍ତମାନ କାମ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଗୋଟିଏ ପଟେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୁରୁଣା ଗୃହରେ ବିପଦପୂର୍ଣ୍ଣ ଅବସ୍ଥାରେ ପ୍ରାଣୀ ଚିକିତ୍ସାଳୟ ଚାଲିଥିବା ବେଳେ ଅନ୍ୟପଟେ ଅନୁଦାନ ଦେଇ ମଧ୍ୟ ନୂତନ ଗୃହ ନିର୍ମାଣ କରିବାରେ ବିଳମ୍ବ କରାଯାଉଛି। ଅଧପନ୍ତରିଆ ଭାବେ ପଡିଥିବା ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣ ବାବଦରେ ନୂଆଗାଁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶୁଭାଶିଷ ମହାପାତ୍ରଙ୍କୁ ପଚାରିବାରେ ଉକ୍ତ ନିର୍ମାଣ କାର୍ଯ୍ୟକୁ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରିଛି। ପୁରୁଣା ଗୃହ ଭାଙ୍ଗି ଛାତରୁ କଂକ୍ରିଟ ଖସୁଥିଲେ ମଧ୍ୟ ତାରି ମଧ୍ୟରେ ବସି କାର୍ଯ୍ୟ କରିବାକୁ ପଡୁଛି। ଠିକାଦାରଙ୍କୁ ଫୋନ କଲେ ସେ ଫୋନ ଉଠାଉ ନାହାନ୍ତି ବୋଲି ପ୍ରାଣୀ ଚିକିତ୍ସାଧିକାରୀ ମହାପାତ୍ର କହିଛନ୍ତି।

ରାକେଶ,ଓମିସାଭ ଯୋଡ଼ି ଚାମ୍ପିୟନ

ଓଡ଼ଗାଁ, ୧୭।୪ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବ୍ଲକ ରୋଡ ସରକାରୀ କଲ୍ୟାଣୀ ମଣ୍ଡପଠାରେ ୩ୟ ଓଡ଼ଗାଁ ବ୍ୟାଡମିଣ୍ଟନ ଲିଗ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୧୮ ଯୋଡ଼ି୩୬ ଜଣ ଖେଳାଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ରାକେଶ ଓ ଓମିସାଭ ଯୋଡ଼ି ଚମ୍ପିୟାନ ଟ୍ରଫି ହାସଲ କରିଥିଲେ। ରଘୁନାଥ ଆଥଲେଟିକ ଆସୋସିଏଶନ ସମ୍ପାଦକ ଖେଳ ମଣିଷ ଦିବାକର ନାୟକ ଲିଗ୍‌କୁ ଉଦଘାଟନ କରିଥିବା ବେଳେ ଶୁଭ୍ରଜିତ୍ ଓ ଜଗନ୍ନାଥ ପ୍ରଥମ ରନର୍ସଅପ୍, ସୁଦିପ୍ତ ଓ ମୃତ୍ୟୁଞ୍ଜୟ ୨ୟ ରନର୍ସଅପ୍, ସେହିପରି ଆୟୁଷ ଓ ରାମେଶ୍ୱର ୩ୟ ରନର୍ସଅପ୍ ହୋଇଥିଲେ। ୩ ସେଟ୍ ବିଶିଷ୍ଟ ଫାଇନାଲ ମ୍ୟାଚରେ ଶୁଭ୍ରଜିତ୍ ଓ ଜଗନ୍ନାଥ ଯୋଡ଼ିକୁ ହରାଇ ରାକେଶ ଓ ଓମିସାଭ ଯୋଡ଼ି ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସୁଶାନ୍ତ ପାତ୍ର ଓ ପ୍ରତାପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚନ୍ଦନ, ଗାଗୁଲ, କାର୍ତ୍ତିକ, ଦିଗବିଜୟ, ଦେବାଶିଷ ଖେଳ ପରିଚାଳନା କରିଥିଲେ।

ଦୁଇ ଯା'ଙ୍କ ବେକରୁ ୨ ସୁନାଚେନ୍ ନେଇଗଲେ ଦୁର୍ବୃତ୍ତ

ଓଡ଼ଗାଁ, ୧୭।୪ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ବୁଧବାର ଜନ୍ମ ଉତ୍ସବ ଅବସରରେ ଠାକୁରଙ୍କୁ ଦର୍ଶନ ପାଇଁ ଆସିଥିବା ଦୁଇ ଯା'ଙ୍କ ବେକରୁ ୨ ସୁନାଚେନ ଦୁର୍ବୃତ୍ତମାନେ ଛିଣ୍ଡାଇନେଇଥିବା ଅଭିଯୋଗ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଅଭିଯୋଗକାରୀ ହେଲେ ଓଡ଼ଗାଁ ହେମାମାଳି ସାହିର ହରପ୍ରିୟା ମହାରଣା ଓ ସଂଯୁକ୍ତାରାଣୀ ମହାରଣା। ଦୁହେଁ ମଧ୍ୟାହ୍ନ ସମୟରେ ଠାକୁରଙ୍କ ଦର୍ଶନ ସାରି ମନ୍ଦିର ଭିତରୁ ବାହାରକୁ ଆସିବାର କିଛି ସମୟ ମଧ୍ୟରେ ହରପ୍ରିୟା ତାଙ୍କ ବେକରେ ସୁନା ଚେନ୍ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସଂଯୁକ୍ତାରାଣୀ ନିଜ ବେକରେ ହାତ ମାରିବା ବେଳକୁ ତାଙ୍କର ମଧ୍ୟ ସୁନା ଚେନ୍ ନ ଥିବା ଜାଣିଥିଲେ। ଏ ସଂକ୍ରାନ୍ତରେ ଉଭୟେ ପୋଲିସଙ୍କୁ ଜଣାଇଲେ। ମନ୍ଦିର ସିସିଟିଭି ଫୁଟେଜ ଦେଖିବାକୁ ଯିବାରୁ ତାହା ଅକାମୀ ହୋଇ ପଡିଥିଲା। ମନ୍ଦିରରେ ଗହଳି ଯୋଗୁ କିଛି କ୍ଷଣ ଠେଲାପେଲା ହୋଇଥିଲା। ଲୁଟେରା ସେହି ସମୟର ଫାଇଦା ଉଠାଇ ଅତି ସହଜରେ ୨ ଯା'ଙ୍କ ବେକରୁ ସୁନା ଚେନ୍ କାଟି ନେଇଥିବା ଅନୁମାନ କରାଯାଉଛି। ମନ୍ଦିର ପରିସରରେ ଚୋରି ଘଟଣାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ନୟାଗଡ଼, ୧୭।୪(ଲୋକନାଥ ମିଶ୍ର)

ଶରଣକୁଳ ଥାନା ସାନଗୋରଡା ଗାଁରେ ଶ୍ରୀମତୀ ପ୍ରଧାନ (୩୫) ନାମକ ଜଣେ ମହିଳାଙ୍କ ବୁଧବାର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଜଣାପଡିନି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ପେଟ ଯନ୍ତ୍ରଣା ଯୋଗୁ ପରିବାର ଲୋକେ ଶ୍ରୀମତୀଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ଶ୍ରୀମତୀଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪/୨୩)ରୁଜୁ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

ଦ.ପୂ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ଡି-୬୪୫-ଏଫ୍‌ଓବି-କିଏମ୍‌ଏଚ୍, (୨) ସିକେପି-୬୪୬-ଏଫ୍‌ଓବି-ସିକେପି, ତାରିଖ: ୧୭।୦୪।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ଚରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା

ଯୁକ୍ତ ୨ ପରୀକ୍ଷା ଖାତା ମୂଲ୍ୟାୟନ ଶେଷ

ଧର୍ମଶାଳା,୧୭।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହାବିଦ୍ୟାଳୟରେ ଚାଲିଥିବା ଯୁକ୍ତ ୨ ଅନଲାଇନ ଖାତା ମୂଲ୍ୟାୟନ ବୁଧବାର ସୁଚାରୁ ରୂପେ ଶେଷ ହୋଇଛି। ଜୋନ ସୁପରଭାଇଜର ଅଧ୍ୟକ୍ଷ ଜୟନ୍ତ ସାହୁ ଓ ଜୋନ ଅଫିସର ସୁରେଶ ଚନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖାତାମୂଲ୍ୟାୟନ ପ୍ରକ୍ରିୟା ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପଦାର୍ଥ ବିଜ୍ଞାନ, ବାଣିଜ୍ୟ, ମାତୃଭାଷା ଓଡ଼ିଆ ଓ ଇଂଲିଶ ଖାତା ଦେଖା ଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଷୟରେ ମୂଲ୍ୟାୟନ ହୋଇଥିଲା। ବିଭିନ୍ନ କଲେଜର ୧୧୦ ଅଧ୍ୟାପିକାଅଧ୍ୟାପକ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। କମ୍ପ୍ୟୁଟର ସହାୟକ ଭାବେ ସୁଶାନ୍ତ ସାମଲ ଓ ଦେବାଶିଷ ଜେନା ସହାୟତା କରିଥିଲେ। ବିରୁପାକ୍ଷ କର ଜୋନ ପରିଚାଳନା କରିଥିଲେ। ଯୋଗେଶ ନାୟକ ଓ ପ୍ରଭାତ ରାଉତରାୟ ସହଯୋଗ କରିଥିଲେ।

ବିଜେଡିରେ ମିଶିଲେ ରାଜନାରାୟଣ

ବିଜେଡ଼ି ନେତାଙ୍କ ଗହଣରେ କ୍ୟାପ୍‌ଟେନ୍ ରାଜନାରାୟଣ ମହାପାତ୍ର ଓ ତାଙ୍କ ସମର୍ଥକ।

ଚଣ୍ଡିଖୋଲ,୧୭।୪ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲାର ବଡ଼ଚଣା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ। ୫ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ବିଜେଡି ଘୋଷଣା କରିଥିବାବେଳେ ଏ ପର୍ଯ୍ୟନ୍ତ ବଡ଼ଚଣାରୁ କାହାକୁ ପ୍ରାର୍ଥୀ କରାଯିବ ତାହା ଘୋଷଣା ହୋଇନାହିଁ। ଏହାରି ମଧ୍ୟରେ ବୁଧବାର ପୂର୍ବତନ ବଡ଼ଚଣା କଂଗ୍ରେସ ନେତା ତଥା ପିସିସି ସମ୍ପାଦକ କ୍ୟାପଟେନ ରାଜନାରାୟଣ ମହାପାତ୍ର ହଜାରହଜାର ସଂଖ୍ୟାରେ ସମର୍ଥକଙ୍କ ଗହଣରେ ଯାଇ

ବଡ଼ଚଣା ଟିକେଟକୁ ନେଇ ଆଶା ଆଶଙ୍କାରେ କର୍ମୀ

ଶଙ୍ଖ ଭବନରେ ବିଜେଡିରେ ଯୋଗ ଦେଇଛନ୍ତି। ସେ ଦଳରେ ମିଶିବା ପରେ ବିଜେଡିରେ ଟିକେଟ ଆଶାୟୀଙ୍କ ସଂଖ୍ୟା ବୃଦ୍ଧିପାଇଛି। ମାର୍ଚ୍ଚ ୬ରେ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ୪ ଦିନ ତଳେ ତାଙ୍କ ସମର୍ଥକମାନେ ମଧ୍ୟ କଂଗ୍ରେସରୁ ଇସ୍ତଫା ପ୍ରଦାନ କରିଥିଲେ। ସେତେବେଳେ ଆଶା କରାଯାଉଥିଲା ସେ ବିଜେଡିରେ ଯୋଗଦେବେ।

ରାଜନାରାୟଣଙ୍କ ସହିତ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ସୁକ୍ରମଣି ପୂର୍ତ୍ତି, ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନାଙ୍କ ସମେତ ବହୁ ଦଳୀୟ ନେତା ବିଜେଡିରେ ଯୋଗ ଦେଇଛନ୍ତି। ଏଥିସହିତ ଭାଜପା ପରିତ୍ୟାଗ କରି ବହୁ ସରପଞ୍ଚ, ସମିତିସଭ୍ୟ ରାଜନାରାୟଣଙ୍କ ସହ ଯାଇ ବିଜେଡିରେ ସାମିଲ ହୋଇଛନ୍ତି। ଏଥିନେଇ କିଏ ଟିକେଟ ହାତେଇବ ତାହା ଭୋଟରମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

ଏଠାରେ ବିଜେଡି ବିଧାୟକ ଭାବରେ ଅମର ପ୍ରସାଦ ଶତପଥୀ ରହିଛନ୍ତି। ସେ ଏହି ନିର୍ବାଚନମଣ୍ଡଳୀରୁ ୬ଥର ବିଧାୟକ ହୋଇଛନ୍ତି। ୨୦୧୯ରେ ଜନ୍ମେଜୟ ଲେଙ୍କା ବିଜେଡିରେ ମିଶି ଦଳର ରାଜ୍ୟ ସାଧାରଣ ସମ୍ପାଦକ ପଦବୀରେ ଅଛନ୍ତି। ସେ ମଧ୍ୟ ଟିକେଟ ଦୌଡରେ ଅଛନ୍ତି। ଜନ୍ମେଜୟ ୨୦୧୪ରେ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢି ହାରିଯାଇଥିଲେ। ଏହାପରେ ୨୦୧୯ରେ ବିଜେଡିରେ ମିଶିଥିଲେ।

ଅମର ପ୍ରସାଦ ଶତପଥୀ ଚଳିତ ନିର୍ବାଚନରେ ପୁନର୍ବାର ଟିକେଟ ଦୌଡରେ ରହିଛନ୍ତି। ତାଙ୍କ ପୁଅ ଅଦ୍ୱିତୀୟ ଶତପଥୀ ମଧ୍ୟ ଟିକେଟ ଦୌଡରେ ଅଛନ୍ତି। ଏହି ୩ ପ୍ରମୁଖ ଦାବିଦାରଙ୍କ ବ୍ୟତୀତ ବହୁ ସଂଖ୍ୟାରେ ଅନ୍ୟମାନେ ମଧ୍ୟ ଟିକେଟ ପାଇଁ ଆବେଦନ କରିଛନ୍ତି। ତେବେ କିଏ ଟିକେଟ ପାଇବ ବା କାହାକୁ ବିଜେଡି ଦଳୀୟ ପ୍ରାର୍ଥୀ ଘୋଷଣା କରିବ ତା'କୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ରହିଛନ୍ତି। ବଡ଼ଚଣା ପାଇଁ କେବଳ ଭାଜପା ଅମର ନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିଛି। କଂଗ୍ରେସ ମଧ୍ୟ ଏଠାରେ ପ୍ରାର୍ଥୀ ଘୋଷଣା କରିନାହିଁ। ସେଥିପାଇଁ ଏ ପର୍ଯ୍ୟନ୍ତ ବଡ଼ଚଣାରେ ରାଜନୈତିକ ଉଷ୍ମତା ଆସିନାହିଁ।

ହେଲ୍‌ପିଂ ହ୍ୟାଣ୍ଡ ପକ୍ଷରୁ ଜଳଛତ୍ର

ହେଲ୍‌ପିଂ ହ୍ୟାଣ୍ଡ ସଦସ୍ୟମାନେ ଜଳ ବଣ୍ଟନ କରୁଛନ୍ତି।

ରସୁଲପୁର,୧୭।୪(ରଞ୍ଜିତ ରାଉତ):

ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍‌ପିଂ ହ୍ୟାଣ୍ଡ ପରିବାର ତରଫରୁ ୩ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ସେଗୁଡ଼ିକ ହେଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ଝାଲପଡ଼ା ଛକ, ମୁଗୁପାଳ ପଞ୍ଚାୟତ ୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥିତ ମୁଗୁପାଳ କଲେଜ ଛକ ଏବଂ ଯାଜପୁର ଟାଉନ ଶାଖା ତରଫରୁ ମଲ୍ଲିକାପୁର। ଏହି ତିନୋଟି ସ୍ଥାନରେ ରୌଦ୍ରତାପ ଜାରି ରହିବା ପର୍ଯ୍ୟନ୍ତ ଜଳଛତ୍ର ସେବା ଚାଲୁରହିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି। ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଜଳଛତ୍ରଗୁଡ଼ିକୁ ଅନୁଷ୍ଠାନ ତରଫରୁ ପ୍ରଶାନ୍ତ ଷଡ଼ଙ୍ଗୀ, ଅଭିମନ୍ୟୁ ନାୟକ, ପ୍ରବୋଧ ମଳିକ, ଅନନ୍ତ ସାହୁ, ଦାମୋଦର ମହାରଣା, ଅଶ୍ୱିନୀ ଦାସ, ଉମେଶ ସାହୁ, ତୋଫାନ ନାଥ, ଅବିନାଶ ବାରିକ, ଇନ୍ଦ୍ରଜିତ ସ୍ୱାଇଁ, ସିଦ୍ଧାର୍ଥ ସାହୁ, ଅଂଶୁମାନ କର, ବିଦ୍ୟାଭୂଷଣ କର, ମଲ୍ଲିକାପୁରର ଅନନ୍ତ ନାୟକ, ସୁଦର୍ଶନ ସାହୁ, ହିମାଂଶୁ ନାୟକ, ମାନସ ନାୟକ, ବିରଞ୍ଚି ସ୍ୱାଇଁ, ଦୀପୁ ପଣ୍ଡା ଓ କରନ ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି।

କବି ଶ୍ରୀହରି ଧଳଙ୍କୁ ଝଙ୍କାର କବିଶ୍ରୀ ସମ୍ମାନ

ବିଞ୍ଝାରପୁର,୧୭।୪(ରାମକୃଷ୍ଣ ଦାସ):

ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ମହାବିଷୁବ ମିଳନ ଉତ୍ସବରେ କବି ଶ୍ରୀହରି ଧଳଙ୍କୁ ମର୍ଯ୍ୟାଦାଜନକ ଝଙ୍କାର କବିତା ସମ୍ମାନରେ ସମ୍ମାନିତ କରାଯାଇଛି। ପୁରସ୍କାର ସ୍ୱରୂପ ଧଳଙ୍କୁ ୨୫ହଜାର ଟଙ୍କା ଓ ତାମ୍ର ଫଳକ, ଉପଢ଼ୌକନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଇଂରାଜୀ ଓ ମରାଠୀ ଭାଷାର ବିଶିଷ୍ଟ ଔପନ୍ୟାସିକ ବିଶ୍ୱାସ ପାଟିଲ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଜାତନ୍ତ୍ର ପ୍ରଚାର ସମିତି ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ, ବିଶିଷ୍ଟ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ଡ. ବାବାଜୀ ପଟ୍ଟନାୟକ, ସରୋଜ ରଞ୍ଜନ ମହାନ୍ତି ଓ କଥାକାର ତରୁଣ ସାହୁ ଉପସ୍ଥିତ ଥିଲେ।

୨ ସ୍ଥାନରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଚନ୍ଦନପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ଓ ଅନ୍ୟମାନେ। ସାହୁପଡ଼ାଠାରେ ବିଜେଡି ଯୁବନେତା ସଞ୍ଜୀବ ଜେନା ଓ ଅନ୍ୟମାନେ।

ବରୀ,୧୭।୪(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଞ୍ଚଳର ୨ ସ୍ଥାନରେ ବୁଧବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ଚନ୍ଦନପୁର ପଞ୍ଚାୟତସ୍ଥିତ ଶହୀଦ ମାୟାଧର ଭୂୟାଁଙ୍କ ପ୍ରତିମୂର୍ତ୍ତି ନିକଟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ବିଧାୟିକା ଦାସ ଯୋଗଦେଇ ବିଜୁ ବାବୁଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ, ପ୍ରାକ୍ତନ ସରପଞ୍ଚ ବିଜୟ ନାୟକ, ରତିରଞ୍ଜନ ଜେନା, ଅଞ୍ଜନ ଜେନା, ବିଜୟ କୁମାର ସାହୁ, ପ୍ରଦୀପ ପଲେଇ, ମନ୍ଦାରୀ ସମବାୟ ସମିତି ସଭାପତି ଅନିରୁଦ୍ଧ ମଲ୍ଲ, ଅଭିମନ୍ୟୁ ସାହୁ, ବିଜେଡି ନେତା ହରିହର ପଣ୍ଡା ଓ ମନୋଜ ମଲ୍ଲଙ୍କ ସମେତ ଶତାଧିକ ମହିଳା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସେହିପରି ବିଜେଡି ଯୁବନେତା ସଞ୍ଜୀବ ଜେନାଙ୍କ ନେତୃତ୍ୱରେ ସାହୁପଡ଼ାଠାରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏଥିରେ ଯୁବନେତା ଜେନା ଯୋଗଦେଇ ବିଜୁ ପଟ୍ଟନାୟକ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା କ୍ଷେତ୍ରରେ ସହଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ବିଜେଡି କର୍ମୀ ଗିରିଧାରୀ ପତି ସଭାପତିତ୍ୱ କରିଥିଲେ। ଗୁରୁଚରଣ ଦାସ ଓ ଅଜୟ ମଲ୍ଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସିମେଣ୍ଟ ବ୍ୟାରିକେଡ୍‌ରେ ପିଟିହୋଇ ଯୁବକ ମୃତ

ପାଣିକୋଇଲି,୧୭।୪(ବିକାଶ ମଲ୍ଲିକ): ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନତୀ ଦୂରରେ ଏକ ସିମେଣ୍ଟ ବ୍ୟାରିକେଡ୍‌ରେ ପିଟିହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ପାରିନାହିଁ। ଉଭୟ ଭଦ୍ରକ ଅଞ୍ଚଳର ବୋଲି ଜଣାପଡ଼ିଛି। ଯୁବକଦ୍ୱୟ ବାଇକ ଯୋଗେ ପାଣିକୋଇଲି ପଟୁ ଭଦ୍ରକ ଅଭିମୁଖେ ଯାଉଥିଲେ। ପାଣିକୋଇଲି ଥାନା ଅନତୀ ଦୂରରେ ଥିବା ଟ୍ରମାକେୟାର ସମ୍ମୁଖରେ ରାସ୍ତା କଡ଼ରେ ଥିବା ସିମେଣ୍ଟ ବ୍ୟାରିକେଡ୍‌ରେ କୌଣସି କାରଣ ଯୋଗୁ ପିଟିହୋଇ ଛିଟିକି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଖବରପାଇ ପାଣିକୋଇଲି ପୋଲିସ, ସ୍ଥାନୀୟ ଲୋକେ ଓ ଆମେ ଆପଣଙ୍କ ପାଇଁ ହେଲ୍ପିଂ ଗ୍ରୁପ ସଦସ୍ୟମାନେ ପହଞ୍ଚି ଗୁରୁତର ଯୁବକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

କାମ କରାଇ ଅର୍ଥ ଦେଉନି ମେଘା କମ୍ପାନୀ

ଖବରଦାତା ସମ୍ମିଳନୀରେ ୨ ଠିକାସଂସ୍ଥାର ଦାବିଦାର ଅଭିଯୋଗ କରୁଛନ୍ତି।

ଯାଜପୁର ଟାଉନ,୧୭।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

୨ ଠିକା ସଂସ୍ଥା ଆଣିଲେ ଅଭିଯୋଗ

ଯାଜପୁରରେ ମେଘା କମ୍ପାନୀ ପ୍ରତାରଣା କରିଥିବା ନେଇ ୨ ଠିକା ସଂସ୍ଥା ଡ୍ରିଶକ୍ତି ଫାଉଣ୍ଡେଶନ୍ ଓ ଶର୍ମିଷ୍ଠା ଏଣ୍ଟରପ୍ରାଇଜର୍ସ ପକ୍ଷରୁ ଅଭିଯୋଗ ହୋଇଛି। ଯାଜପୁର ଆର୍‌ଡବ୍ଲ୍ୟୁଏସଏସଠାରୁ ଠିକ୍ ପାଇଥିବା ମେଘା ଇଞ୍ଜିନିୟରିଂ ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ୍ ଲିମିଟେଡ୍‌ଠାରୁ କାର୍ଯ୍ୟାଦେଶ ପାଇ ଡ୍ରିଶକ୍ତି ଫାଉଣ୍ଡେସନ୍ ଓ ଶର୍ମିଷ୍ଠା ଏଣ୍ଟରପ୍ରାଇଜର୍ସ ଯାଜପୁର ଓ ବିଞ୍ଝାରପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଆସୁଥିଲେ। କାର୍ଯ୍ୟାଦେଶ ପାଇ ଅଧାରୁ ଅଧିକ କାର୍ଯ୍ୟକରି ୨ଟି ସଂସ୍ଥା ଅର୍ଥ ଦାବି କରିବାରୁ ମେଘା କମ୍ପାନୀ ଅର୍ଥ ନ ଦେଇ ବିଭିନ୍ନ ପ୍ରକାର ଆଳ ଦେଖାଇ କାର୍ଯ୍ୟରୁ ଅନ୍ତର କରିଦେଇଛି। ଏନେଇ ୨ କମ୍ପାନୀର ପ୍ରମୁଖ ଦାବିଦାର ଏକ ଖବରଦାତା ସମ୍ମିଳନୀରେ ନିଜର ଅସହାୟତା ପ୍ରକାଶ କରିବା ସହ ଅର୍ଥ ପାଉ ନ ଥିବା ସମ୍ପର୍କରେ ନିଜର ଦୁଃଖ ବଖାଣିଛନ୍ତି। ଏପରିକି ବିଞ୍ଝାରପୁରଠାରେ ଥିବା ଅଫିସ୍‌କୁ ଦୌଡିଦୌଡି ଅର୍ଥ ନ ପାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ୨ଟି ସଂସ୍ଥା ଆର୍‌ଡବ୍ଲ୍ୟୁଏସଏସ ଅଧିକାରୀଙ୍କ ପାଖକୁ ବାରମ୍ବାର ଦୌଡ଼ି ଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଭାଗର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ସାଇଟ୍ ଇନ୍ସପେକ୍ସନ୍ କରି ମାପଚପୁ କରି ସଂସ୍ଥାକୁ ଅର୍ଥ ଦେବାପାଇଁ ସୁପାରିସ କରିଥିଲେ ମଧ୍ୟ ସଂପୃକ୍ତ କମ୍ପାନୀ ଅଦ୍ୟାବଧି ଅର୍ଥ ପ୍ରଦାନ କରିନାହିଁ। ବାରମ୍ବାର ଆଲୋନା କରାଯାଉଥିଲେ ମଧ୍ୟ ଅର୍ଥ ପୈଠ କରାଯାଇନାହିଁ। ଏପରିକି ମେଘା କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାର ଭୟ ଦେଖାଯାଉଛି। ଅର୍ଥ ବିନିଯୋଗ କରି ଅର୍ଥ ନ ପାଇବା ଦ୍ୱାରା ସଂପୃକ୍ତ ସଂସ୍ଥାର ଅଧିକାରିଣୀ ଛବିରାଣୀ ମହାକୁଡ ଓ ଶର୍ମିଷ୍ଠା ନାୟକ ମାନସିକ ଚାପରେ ଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଯଦି ଚଳିତ ମାସ ୨୨ ତାରିଖ ସୁଦ୍ଧା କମ୍ପାନୀ ଅର୍ଥ ପୈଠ ନ କରେ ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସପରିବାର ଧାରଣାରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏଥିରେ କୌଣସି ଅସୁବିଧା ସୃଷ୍ଟି ହୁଏ ତେବେ କମ୍ପାନୀ ଦାୟୀ ରହିବ ବୋଲି କହିଛନ୍ତି। ଏନେଇ ସମ୍ପୃକ୍ତ କମ୍ପାନୀର ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ଦାନଗଦି ମିଲିଟାରି ଛକରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ଉପସ୍ଥିତ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଓ ଅନ୍ୟମାନେ।

ନବୀନ ଓଡ଼ିଶା ଗଠନ ପାଇଁ ଶପଥ

କଳିଙ୍ଗନଗର,୧୭।୪(ଶୁଭାଶିଷ ରାଉତ):

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଦାନଗଦିଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସୁକିନ୍ଦା ନିର୍ବାଚନମଣ୍ଡଳୀ ବିଜେଡି କାର୍ଯ୍ୟାଳୟ ଦାନଗଦିର ସିଙ୍ଗାଗଡ଼ିଆଠାରୁ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇ କର୍ମୀ ଓ ନେତୃମଣ୍ଡଳୀଙ୍କ ସହ ପଦଯାତ୍ରାରେ ଯାଇ ଦାନଗଦି ବଜାର ଦେଇ ମିଲିଟାରୀ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଚେୟାରମ୍ୟାନ ଅର୍ଚ୍ଚନା ଦାସ, ଯୁବ ବିଜେଡି ସଭାପତି, ସମସ୍ତ ଜିଲା ପରିଷଦ ସଭ୍ୟା, ନେତୃମଣ୍ଡଳୀ ଓ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି ଉପସ୍ଥିତ ଥିଲେ। ବିଜୁ ବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନବୀନ ଓଡ଼ିଶା ଗଠନ ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ଶ୍ରୀରାମ ନବମୀ ଥିବାରୁ ଜୟ ଶ୍ରୀରାମ ନାରାରେ କର୍ମୀ ମାନେ ଦାନଗଦି ବଜାର ପ୍ରକମ୍ପିତ କରିଥିଲେ।

ଓଡ଼ିଆ ବିଭାଗ ଶେଷବର୍ଷ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଯାଜପୁରରୋଡ୍,୧୭।୪(ପବିତ୍ର ରଞ୍ଜନ ମହାନ୍ତି):

ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ଶେଷ ବର୍ଷର ଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁମିତ୍ରା ରାଉତ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଅଧ୍ୟାପିକା ରୋଜାଲିନା ମହାନ୍ତି, ଅଧ୍ୟାପକ ପ୍ରଶାନ୍ତ ରାଉତ, ଅରୁଣ ମିଶ୍ର, ମଳୟ ମଲ୍ଲିକ ଓ ଅଧ୍ୟାପିକା ଝୁନୁମଣୀ ଜେନା ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରୀମାନଙ୍କ ଉତ୍ତୋରଉତ୍ତର ଉନ୍ନତି କାମନା କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିୟଙ୍କା ପ୍ରିୟଦର୍ଶିନୀ ବ୍ରହ୍ମ, ମନସ୍ମିତା ରାଉତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି ବିଦାୟୀ ସଙ୍ଗୀତ ଗାନ କରିଥିଲେ। ଯୁକ୍ତ ୩ ଶେଷବର୍ଷ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ମମତାରାଣୀ ଜେନାଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ତୃତୀୟ ବର୍ଷର ଛାତ୍ରୀ ଲୋଭନା ପ୍ରିୟଦର୍ଶିନୀ ସିଂହ, ଦେବସ୍ମିତା ବେହେରା, ଗାୟତ୍ରୀ ସାହୁ, ଲକ୍ଷ୍ମୀପ୍ରିୟା ପାଢୀ, ପ୍ରିୟପ୍ରିୟଦର୍ଶିନୀ ସାମଲ, ଦେବସ୍ମିତା ଭଞ୍ଜ, ପ୍ରଣତି ବେହେରା, ସୁପ୍ରଭା ସାହୁ, ସରସ୍ୱତୀ ସୋରେନ, ମନ୍ଦାକିନୀ ହାଁସଦା, ପୂଜାରାଣୀ ସାହୁ, ସୁମିତ୍ରା ସାମଲ, ସୁପ୍ରିୟା ମହାନ୍ତି, ସୋନମପ୍ରଭା ଭୂୟାଁ, ପଦ୍ମାବତୀ ସ୍ୱାଇଁ, ପ୍ରିୟଙ୍କା ଜେନା, ଯମୁନା ଗାଗରାଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାନୁମତି ମଲିକ, ଗୀତାଞ୍ଜଳି ପତ୍ରୀ, ଦୀପାରାଣୀ ଜେନା, ମମତାରାଣୀ ମାଝି, ପ୍ରଜ୍ଞାପାରମିତା ପତି, ପ୍ରିୟଙ୍କା ପଣ୍ଡା, ସିଲିସେଠୀ, ସ୍ମୃତିରେଖା ସାହୁ, ତୁଲସୀ ସାମଲ, ସ୍ମୃତିସାରିକା ଜେନା, ମୋନାଲିସା ମଲିକ, ମୃଣ୍ମୟୀ ତରାଇ, ଝିଲି ବିଶ୍ୱା

ବଜ୍ରପାତରେ ମୃତ ଅନିଲଙ୍କ ପରିବାରକୁ ଭେଟିଲେ ଅଂଶୁମାନ

ଆଳି,୧୭।୪(ବନମାଳୀ ସେନାପତି)

ବଜ୍ରପାତରେ ମୃତ କେନ୍ଦ୍ରାପଡ଼ା ଜିଲା ଆଳି ଶାଳିଅଞ୍ଚ ଗ୍ରାମର ଅନିଲ ବେହେରାଙ୍କ ପରିବାରକୁ ବିଜୁ ଜନତା ଦଳର କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ବୁଧବାର ଅପରାହ୍ନରେ ଭେଟିଛନ୍ତି। ଅଂଶୁମାନ ଅନିଲଙ୍କ ବାପା ବିଷ୍ଣୁଚରଣ ବେହେରା ଓ ଅନିଲଙ୍କ ସ୍ତ୍ରୀଙ୍କୁ ସମବେଦନା ଜଣାଇବା ସହିତ ସହଯୋଗରେ ହାତ ବଢ଼ାଇଥିଲେ । ସରକାରୀସ୍ତରରେ କ୍ଷତିଗ୍ରସ୍ତ ପରିବାରକୁ କିପରି ଶୀଘ୍ର ସହାୟତା ମିଳିପାରିବ ସେ ନେଇ ଚେଷ୍ଟା କରିବେ ବୋଲି କହିଛନ୍ତି । ସାଂସଦ ପ୍ରାର୍ଥୀ ଅଂଶୁମାନଙ୍କ ସହିତ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ନିଆଳ ସରପଞ୍ଚ ଅଶୋକ ମଲିକ, ସମିତି ସଭ୍ୟ ସନ୍ତୋଷ ପଢିହାରୀ, ଦେମାଳ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ରାବଣପୋଡ଼ି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ଡେରାବିଶର ମା' ବାସନ୍ତିକ ଦୁର୍ଗାପୂଜା ଶେଷ

ଡେରାବିଶ,୧୭।୪(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳର ପରମଆରାଧ୍ୟ ତଥା କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଭାବେ ପରିଚିତ ଚାଟରାସ୍ଥିତ ମା' ବାସନ୍ତୀଙ୍କ ପୀଠରେ ବାସନ୍ତୀକ ଦୁର୍ଗାପୂଜା ବୁଧବାର ବିଳମ୍ବିତ ରାତିରେ ଶେଷ ହୋଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ବାସନ୍ତିକ ଦୁର୍ଗାପୂଜାରେ ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ବୁଧବାର ଦଶମୀ ତିଥିରେ ମା'ଙ୍କ ପୀଠରେ ଅନୁଷ୍ଠିତ ରାବଣ ପୋଡ଼ିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼



ରାବଣ ଦେହରେ ଅଗ୍ନି ସଂଯୋଗ କରାଯାଇଛି।

ଦେଖିବାକୁ ମିଳିଥିଲା । ପଣ୍ଡିତ ଭାବଗ୍ରାହୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମା'ଙ୍କ ପୂଜା ଓ ଯଜ୍ଞାନୁଷ୍ଠାନରେ ପଣ୍ଡିତ ଶୁଶିଲ କୁମାର ମିଶ୍ର, ଶ୍ରୀଧର ଆଚାର୍ଯ୍ୟ, ଚକ୍ରଧର ମିଶ୍ର ଓ ରଜନୀକାନ୍ତ ଦାଶଙ୍କ ସମେତ ୧୭ ଜଣ ପଣ୍ଡିତ ପୂଜା କାର୍ଯ୍ୟରେ ନିୟୋଜିତ ଥିଲେ । କମିଟିର ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି, ସହ-ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଓ କୋଷାଧକ୍ଷ ଅରଜିତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । ପାଞ୍ଚ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା ପ୍ରଦର୍ଶନକୁ ଉପଭୋଗ କରିଥିଲେ ଦର୍ଶକ । ଏଥିସହିତ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକମାନଙ୍କ ଘର କରଣା ସାମଗ୍ରୀ ଓ ଫାଷ୍ଟଫୁଡ଼ ଦୋକାନରେ ଭିଡ଼ ଲାଗିରହିଥିଲା ।

ନମତରା ପଞ୍ଚାୟତରେ କଂଗ୍ରେସର ମିଶ୍ରଣ ପର୍ବ

କଂଗ୍ରେସର ମିଶ୍ରଣ ପର୍ବରେ ସାମିଲ ହୋଇଥିବା ନେତୃବର୍ଗ।

ରାଜକନିକା,୧୭।୪(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଅନ୍ତର୍ଗତ ନମତରାରେ ବୁଧବାର ପବିତ୍ର ରାମ ନବମୀ ଅବସରରେ ଭାରତୀୟ ଜାତୀୟ କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅଜୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ନମତରା ବିଜୁ ଜନତା ଦଳର ଯୁବନେତା ଅରୁଣ କୁମାର ଦାଶଙ୍କ ସମେତ ବହୁ ପରିବାର ଆନୁଷ୍ଠାନିକ ଭାବେ କଂଗ୍ରେସରେ ସାମିଲ ହୋଇଛନ୍ତି । ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଦଳୀୟ ଉତ୍ତରୀୟ , ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ଦଳରେ ମିଶାଇ ଥିଲେ । ଏହାଦ୍ୱାରା ନମତରା କଂଗ୍ରେସ ଆହୁରି ସୁଦୃଢ ହୋଇ ପାରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ବାବୁରାମ ଜେନା ,ପ୍ରାକ୍ତନ ସରପଞ୍ଚ ଦିବ୍ୟସିଂହ ରାଉତ, ଭାଗିରଥୀ ବାରିକ ,ବୀରକିଶୋର ଜେନା,ପ୍ରସନ୍ନ ଜେନା ,ରବିନ୍ଦ୍ର ବେହେରା ,ଖାରବେଳ ଦାସ,ବସନ୍ତ କୁମାର ଦାସ,ମାଧବ ଦାସ ,କୈଳାସ ମଲିକ ,ମାୟାଧର ମଲିକ,ଯୁବନେତା ପ୍ରଶାନ୍ତ ମଲିକ ପ୍ରମୁଖ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

ରାଜନଗରରେ ଶ୍ରୀରାମ ନବମୀ ଉତ୍ସବ

ରାଜନଗର,୧୭।୪
(ଭାସ୍କର ରାଉତରାୟ)

ମର୍ଯ୍ୟାଦା ପୁରୁଷ ରଘୁବୀର ତିଳକ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜୟନ୍ତୀ ଉତ୍ସବ ବୁଧବାରଠାରୁ ରାଜନଗରରେ ଆରମ୍ଭ ହୋଇଛି। ରାଜନଗର ଦେବୀ ମଣ୍ଡପଠାରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟ ମୂର୍ତ୍ତିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ନବଦିନ ବ୍ୟାପୀ ରାମଚରିତ ମାନସ ପାରାୟଣ ସହିତ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ଚଳିତ ବର୍ଷ ଧୁମଧାମରେ ପାଳନ କରାଯାଉଛି। ପଣ୍ଡିତ ବିଜୟ କୁମାର ନନ୍ଦ, ହରକୁମାର ମିଶ୍ର, ପ୍ରମୋଦ କୁମାର ପାଣି ପ୍ରମୁଖ ରାମଚରିତ ମାନସ ପଠନ ସହିତ ପୂଜାର୍ଚ୍ଚନା କରୁଛନ୍ତି । ଶ୍ରଦ୍ଧାଳୁମାନେ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ରାମାୟଣ ପାଠ ଓ ରାମ ନବାୟତନ ପୂଜା ଆସନ୍ତା ୨୫ ତାରିଖ ଯାଏଁ ଚାଲିବ। ଗୁରୁବାର ଠାରୁ ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ପ୍ରବଚନର କାର୍ଯ୍ୟକ୍ରମ ରହିଛି। ୨୫ ତାରିଖ ଦିନ ହରିହାଟ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ରବିନ୍ଦ୍ର କୁମାର ପ୍ରଧାନ, କୋଷାଧ୍ୟକ୍ଷ ଅନିରୁଦ୍ଧ ପରିଡ଼ା, ବିଚିତ୍ର କୁମାର ମଲିକ, ସୁବାସ ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ବାଇଧର ସେଠୀ, ସତ୍ୟବାନ ସେଠୀ, ଗଙ୍ଗାଧର ସେଠୀ, କମଳାକାନ୍ତ ମିଶ୍ର, ପ୍ରେମାନନ୍ଦ ଲେଙ୍କା, ହରେକୃଷ୍ଣ ଲେଙ୍କା, ଶ୍ରୀନିବାସ ରାଉଳ, ନୃସିଂହ ଚରଣ ଲେଙ୍କା, ବଟକୃଷ୍ଣ ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ଲାଲ, ହୃଷିକେଶ ସାହୁ, ପ୍ରିୟଦର୍ଶୀ ରାଉଳ, ଅଜୟ କୁମାର ନନ୍ଦ, ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ବ୍ୟବସାୟୀମାନେ ପରିଚାଳନା କରୁଛନ୍ତି।

ବଜରଙ୍ଗ ଦଳ ପକ୍ଷରୁ ଶ୍ରୀରାମନବମୀ ଶୋଭାଯାତ୍ରା

ରାଜନଗର,୧୭।୪(ଭାସ୍କର ରାଉତରାୟ)

ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ରାଜନଗର ପ୍ରଖଣ୍ଡ ପକ୍ଷରୁ ଶ୍ରୀରାମନବମୀ ଅବସରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ବିରାଟ ଶୋଭାଯାତ୍ରା ରାଜନଗର ବ୍ଲକର ଡେରା ଛକରୁ ବାହାରି ହାତିନା, କୁରୁଷ୍ଟି, ନାଉକୋଣା, ମହିଁଷାସୁର ଓ ରାଜନଗର ବଜାର ଓ ଗାଁ ପରିକ୍ରମା କରିଥିଲେ। ଜୟ ଶ୍ରୀରାମ ନାରାରେ ରାଜନଗର କମ୍ପିଥିଲା। ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ବିରେନ୍ଦ୍ର ଜେନା, କୁମାର ସାମଲ, ସହ ସମ୍ପାଦକ ସ୍ମୃତି ଅନୁପମ ସେଠୀ, ଶିବ ପ୍ରସାଦ ମହାପାତ୍ର, ସନ୍ତୋଷ ଲେଙ୍କା, ପ୍ରଖଣ୍ଡ ସଭାପତି ଦେବବ୍ରତ ମହାନ୍ତି, ସମ୍ପାଦକ ବିବେକାନନ୍ଦ ଭୂୟାଁ, କ୍ରୀଷ୍ଣା ବେହେରା, ବଶିଷ୍ଠ ଜେନା, ବିବେକାନନ୍ଦ ଦାସ, ତାପସ ପରିଡା, ସୌମ୍ୟ ରଞ୍ଜନ ଜେନା, ଅଭିଶେଷ ରାଉତ, ଆନନ୍ଦ ଦାସ, ଆଶିଷ ସେଠୀ, ଦିଲୀପ ରଞ୍ଜନ ପରିଡା, କୈଳାସ ପରିଡା, ଦିଲୀପ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଶ୍ରୀରାମ ନବମୀ ଶୋଭାଯାତ୍ରା।

ଡେରାବିଶରେ ଶ୍ରୀରାମ ନବମୀ ଉତ୍ସବ

ଡେରାବିଶ,୧୭। ୪ (ବେବର୍ତ୍ତା ଅଜୟ ଦାସ)

ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମ ଉତ୍ସବ ଅବସରରେ ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ମଠ ଓ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବଙ୍କ ମନ୍ଦିର ବେଢ଼ାରେ ଥିବା ଶ୍ରୀରାମ ମନ୍ଦିରରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା । ପ୍ରାତଃରୁ ମାନସିକ ବ୍ରତଧାରୀଙ୍କ ଭିଡ଼ ଲାଗି ରହିଥିଲା । ସେହିପରି ଆଳି ରାଜାଙ୍କ ନଅର ବ୍ଲକ ଅଧୀନସ୍ଥ ରଘୁଦେଇପୁର ପଞ୍ଚାୟତ ରାଜନଗରଠାରେ ଥିବା ଶ୍ରୀରାମଙ୍କ ମନ୍ଦିରରେ ପ୍ରାତଃରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା । ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପବୁର, ଯଅଁରାବାରିମୂଳ ପଞ୍ଚାୟତ ଅର୍ଣ୍ଣାମୂଳ, ଦାନପୁର ପଞ୍ଚାୟତର ନରସିଂହପୁର ଓ କେଶରପୁର ସମେତ ବିଭିନ୍ନ ଦେବାଳୟରେ ଶ୍ରୀରାମଲାଲାଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟେକ ମଠ ମନ୍ଦିରରେ ସନ୍ଧ୍ୟାରେ ଶ୍ରୀହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପଠନ, ଅଷ୍ଟପ୍ରହର ନାମଯଜ୍ଞ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ରାଧାକୃଷ୍ଣ ମନ୍ଦିର ରତ୍ନଭଣ୍ଡାର ପୂର୍ଣ୍ଣ ଉତ୍ସବ

ଆଳି,୧୭।୪(ବନମାଳୀ ସେନାପତି)

ଆଳି ବ୍ଲକ ଯାଦବ ମହାସଭା ପକ୍ଷରୁ ନିର୍ମାଣ କରାଯାଉଥିବା ରାଧାକୃଷ୍ଣ ମନ୍ଦିରର ରତ୍ନ ଭଣ୍ଡାର ପୂର୍ଣ୍ଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପବିତ୍ର ରାମ ନବମୀରେ ନିଆଳ ଶପ୍ତଶାଳା ପଡ଼ିଆରେ ଏହି ନିର୍ମାଣାଧୀନ ମନ୍ଦିରର କଥିତ ଉତ୍ସବ ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା । ଆଳି ବ୍ଲକର ୩୪ ପଞ୍ଚାୟତର ଯାଦବ ସମ୍ପ୍ରଦାୟ ଲୋକମାନେ ଏକ ଭବ୍ୟ ମନ୍ଦିର ନିର୍ମାଣ କରିବା ପାଇଁ ଉଦ୍ୟମ କରିଥିଲେ । ଏହି ମନ୍ଦିରରେ ମା'ରାଧାରାଣୀ ଓ କୃଷ୍ଣଙ୍କ ମୂର୍ତ୍ତି ଶୋଭାପାଇବ। ତାହା ଆଜିର ଏହି ରତ୍ନ ଭଣ୍ଡାର ପୂର୍ଣ୍ଣ ଉତ୍ସବ ପରେ କେତେକାଂଶରେ ସଫଳ ହୋଇଛି। ଶତାଧିକ ଶ୍ରଦ୍ଧାଳୁ ନିଜ ଇଚ୍ଛା ମୁତାବକ ଶସ୍ୟ, ବିଭିନ୍ନ ଧାତୁ, ଟଙ୍କା ପଇସା ଦାନ କରିଛନ୍ତି । ଶାସ୍ତ୍ରଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାପାଠ,ହୋମ ଯଜ୍ଞ ଆଦି କରାଯାଇଛି। ମହାସଂଘ ପକ୍ଷରୁ ଦିବେଶ ପଲାଇ ସସ୍ତ୍ରୀକ କର୍ତ୍ତା,କର୍ତ୍ତ୍ରୀ ଭାବେ ପୂଜାରେ ବସିଛନ୍ତି। ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିନାମ ଧ୍ୱନିରେ ସାରା ପରିବେଶ ମୁଖରିତ ହୋଇଉଠିଛି। ନିଆଳ ଗ୍ରାମର ବଦାନ୍ୟ ବ୍ୟକ୍ତି ସ୍ୱର୍ଗତ ଅନାଦି ଚରଣ ପଲେଇ ସ୍ୱଇଚ୍ଛାରେ ଜମି ଦାନ କରିବା ପରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ।

ମନ୍ଦିରର ରତ୍ନଭଣ୍ଡାର ପୂର୍ଣ୍ଣ ପାଇଁ ପୂଜା ଉତ୍ସବ ଚାଲିଛି।

ବାସନ୍ତିକ ଦୁର୍ଗାପୂଜା,ବଜରଙ୍ଗବାଲୀଙ୍କ ବିଗ୍ରହ ପ୍ରତିଷ୍ଠା

ରାଜନଗର,୧୭।୪(ଭାସ୍କର ରାଉତରାୟ)

ରାଜନଗର ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ମା'ଜୟଦୁର୍ଗାଙ୍କ ପୀଠରେ ବାସନ୍ତୀକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏଥିସହିତ ମନ୍ଦିର ପରିସରରେ ବୁଧବାର ପବିତ୍ର ଶ୍ରୀରାମ ନବମୀ ଅବସରରେ ବଜରଙ୍ଗବାଲିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ସହିତ ଭାବଗତ ପାରାୟଣ ଆରମ୍ଭ ହୋଇଛି। ୧୫ ତାରିଖ ଦିନ ବିଲ୍ୱବରଣ, ସପ୍ତମୀ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହୋଇଥିଲା । ମଙ୍ଗଳବାର ମହାଷ୍ଟମୀ ଓ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ବୁଧବାର ଚଣ୍ଡୀପୁରଶ୍ଚରଣ, ପଦ୍ମପୁଷ୍ପଦାନ, ଚାରୁଅନ୍ନ ବିତରଣ ସହିତ ଭାଗବତ ପାରାୟଣ ଉତ୍ସବ ଆରମ୍ଭ ହୋଇଛି। ମହାପ୍ରଭୁ ବଜରଙ୍ଗବାଲିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦ ତାରିଖ ଦିନ ଭାଗବତ ପୁରଶ୍ଚରଣ ଓ ୨୪ ତାରିଖ ନିଶିପ୍ରହରୀ ନାମ ସଂକୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗାଁର ମା'ଜୟଦୁର୍ଗାଙ୍କ ପୀଠରେ ବାସନ୍ତୀକ

ଦୁର୍ଗାପୂଜା ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି।

ଡାଙ୍ଗମାଳ, ଖମାରସାହି, କୃଷ୍ଣନଗର, ତାଳଗୁଆ, ରଙ୍ଗଣୀ, କେରୁଆଁପାଳ ଓ ବାଘମାରୀ ଆଦି ପଞ୍ଚାୟତର ଶ୍ରଦ୍ଧାଳୁଙ୍କ ସମେତ ରାଜନଗର ବ୍ଲକର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଶ୍ରଦ୍ଧାଳୁମାନେ ଭିଡ ଜମାଉଛନ୍ତି। ମା'ଜୟଦୁର୍ଗାଙ୍କ ପୂଜା କମିଟିର ସଭାପତି ରଘୁନାଥ ବେହେରା, ସମ୍ପାଦକ ରମେଶ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ପ୍ରଭାତ କୁମାର ବେହେରାଙ୍କ ସମେତ ଲକ୍ଷ୍ମୀଧର ବାରିକ, ବିଷ୍ଣୁଚରଣ ରାଜ, କୃତିବାସ ବେହେରା, ବ୍ରହ୍ମାନନ୍ଦ ବେହେରା, କାର୍ତ୍ତିକ ଚନ୍ଦ୍ର ବେହେରା, ଶ୍ରୀଚରଣ ଦାସ, ଖୁଲୁମିନା କୁଅଁର, ଦ୍ରୌପଦୀ ସେଠୀ, ତପନ ଗାନ୍ତୟତ, ନିମାଇଁ ଚରଣ ବେହେରା, ବିଜୟ ମଣ୍ଡଳ, ବିଜୟ ବେହେରା, ନିରଞ୍ଜନ ନାୟକ, ନରୋତ୍ତମ ଦାସ, ରମାକାନ୍ତ କରଣ, ସୁଦର୍ଶନ ଦାସ, ଜୟୀରାମ ସେଠୀ, ସମୀର ପ୍ରକାଶ ବେହେରା, ସୁମନ୍ତ କୁମାର ସ୍ୱାଇଁ, ମରୁତ ବେହେରା, ରଞ୍ଜନ କୁମାର ବେହେରା, ଅଜୟ ବେହେରା, ସୁଶାନ୍ତ ବେହେରା, ବିଜୟ କୁମାର ଦାସ, ଗୌରାଙ୍ଗ ଦାସ, ଲକ୍ଷ୍ମୀଧର ପାଢୀ, କୁନା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ରାଜନଗର,୧୭।୪(ଭାସ୍କର ରାଉତରାୟ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ରାଜନଗର ବିଜୁ ଜନତା ଦଳ ପକ୍ଷରୁ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତ୍ରିନାଥବଜାରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଜେନା, ସନ୍ତୋଷ କୁମାର ମହାନ୍ତି, ମୋହନ କୁମାର ଦାସ, ବିଜୟ ନାୟକ, ନରହରି ଜେନା, ପୂର୍ବତନ ସରପଞ୍ଚ ସୁଧିର ପାଳ, କଟକ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ସରୋଜ ଜେନା, ବୈଲୋଚନ ରାଉତ, ଗଗନ ବଳ, ଅଲେଖ ବେହେରା, ପ୍ରଦୀପ ଲେଙ୍କା, ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ତ୍ରିନାଥ ବଜାରରେ ଥିବା ମାଟିର ଭୂମିପୁତ୍ର ସ୍ୱର୍ଗତ ନଳିନୀକାନ୍ତ ମହାନ୍ତି, ବ୍ଲକ କାର୍ଯ୍ୟାଳୟରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀ ଏବଂ ଡ. ବି.ଆର୍.ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ଶ୍ରୀରାମ ନବମୀରେ ବିଶାଳ ହିନ୍ଦୁ ଶୋଭାଯାତ୍ରା

ରାଜକନିକା,୧୭।୪(ରବୀନ୍ଦ୍ର କୁମାର ଦାସ)

ଶ୍ରୀରାମ ନବମୀ ପାଇଁ ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଛି । ସବୁଠି ଜୟ ଶ୍ରୀରାମ ଧ୍ୱନୀ ଗୁଞ୍ଜରଣ ହେଉଛି । ଏହି ଅବସରରେ ରାଜକନିକା ବିଶ୍ୱ ହିନ୍ଦୁ ପରିଷଦ,ଧର୍ମରକ୍ଷା ସେନା ଓ ବଜରଙ୍ଗ ଦଳର ମିଳିତ ସହଯୋଗରେ ଏକ ବିଶାଳ ହିନ୍ଦୁ ଏକତା ଶୋଭାଯାତ୍ରା ବାହାରି ଥିଲା। କନିକା ରାଜବାଟୀ ମେଳଣ ପଡ଼ିଆରୁ ଏହି ଶୋଭାଯାତ୍ରା ବାହାରି କଟକ -ଚାନ୍ଦବାଲି ରାଜ୍ୟ ରାଜପଥ ଦେଇ ଆଳିପତ୍ରପୁରଠାରେ ଶେଷହୋଇଥିଲା। ଏହି ଶୋଭାଯାତ୍ରା ରଜତ ଦାସ, ଅମିତ ପଣ୍ଡା, ପବିତ୍ର ମୋହନ ମିଶ୍ର, ସନ୍ତୋଷ କର, ଦୀପକ ମାଲିକ, ସୁରଜ କୁମାର ବେହେରା, ଶୁଭ୍ରଜିତ, ଧନେଶ୍ୱର ଜେନା, ଲିଙ୍କୁ ନାୟକ,ସୌମ୍ୟରଞ୍ଜନ ନାୟକ, ଜଗନ୍ନାଥ ସାମଲ, ସୁଶାନ୍ତ ମଲିକ,ବିଶ୍ୱଜିତ ନାୟକ, ସୁଶାନ୍ତ ନାୟକ, ମହାବୀର ଦେବ (ଗୁନ୍ଜୁ),ରାକେଶ ବାରିକ, ଜନ୍ ନାୟକ, ଦିଲୀପ ପରିଡାଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିଲା। ଶୋଭାଯାତ୍ରାରେ ୨ ହଜାରରୁ ଊର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖ

ସଂକ୍ଷେପରେ

ପଦ୍ମନାଭପୁରରେ ଠାକୁରାଣୀ ଯାତ୍ରା

ଦିଗପହଣ୍ଡି,୧୭।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗା ଠାକୁରାଣୀଙ୍କ ଯାତ୍ରା ମହୋତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ବିଳମ୍ବିତ ସନ୍ଧ୍ୟାରେ ମନ୍ଦିର ପୀଠରେ ମା' ଙ୍କୁ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଅସ୍ଥାୟୀ ଯାତ୍ରା ପୀଠକୁ ଆବାହନ କରାଯାଇଥିଲା। ମା'ଙ୍କ ମସ୍ତକରୁ ଫୁଲମଣ୍ଡା ଖସିବା ପରେ ତାକୁ ବିରାଟ ଶୋଭାଯାତ୍ରାରେ ସେବାୟତ ଓ ଗ୍ରାମବାସୀମାନେ ନେଇ ଅସ୍ଥାୟୀ ପୀଠରେ ପହଞ୍ଚିଥିଲେ। ୭ ଦିନ ବ୍ୟାପୀ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାହି ବସ୍ତିକୁ ମା'ଙ୍କ ଘଟ ପରିକ୍ରମା କରାଯିବ ବୋଲି ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ମିନା ବଜାର ସାଙ୍ଗକୁ ରାମ ଦୋଳି ଏବଂ ପ୍ରତି ସାହିରେ ଆକର୍ଷଣୀୟ କଳାକୁଞ୍ଜ ନିର୍ମାଣ କରାଯାଇଛି। ଯାତ୍ରା ପରିଚାଳନା କମିଟି ସଭାପତି ବି . କ୍ରିଷ୍ଣାରାଓ ସୁବୁଦ୍ଧି, ଉପସଭାପତି ଶଙ୍କର ସୁବୁଦ୍ଧି, ସମ୍ପାଦକ ଶିବପ୍ରସାଦ ସାହୁ, ସହ ସମ୍ପାଦକ ସୁଶାନ୍ତ ସେଠୀ, କୋଷାଧ୍ୟକ୍ଷ ନାରାୟଣ ସାହୁଙ୍କ ସମେତ ସମସ୍ତ ଯାତ୍ରା କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

ରାମନବମୀ ଉତ୍ସବ

ଆସିକା, ୧୭।୪ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଓ ଗ୍ରାମାଞ୍ଚଳରେ ବିଜେ ରଘୁନାଥ ମନ୍ଦିର ଓ ହନୁମାନ ମନ୍ଦିରରେ ବୁଧବାର ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଜୟନ୍ତୀ ପାଳିତ ହୋଇଥିଲା। ବିଭିନ୍ନ ମନ୍ଦିରରେ ଭୋରରୁ ଦ୍ୱାର ପୂଜା, ମଙ୍ଗଳ ଆଳତୀ, ମଇଲମ, ଅବକାଶ ତଡପ ଲାଗି ନୀତି ପରେ ସ୍ୱତନ୍ତ୍ର ବେଶ କରାଯାଇଥିଲା। ମଧ୍ୟାହ୍ନରେ ପୂଜା, ହୋମ, ଆରତୀ ଓ ପୁଷ୍ପାଞ୍ଜଳି ପରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ବିଭିନ୍ନ ମନ୍ଦିରରେ ହରିନାମ ସଂକୀର୍ତ୍ତନ, ଶ୍ରଦ୍ଧାଳୁଙ୍କୁ ପଣା ଓ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଆସିକା ଏନ୍‌ଏସିର ସୁନାମ୍ନ ସାହି, ବସଷ୍ଟାଣ୍ଡ, ଲଛମନପଲ୍ଲୀ ପାକଲାପଲ୍ଲୀ ରଘୁନାଥ ମନ୍ଦିର ସାଙ୍ଗକୁ ଜେଲ ପରିସରରେ ଥିବା ହନୁମାନ ମନ୍ଦିରରେ ଏହି ପୂଜା ପାଳିତ ହୋଇଥିଲା। ଦେବଭୂମି ଓ ନିରାଳ ଗ୍ରାମରେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବ ପାଳିତ ହୋଇଥିଲା ।

ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରୁ ନିର୍ବାଚନ ପ୍ରଚାର

ଖଲ୍ଲିକୋଟ,୧୭।୪(ପ୍ରଶାନ୍ତ କୁମାର ମିଶ୍ର)

ବୁଧବାର ବିଜୁବାବୁଙ୍କ ୨୭ ତମ ଶ୍ରାଦ୍ଧ ଦିବସରେ ଖଲ୍ଲିକୋଟଠାରେ ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣୀ ବୈଦ୍ୟ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ନିଜ ବାସଭବନ ନିକଟସ୍ଥ ପଡିଆରେ ଅନୁଷ୍ଠିତ ବିଜୁବାବୁଙ୍କ ତିରୋଧାନ ଦିବସରେ ହଜାର ହଜାର ବିଜୁପ୍ରେମୀ ଯୋଗ ଦେଇ ସ୍ୱର୍ଗତ ବିଜୁବାବୁଙ୍କୁ ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଜେଡି ବିଧାୟିକା ପ୍ରାର୍ଥୀ ଓ ଆସିକା ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁ ଉପସ୍ଥିତ ବିଜୁପ୍ରେମୀ ମାନଙ୍କୁ ହାତ ଯୋଡ଼ି ଭୋଟ ଭିକ୍ଷା କରିଥିଲେ। ଆୟୋଜିତ ଶ୍ରାଦ୍ଧ ବାର୍ଷିକୀରେ ବିଜେଡି ପ୍ରାର୍ଥୀନୀ ସୂର୍ଯ୍ୟମଣି ବୈଦ୍ୟ ଓ ସାଂସଦ ପ୍ରାର୍ଥୀନୀ ଡ଼ଃ ରଂଜିତା ସାହୁ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ବିଜୁ ବାବୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ବରିଷ୍ଠ ବିଜେଡି ନେତା ହର ପ୍ରସାଦ ସାହୁ, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଜିଲା ପରିଷଦ ସଭ୍ୟା ସୋନମ ପଲାଇ, ଚନ୍ଦନା ସେଠୀ, ବରିଷ୍ଠ ବିଜେଡି ନେତା କିଶୋର ପଲାଇ, ମାଗୁଣି ପଲାଇ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମ ମୋହନ ପଣ୍ଡା, ବିଜେଡ଼ି ନେତା ରତ୍ନାକର ସାହୁ, ନଗର ବିଜେଡି ସଭାପତି ନରେନ୍ଦ୍ର କୁମାର ପାତ୍ର, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଭିକାରି ଚରଣ ପାଣ୍ଡୀ ପ୍ରମୁଖଯୋଗ ଦେଇଥିଲେ।

ରାମ ନବମୀରେ ଭାଜପା ଓ ଆରଏସଏସର ବାଇକ ରାଲି

ବୁଗୁଡ଼ା,୧୭।୪(କାଳିଚରଣ ଦାଶ)

ପବିତ୍ର ରାମ ନବମୀ ଉପଲକ୍ଷେ ଭାଜପା ଓ ଆରଏସଏସର ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଘୁମୁସର ଜିଲା ଭାଜପା ସଭାପତି ତଥା ପୋଲସରା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲିକ, ଉପସଭାପତି ପ୍ରଭାକର ପଣ୍ଡାଙ୍କ ନେତୃତ୍ୱରେ ଏକ ବାଇକ ରାଲି ପୋଲସରା ରୋଡ଼ର ସନ୍ତୋଷୀ ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ରାମ, ଲକ୍ଷ୍ମଣ ଓ ସୀତା ବେଶଧାରୀଙ୍କ ସମେତ ଶହ ଶହ କର୍ମୀ ଜୟ ଶ୍ରୀରାମ ନାରା ଦେଇ ଏହି ବାଇକ ରାଲିରେ ସାମିଲ ହୋଇଥିଲେ।

ବାଲିଘାଟକୁ କେନ୍ଦ୍ରକରି ଉତ୍ତେଜନା, ୧୦ ଗିରଫ

ଥାନା ଘେରିଲେ ଗ୍ରାମବାସୀ

ଆସିକା,୧୭।୪ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଶେରଗଡ଼ ତହସିଲର ଆସିକା ଥାନା ଅନ୍ତର୍ଗତ ପାକିଡିସ୍ଥିତ ଋଷିକୂଲ୍ୟା ନଦୀର ବାଲିଘାଟରୁ ବାଲି ଉଠାଇବାକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବାଲିଘାଟ ଗୁତାଦାର ସୁଧାନିଧି ଚୌଧୁରୀଙ୍କ ପକ୍ଷରୁ ମଙ୍ଗଳବାର ଆସିକା ପୋଲିସରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା । ଏହି ଅଭିଯୋଗରେ ପାକିଡି ଗ୍ରାମର କେତେକ ବ୍ୟକ୍ତି ଗୁତାଦାରଙ୍କୁ ଦୈନିକ ୧ଲକ୍ଷ ଟଙ୍କା ଦାଦାବଟି ମାଗିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ୨୯୫/୨୪ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ମାମଲାରେ ପାକିଡି ଗ୍ରାମର ୧୦ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହରିଶ

ଆସିକା ଥାନା ସମ୍ମୁଖରେ ପୋଲିସ ଓ ଗ୍ରାମବାସୀ।

ଖଟେଇ, ମାଧବ ସ୍ୱାଇଁ, ସଂପଦ ନାହାକ, ସୁଶାନ୍ତ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ବିକାଶ ମଲିକ, ଶୁକ୍ରାଚାର୍ଯ୍ୟ ସ୍ୱାଇଁ, ସନ୍ୟାସୀ ସ୍ୱାଇଁ, ପିଣ୍ଟୁ ସ୍ୱାଇଁ ଓ ଦୁଃଖିଶ୍ୟାମ ସ୍ୱାଇଁ । ପୋଲିସ ଏହି ମାମଲାରେ ୪୦ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଛାଡିଥିବା ଜଣାପଡିଛି । ଅପରପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ବୁଧବାର ପାକିଡି ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଶତାଧିକ ପୁରୁଷ ଓ ମହିଳା ଆସିକା ଥାନା ସମ୍ମୁଖରେ ପହଞ୍ଚି ଦୀର୍ଘ ସମୟ ଧରି ଥାନା ସମ୍ମୁଖରେ ଭିଡ ଜମାଇବା ସହ ଭିତରକୁ ଧସେଇ ପସିବା ଲାଗି ଉଦ୍ୟମ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ଲାଗି ପୋଲିସ ଓ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଦୀର୍ଘ ସମୟ ପରେ ପରିସ୍ଥିତି ଶାନ୍ତ ପଡିଥିବା ଜଣାପଡିଛି। ଆସିକା ଏସ୍‌ଡିପିଓ ସଂଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆସିକା ଥାନା ଅଧିକାରୀଙ୍କ ସମେତ ହିଞ୍ଜିଳି, ସୋରଡା, ବେଲଗାଁ, ବଡଗଡ ଓ କୋଟିନଡା ଥାନା ଅଧିକାରୀଙ୍କ ସହ ସଶସ୍ତ୍ର ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅପରପକ୍ଷେ ବାଲିଘାଟ ଲିଜଧାରୀ ପାକିଡି ନଦୀରେ ବହୁତ ଖାଲ କରି ବାଲି ନେଉଥିବାରୁ ପାଣି ଖାତରେ ପଡି ଶିଶୁଙ୍କ ପ୍ରାଣ ହାନୀ ଆଶଙ୍କା କରାଯାଉଥିଲା ବେଳେ ବାଲିଘାଟରେ ଅଶାଳୀନ ଭାଷା ପ୍ରୟୋଗ ଓ ଭିଡ ଯୋଗୁଁ ଗ୍ରାମର ମହିଳା ନଦୀକୁ ସ୍ନାନ ଶୌଚ ଲାଗି ଯିବା ମଧ୍ୟ ଅସୁରକ୍ଷିତ ମନେକରୁଥିବା ଥାନା ସମ୍ମୁଖରେ ରହିଥିବା କେତେକ ମହିଳା ଅଭିଯୋଗ କରିଥିବା ଲକ୍ଷ୍ୟ କରାଯାଇଛି ।

ବିଜୁଙ୍କ ଶ୍ରାଦ୍ଧ ଦିବସରେ ବିଜେଡିର ଶକ୍ତି ପ୍ରଦର୍ଶନ

ବିଜେଡ଼ିର ବାଇକ୍ ରାଲି ।

ଭଞ୍ଜନଗର,୧୭।୪(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ଏବଂ ନଗର ବିଜେଡ଼ି ପକ୍ଷରୁ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏ ନେଇ ବ୍ଲକ ଛକରୁ ବିଜେଡ଼ି ନେତା ଏବଂ କର୍ମୀମାନେ ଏକ ବିରାଟ ବାଇକ୍ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ଏହି ସମୟରେ ସହରର ବିଭିନ୍ନ ସ୍ଥାନରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସହ ଅନ୍ୟାନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ବାଉଁଶଲୁଣ୍ଡିସ୍ଥିତ ବିଜୁ ସ୍ମୃତି ଭବନଠାରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନିସିପାଲଟି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଜିଲା ବିଜେଡ଼ି ଉପ ସଭାପତି ରାଜକୁମାର ସାହୁ, ପୂର୍ବତନ ଏନଏସି ଅଧ୍ୟକ୍ଷ ସୁଧୀର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନୀ ଶଙ୍କର ପ୍ରଧାନ, ବିଜେଡ଼ି ନେତା କୁଲୁ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଶୁଳପାଣି ଶତପଥି ସଭା ସଂଯୋଜନା କରିଥିଲେ ।

ଆଜିଠାରୁ ନାମାଙ୍କନ ପତ୍ର ଦାଖଲ

ବ୍ରହ୍ମପୁର ଲୋକସଭା, ୫ ବିଧାନସଭା ଆସନ

ଛତ୍ରପୁର,୧୭।୪(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ବ୍ରହ୍ମପୁର ଲୋକସଭା ଆସନ ଏବଂ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ ୧୮ ତାରିଖ ଗୁରୁବାରଠାରୁ ଆରମ୍ଭ ହେବ। ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ଏବଂ ୨୬ରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ୨୯ରେ ଦାଖଲର ଶେଷ ଦିବସ ରହିଛି। ଉକ୍ତ ଆସନଗୁଡିକ ପାଇଁ ମେ ୧୩ ତାରିଖରେ ଭୋଟ ଗ୍ରହଣ ହେବ। ଜୁନ୍ ୪ ରେ ଭୋଟ ଗଣତି ହେବ ବୋଲି ଧାର୍ଯ୍ୟ ହୋଇଛି। ବ୍ରହ୍ମପୁର ଲୋକସଭା ଆସନ ପାଇଁ ଗଞ୍ଜାମ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ)ଙ୍କ ଠାରେ ନାମାଙ୍କନପତ୍ର ଦାଖଲ ହେବ। ଛତ୍ରପୁର ବିଧାନସଭା ଆସନ ପାଇଁ ଛତ୍ରପୁର ଉପଜିଲାପାଳ, ବ୍ରହ୍ମପୁର ବିଧାନସଭା ଆସନ ପାଇଁ ଅତିରିକ୍ତ ଜିଲାପାଳ (ରାଜସ୍ୱ), ଦିଗପହଣ୍ଡି ଓ ଗୋପାଳପୁର ବିଧାନସଭା ଆସନ ପାଇଁ ବ୍ରହ୍ମପୁର ଉପଜିଲାପାଳ ଏବଂ ଚିକିଟି ବିଧାନସଭା ଆସନ ପାଇଁ ବ୍ରହ୍ମପୁର ସହକାରୀ ଉପଜିଲାପାଳଙ୍କ ଠାରେ ନାମାଙ୍କନପତ୍ର ଦାଖଲ ହେବ ବୋଲି ସୂଚନା ଦିଆଯାଇଛି। ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୨୪ ଟି ବୁଥ ରହିଥିବା ବେଳେ ୨ ଲକ୍ଷ ୩୫ ହଜାର ୬୪୮ ଭୋଟର ରହିଛନ୍ତି । ସେହିପରି ଗୋପାଳପୁରରେ ୨୧୩ଟି ବୁଥ୍ ରହିଥିବା ବେଳେ ୨ ଲକ୍ଷ ୨୫ ହଜାର ୮୭୧ ଭୋଟର , ବ୍ରହ୍ମପୁରରେ ୧୭୨ ଟି ବୁଥ ରହିଥିବା ବେଳେ ୨ ଲକ୍ଷ ୨୪ ହଜାର ୩୫୮ ଭୋଟର , ଦିଗପହଣ୍ଡିରେ ୨୫୬ ଟି ବୁଥ ରହିଥିବା ବେଳେ ୨ ଲକ୍ଷ ୨୫ ହଜାର ୩୮୮ ଭୋଟର ଏବଂ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୪୧ ଟି ମତଦାନ କେନ୍ଦ୍ର ରହିଥିବା ବେଳେ ୨ ଲକ୍ଷ ୧୫ ହଜାର ୫୮୨ ଜଣ ଭୋଟର ରହିଛନ୍ତି।

ଭାଜପା ଛାଡ଼ି ବିଜେଡିରେ ମିଶିଲେ ବେଲଗୁଣ୍ଡାର ୩୦ ସଙ୍ଗଠକ

ଭଞ୍ଜନଗର/ସୋରଡ଼ା,୧୭।୪ (ବାବୁଲା ପ୍ରଧାନ/ଲମ୍ବୋଧର ପାଣିଗ୍ରାହୀ)

ଗଞ୍ଜାମ ଜିଲା ସୋରଡ଼ା ନିର୍ବାଚନ ମଣ୍ଡଳୀରେ ସବୁ ଦଳର ନେତାମାନେ ବର୍ତ୍ତମାନ ଦଳ ବଦଳ କରୁଛନ୍ତି। ଦୁଇଦିନ ପୂର୍ବେ ବେଲଗୁଣ୍ଡା ଏନ୍‌ଏସି ଉପାଧ୍ୟକ୍ଷାଙ୍କ ସମେତ କିଛି ପୂର୍ବତନ କାଉନସିଲର ବିଜେଡ଼ି ଛାଡ଼ିଥିଲେ। ସେମାନେ ଆଗାମୀ ଦିନରେ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଛି। ସେହିପରି ବୁଧବାର ବେଲଗୁଣ୍ଡା ଏନଏସିର ବିଭିନ୍ନ ୱାର୍ଡ଼ର ପ୍ରାୟ ୩୦ ଭାଜପା ସଙ୍ଗଠକ ବିଜେଡ଼ିରେ ମିଶିଥିବା ବିଜେଡ଼ି ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ଆଜି ଅପରାହ୍ନରେ ସୋରଡ଼ା ବ୍ଲକ ହୁକୁମା ଠାରେ ବିଜେଡ଼ି ପକ୍ଷରୁ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା। ଆୟୋଜିତ ଖବରଦାତା ସମ୍ମିଳନୀରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ବିଜେଡ଼ି ସଙ୍ଗଠନ ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଜେଡ଼ି ଶାସନ ସମୟରେ ସୋରଡ଼ା

ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଉଛି ।

ନିର୍ବାଚନମଣ୍ଡଳୀରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଛି। ବିକାଶର ରଥକୁ ଆଗକୁ ନେବାପାଇଁ ବିଜେଡ଼ି ପ୍ରାର୍ଥୀନୀ ସଂଘମିତ୍ରା ସ୍ୱାଇଁ ଏବଂ ଆସିକା ଏମ୍‌ପି ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ଆଗାମୀ ଦିନରେ ସହଯୋଗ କରିବା ପାଇଁ ଶ୍ରୀ ସ୍ୱାଇଁ ଉପସ୍ଥିତ କର୍ମୀଙ୍କୁ ନିବେଦନ କରିଥିଲେ । ଆୟୋଜିତ ସଭାରେ ସୋରଡ଼ା ବିଜେଡ଼ି ବିଧାୟକ ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁ, ସୋରଡ଼ା ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ବ୍ଲକ ଅଧ୍ୟକ୍ଷା ସାଇବାଣୀ ମଲ୍ଲିକ,ବ୍ଲକ ବିଜେଡ଼ି ସଭାପତି ବସନ୍ତ ସ୍ୱାଇଁ,ନଗର ସଭାପତି ସଞ୍ଜିବ ଅଧିକାରୀ, ବିଜେଡ଼ି ନେତା ରବି ପଣ୍ଡା,ଛାତ୍ର ବିଜେଡ଼ି ନିର୍ବାଚନମଣ୍ଡଳୀ ସଭାପତି ପ୍ରସନ୍ନ ମୁନି, ବେଲଗୁଣ୍ଡା ଏନଏସି ଅଧ୍ୟକ୍ଷ ଫିରୋଜ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଉମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ବିଜୁବାବୁଙ୍କ ତିରୋଧାନ ଦିବସ

ଦିଗପହଣ୍ଡି,୧୭।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ନିକଟ ବିଜେଡି କାର୍ଯ୍ୟାଳୟ ପରିସରରେ ଏନ୍‌ଏସି ଓ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର ଓ ନଗର ବିଜେଡି ସଭାପତି ତାରାପ୍ରସାଦ ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ ପୁଞ୍ଜିକର୍ଯ୍ୟା ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜେଡି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିସଭାରେ ଏମ୍‌ପି ପ୍ରତିନିଧି ନିରୂପମା ପଟ୍ଟନାୟକ, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଜେଡି ଯୁବ ସଭାପତି ଏମ୍.ନିରଞ୍ଜନ ରେଡ୍ଡୀ, ବିଜେଡି ଜିଲା ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ, ପୂର୍ବତନ ନଗରପାଳ ହୃଦୟ ରଞ୍ଜନ ମେକାପ, ଭି. ରବିନାରାୟଣ ରାଜୁ, ଉମା ମହେଶ୍ୱରୀ ସେଠୀ, ମନୋରଞ୍ଜନ ଗୌଡଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୧୭।୪(ଶିଶିର ପଟ୍ଟନାୟକ)

ସ୍ଥାନୀୟ ବ୍ୟବସାୟୀ ସଂଘ ସଭା ଗୃହରେ ଜି.ଉଦୟଗିରି ନଗର ବିଜେଡି ସଭାପତି ପି.ସଞ୍ଜୀବ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ମହିଳା ସଭାନେତ୍ରୀ କୃତାଞ୍ଜଳି ନାୟକ, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦଳବେହେରା, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ଭାରତୀ ବେହେରା, ସିଦ୍ଧେଶ୍ୱରୀ ନାୟକ, ମୋନାଲିସା ଦଳବେହେରା, ଦୀପକ କୁମାର ନାୟକ, ଲିପିକା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଚ୍ଛା, ବିଜେଡି ନେତା ପ୍ରଶାନ୍ତ କୁମାର ଦାଶ, ଆମୋଦ ନାୟକ, ଅବନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବିଧାୟକଙ୍କ ସହ ମିଶିଲେ ବିରୋଧୀ ଗୋଷ୍ଠୀ

ଛତ୍ରପୁର ବିଧାନସଭା ଆସନ

ଛତ୍ରପୁର,୧୭।୪(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଛତ୍ରପୁର ବିଧାୟକଙ୍କୁ ନେଇ ବିଜେଡିରେ ଏକ ବିରୋଧୀ ଗୋଷ୍ଠୀ ମୁଣ୍ଡ ଟେକିଥିଲା । ପଞ୍ଚାୟତ ନିର୍ବାଚନ ଏବଂ ପରେ ବ୍ଲକ ଅଧ୍ୟକ୍ଷା ନିର୍ବାଚନକୁ ନେଇ ବିଧାୟକ ବିରୋଧୀ ଗୋଷ୍ଠୀ ବେଶ୍ ସକ୍ରିୟ ହୋଇଉଠିଥିଲେ । ତେବେ ବୁଧବାର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ଶରଣାପନ୍ନ ହୋଇଛନ୍ତି ଉକ୍ତ ବିରୋଧି ଗୋଷ୍ଠୀ। ଫଳରେ ଛତ୍ରପୁର ବିଧାୟକଙ୍କୁ ବଡ ଆଶ୍ୱସ୍ତି ମିଳିଥିବା ବେଳେ ବିଜେଡିରେ ଗୋଷ୍ଠୀ କନ୍ଦଳ ଥମିଥିବା ଆଲୋଚନା ହେଉଛି। ବିଧାୟକ ସୁବାସଙ୍କୁ ଚଳିତ ଥର ବିଧାୟକ ପ୍ରାର୍ଥୀ ଭାବେ ବିଜେଡି ରିପିଟ୍ କରିଛି। ସୂଚନାଯୋଗ୍ୟ ପୂର୍ବରୁ ଏକ ବଡ ବିରୋଧି ଗୋଷ୍ଠୀ ବିଧାୟକଙ୍କ ବିରୋଧରେ ଛତ୍ରପୁର ଓ ଗଞ୍ଜାମରେ ଗୋଟିଏ ଲେଖାଏଁ ବୈଠକ କରିଥିଲେ ଏବଂ ସୁବାସଙ୍କୁ କଡା ସମାଲୋଚନା କରିଥିଲେ । ଏପରିକି ବିଧାୟକଙ୍କ ନେତୃତ୍ୱରେ ହେଉଥିବା କୌଣସି ଦଳୀୟ କାର୍ଯ୍ୟକ୍ରମରେ ଏହି ଗୋଷ୍ଠୀ ସାମି

ସତ୍ୟସାରଥିଙ୍କୁ ହଟାଅ, ଅନ୍ୟ କର୍ମକର୍ତ୍ତାଙ୍କୁ ପ୍ରାର୍ଥୀ କର

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଭାଜପା ରାଜନୀତି

ଜଗତ୍‌ସିଂହପୁର/ବାଲିକୁଦା, ୧୭।୪ (ପ୍ରମୋଦ କୁମାର ନାୟକ/ତାପସ ସ୍ୱାଇଁ)

ଖବରଦାତା ସମ୍ମିଳନୀରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଭାଜପା ନେତାମାନେ ।

ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ସତ୍ୟସାରଥି ମହାନ୍ତିଙ୍କ ନାମ ଘୋଷଣା ପରେ ଦଳ ପାଇଁ ଅଡୁଆ ବଢ଼ିଛି। ମହାନ୍ତି ୪ରୁ ୫ ମାସ ପୂର୍ବରୁ ନିର୍ବାଚନମଣ୍ଡଳୀରେ ପହଞ୍ଚି ଟିକେଟ ହାତେଇବା କଥାକୁ ପୁରୁଣା ନେତାମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ସେମାନେ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ଏ ନେଇ ୧୬ ତାରିଖ ସନ୍ଧ୍ୟାରେ ବାଲିକୁଦା ବ୍ଲକ କଣିଆସ୍ଥିତ ଦଳ କାର୍ଯ୍ୟାଳୟରେ ପୁରୁଣା ନେତାମାନେ ଏକାଠି ହୋଇ ଆଲୋଚନା କରିଥିଲେ। ବୁଧବାର ପୂର୍ବାହ୍ନରେ ଏହି କାର୍ଯ୍ୟାଳୟ ପରିସରରେ ଖବରଦାତା ସମ୍ମିଳନୀ ଡାକି ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମହାନ୍ତିଙ୍କୁ କୌଣସି ପରିସ୍ଥିତିରେ ସେମାନେ ଦଳୀୟ ପ୍ରାର୍ଥୀ ଭାବେ ଦେଖିପାରିବେ ନାହିଁ ବୋଲି ସ୍ପଷ୍ଟୋକ୍ତି ପ୍ରକାଶ କରିଛନ୍ତି। ଉପସ୍ଥିତ ନେତାମାନେ କହିଛନ୍ତି, ମହାନ୍ତିଙ୍କ ପ୍ରାର୍ଥିତ୍ୱ ପ୍ରସଙ୍ଗରେ ଦଳ ପୁନର୍ବିଚାର କରୁ। ଅର୍ଥାତ୍ ତାଙ୍କ ବଦଳରେ ନିର୍ବାଚନମଣ୍ଡଳୀର ଯେକେହି କର୍ମକର୍ତ୍ତାଙ୍କୁ ପ୍ରାର୍ଥୀ କରାଗଲେ ଆପତ୍ତି ରହିବ ନାହିଁ। ଯଦି ଦଳ ତରଫରୁ ସେମାନଙ୍କ ନିଷ୍ପତ୍ତିକୁ ଗୁରୁତ୍ୱ ଦିଆ ନ ଯାଏ, ତେବେ ବାଧ ହୋଇ ସାମୂହିକ ଚରମ ନିଷ୍ପତ୍ତି ନେବାକୁ ପଛାଇବେ ନାହିଁ ବୋଲି ଏହି ସମ୍ମିଳନୀରେ କୁହାଯାଇଛି। ଅନ୍ୟପକ୍ଷେ ଏହି ପ୍ରସଙ୍ଗରେ ଦଳ ରାଜ୍ୟ ସଭାପତିଙ୍କ ଉପରକୁ ଅଙ୍ଗୁଳି ଉଠିଛି। ଆଗକୁ ଦେଖିବାର ଅଛି, ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା କଳି କେଉଁ ମୋଡ଼ ନେଉଛି।

ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି କହିଥିଲେ, ରଘୁନନ୍ଦନ ଦାସ ଓ ଦାମୋଦର ରାଉତଙ୍କ ଭଳି ନେତାମାନେ ଦଳ ଛାଡ଼ି ଅନ୍ୟ ଦଳକୁ ଚାଲି ଯାଇଥିଲେ। ଏଭଳି ସମୟରେ ସେମାନେ ଅକ୍ଳାନ୍ତ ପରିଶ୍ରମ କରି ସଙ୍ଗଠନକୁ କେବଳ ବଞ୍ଚାଇନାହାନ୍ତି ବରଂ ଦଳକୁ ସୁଦୃଢ଼ କରି ପାରିଛନ୍ତି। କିନ୍ତୁ ଦୁଃଖର କଥା ହେଲା, ନିର୍ବାଚନମଣ୍ଡଳୀ ସହ ସମ୍ପର୍କରେ ନ ଥିବା ଏବଂ ହରିୟାଣା ଗୁରୁଗାଓଁରେ ଡ୍ୟାନ୍ସ ବାର ଆଦି କରି ଦୀର୍ଘ ୨୦ବର୍ଷ ଧରି ରହୁଥିବା ମହାନ୍ତିଙ୍କୁ ଦଳ ଏହି ଆସନରୁ ପ୍ରାର୍ଥୀ କରିଛି। ବଡ଼ କଥା ହେଲା ଏହି ବ୍ୟକ୍ତି କିଛି ମାସ ପୂର୍ବରୁ ବାଲିକୁଦା ଆସି ପ୍ରାର୍ଥୀ ହେବେ ବୋଲି କହି ବୁଲିବା ସହ ଦଳରେ ବିଭ୍ରାଟ ସୃଷ୍ଟି କରିଥିଲେ, ଯାହା ଦଳର କାର୍ଯ୍ୟକର୍ତ୍ତାମାନଙ୍କୁ ଆଘାତ ଦେଇଥିଲା। ତେଣୁ ଏଭଳି ବ୍ୟକ୍ତିଙ୍କୁ ଦଳୀୟ କାର୍ଯ୍ୟରୁ ନିବୃତ୍ତ ରଖିବାକୁ ସେମାନେ ରାଜ୍ୟ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ସତ୍ତ୍ୱେ କିଛି ଲାଭ ହେଲା ନାହିଁ। ତେଣୁ ଦଳ ସତ୍ୟସାରଥିଙ୍କୁ ପ୍ରାର୍ଥୀ କରିବା ପାଇଁ ନେଇଥିବା ନିଷ୍ପତ୍ତି ବଦଳାଇ ସେମାନଙ୍କ ଭିତରୁ ଯେଉଁ କର୍ମକର୍ତ୍ତାଙ୍କୁ ପ୍ରାର୍ଥୀ କଲେ ଭଲ ହେବ ବୋଲି ମହାନ୍ତି କହିଛନ୍ତି। ଦଳ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶଶାଙ୍କଶେଖର ସାହାଣୀ କିନ୍ତୁ ଦଳ ରାଜ୍ୟ ସଭାପତିଙ୍କ ଆଡକୁ ଅଙ୍ଗୁଳି ଉଠାଇବାକୁ ପଛାଇ ନ ଥିଲେ। ସେ କହିଥିଲେ, ସତ୍ୟସାରଥିଙ୍କ ସହ ଦଳ ରାଜ୍ୟ ସଭାପତିଙ୍କ ଭିତରି ବୁଝାମଣା ଅଛି। ଏପରି କି ସେ ରାଜ୍ୟ ସଭାପତିଙ୍କ ଚରିତ୍ର ଉପରେ ଆପତ୍ତି ଉଠାଇବାକୁ ପଛାଇ ନ ଥିଲେ। ସତ୍ୟସାରଥି ରାଜ୍ୟ ସଭାପତିଙ୍କୁ ବ୍ଲାକ ମେଲିଂ କରି ଟିକେଟ ହାତେଇଥିବା ଗୁରୁତର ଅଭିଯୋଗ କରିଥିଲେ। ତେବେ ଦଳ ଏ ପ୍ରସଙ୍ଗରେ ପୁନର୍ବିଚାର ନ କଲେ ବାଧ ହୋଇ ନିର୍ବାଚନ ରଣାଙ୍ଗନରେ ସେ ଅବତୀର୍ଣ୍ଣ ହେବେ ବୋଲି ଚେତାବନୀ ଦେଇଥିଲେ। ଦଳ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶିବବ୍ରତ ଦାସ ମଧ୍ୟ ସତ୍ୟସାରଥିଙ୍କ ପ୍ରାର୍ଥିତ୍ୱ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେ କହିଥିଲେ, ନିର୍ବାଚନମଣ୍ଡଳୀ ସହ ପରିଚିତ ନ ଥିବା ଏବଂ ରାଜନୈତିକ ଅଭିଜ୍ଞତା ନ ଥିବା ଜଣେ ବ୍ୟକ୍ତିଙ୍କୁ ଦଳ ପ୍ରାର୍ଥୀ କରିବା ଆଦୌ ଗ୍ରହଣୀୟ ନୁହେଁ। ପୂର୍ବରୁ ଭାଜପାରେ ସତ୍ୟସାରଥିଙ୍କ ପ୍ରବେଶକୁ ବିରୋଧ କରାଯାଇଥିଲା। କିନ୍ତୁ ଦଳ ରାଜ୍ୟ ସଭାପତି ଗୁରୁତ୍ୱ ଦେଇ ନ ଥିଲେ। ଏପରି କି ପୁରୁଣା କର୍ମକର୍ତ୍ତାମାନଙ୍କ ବିନା ପରାମର୍ଶ କିମ୍ବା ବୈଠକରେ ସତ୍ୟସାରଥି ନିଜ ଇଚ୍ଛାରେ କାର୍ଯ୍ୟକ୍ରମ କରି ଚାଲିଥିଲେ। ରାଜ୍ୟ ସଭାପତି ତାଙ୍କୁ ପୂର୍ଣ୍ଣ ସହଯୋଗ ଦେଉଥିଲେ। ସେମାନଙ୍କ କୌଣସି ପ୍ରସ୍ତାବକୁ ରାଜ୍ୟ ନେତୃତ୍ୱ ଗ୍ରହଣ ନ କରିବା ଦୁଃଖଦାୟକ ଘଟଣା। ଯଦି ସେମାନଙ୍କ ପରାମର୍ଶ ମୁତାବକ ନିଷ୍ପତ୍ତି ନିଆ ନ ଯାଏ, ତେବେ ବାଧ ହୋଇ ଖୁବ୍‌ଶୀଘ୍ର ଚରମ ନିଷ୍ପତ୍ତି ନେବେ ବୋଲି ଦାସ କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶଶିକାନ୍ତ ପରିଡ଼ା ଓ ଏରସମା ମଣ୍ଡଳ ପ୍ରଭାରୀ ନିରୁପମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସତ୍ୟସାରଥୀ ମହାନ୍ତିଙ୍କୁ ପଚାରିବାରେ କହିଛନ୍ତି ରାଜ୍ୟ ନେତୃତ୍ୱ ସହ ତାଙ୍କର କୌଣସି ଡିଲ୍ ହୋଇନାହିଁ। ଦଳୀୟ କାର୍ଯ୍ୟକ୍ରମ ଦେଖି ଦଳ ତାଙ୍କୁ ପ୍ରାର୍ଥୀ କରିଛି ବୋଲି ସେ କହିଛନ୍ତି।

ମହାପ୍ରଭୁ ଜଗନ୍ନାଥଙ୍କ ୨୪ ବେଶ ପ୍ରଦର୍ଶନ

ଜଗନ୍ନାଥଙ୍କ ଗଜ ଉଦ୍ଧାରଣ ବେଶ ଓ ଲକ୍ଷ୍ମୀନାରାୟଣ ବେଶ ।

ନାଉଗାଁ, ୧୭।୪ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡାସ୍ଥିତ ମା' ଜାଗୁଳାଇଙ୍କ ପୀଠରେ ୬୧ତମ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ସମୟରୁ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇ ମହାଯଜ୍ଞର ଶୁଭାଧିବାସ କରାଯାଇଥିଲା। ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ମନ୍ଦିର ପରିସରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରାଙ୍କର ୨୪ବେଶ ଉଦ୍‌ଘାଟନ କରାଯାଇଥିଲା। ଶ୍ରୀମନ୍ଦିରର ପୁରୀର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଉକ୍ତ ବେଶର ଶୁଭ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପର୍ବପର୍ବାଣିରେ ଶ୍ରୀମନ୍ଦିର ପୁରୀରେ ୩ ଠାକୁରଙ୍କୁ ଯେଉଁସବୁ ବେଶ କରାଯାଏ ଉକ୍ତ ବେଶକୁ ସୁନ୍ଦର ଓ ନିଖୁଣ ଭାବେ ପ୍ରଦର୍ଶିତ କରାଯାଇଛି। ଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ କରିବା ସହିତ ମହାପ୍ରଭୁଙ୍କର ବିଭିନ୍ନ ପର୍ବପର୍ବାଣିରେ କରାଯାଉଥିବା ବେଶକୁ ଯେଉଁ ଶ୍ରଦ୍ଧାଳୁମାନେ ଦର୍ଶନ କରି ପାରୁନାହାନ୍ତି ସେମାନେ ଏକ ସଙ୍ଗରେ ସମସ୍ତ ବେଶ ଦର୍ଶନ କରିବାର ଲକ୍ଷ୍ୟ ରଖାଯାଇ ଏହା ପ୍ରଦର୍ଶିତ କରାଯାଇଥିବା ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ ସୂଚନା ଦେଇଛନ୍ତି। ମହାପ୍ରଭୁଙ୍କର ଏହି ବେଶକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହେଉଛି। ଉକ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ କରାଯାଇଛି।

ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ: ଯୁବକ ଗିରଫ

ରସୁଲପୁର, ୧୭।୪ (ରଞ୍ଜିତ ରାଉତ):

ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଥାନା ଅନ୍ତର୍ଗତ ବୈଦ୍ୟରାଜପୁର ଅଞ୍ଚଳର ଲକ୍ଷ୍ମୀଧର ସାହୁ(୨୮)।

ଅଭିଯୋଗ ମୁତାବକ, ବ୍ରହ୍ମବରଦା ଥାନା ଅଞ୍ଚଳର ଯୁବତୀ ତାଙ୍କ ନିକଟ ସମ୍ପର୍କୀୟ ଲକ୍ଷ୍ମୀଧର ସାହୁଙ୍କ ସହିତ ଫୋନରେ କଥା ହେଉଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ପରେ ଉଭୟେ ଘରକୁ ଯିବା ଆସିବା କରିଥିଲେ। ଏହାମଧ୍ୟରେ ଯୁବତୀ ଏବଂ ଲକ୍ଷ୍ମୀଧର ଚଣ୍ଡିଖୋଲ ମହାବିନାୟକଠାରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ୪ମାସ ପୂର୍ବେ ଯାଇଥିଲେ। ବାଟରେ ଲକ୍ଷ୍ମୀଧର ଥଣ୍ଡାରେ ନିଶାଦ୍ରବ୍ୟ ମିଶାଇ ଯୁବତୀଙ୍କୁ ପିଇବାକୁ ଦେଇଥିଲେ। କିଛି ସମୟ ପରେ ଯୁବତୀ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଏହାପରେ ଲକ୍ଷ୍ମୀଧର ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ସେଗୁଡ଼ିକୁ ନିଜ ମୋବାଇଲରେ ରେକର୍ଡିଂ କରି ରଖିଥିଲେ। ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ସମ୍ପର୍କରେ ତିକ୍ତତା ହେବାରୁ ଯୁବତୀଙ୍କ ଘରଲୋକ ତାଙ୍କ ବିବାହ ଅନ୍ୟତ୍ର ସ୍ଥିର କରିଥିଲେ। ଲକ୍ଷ୍ମୀଧର ଏକଥା ଜାଣିବା ପରେ ତାଙ୍କ ମୋବାଇଲରେ ରଖିଥିବା ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଏବଂ ଫଟୋଗୁଡ଼ିକୁ ବିବାହ ସ୍ଥିର ହୋଇଥିବା ପୁଅ ଘର ନିକଟକୁ ପଠାଇ ଯୁବତୀଙ୍କ ବାହାଘର କରାଇ ଦେଉ ନ ଥିଲେ। ଏକଥା ଜାଣିବା ପରେ ଯୁବତୀ ଜଣକ ବ୍ରହ୍ମବରଦା ଥାନାରେ ଲକ୍ଷ୍ମୀଧରଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୭୫।୨୪ରେ ଏକ ମାମଲା ରୁଜୁ କରିବା ସହ ଯାଜପୁର ଟାଉନ ଅଞ୍ଚଳରୁ ଲକ୍ଷ୍ମୀଧରଙ୍କୁ ଗିରଫ କରିଥିଲା। ଉଭୟଙ୍କ ବୟାନ ରେକର୍ଡ ପରେ ଅଭିଯୁକ୍ତ ଲକ୍ଷ୍ମୀଧରଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମବରଦା ଥାନା ଅଧିକାରୀ ଦେବାଶିଷ ଶତପଥୀ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ବିବେକ୍



@ ଦୀପକ



@ ପ୍ରଶାନ୍ତି

@ ବେଦମପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ପୁରୁଷୋତ୍ତମପୁରରେ ବାସନ୍ତୀ ଦୁର୍ଗାପୂଜା

ଯାଜପୁର ସଦର, ୧୭।୪ (ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମରେ ୭୨ତମ ବାସନ୍ତୀ ଦୁର୍ଗା ପୂଜା ଆରମ୍ଭ ହୋଇଛି। ଗ୍ରାମର ପ୍ରାୟ ୧୪୦ କୈବର୍ତ୍ତ ପରିବାର ଏହି ପରମ୍ପରାକୁ ବଜାୟ ରଖିଛନ୍ତି। ମଙ୍ଗଳବାର ପ୍ରତ୍ୟୁଷରୁ ଦେବୀଙ୍କ ନୀତିକାନ୍ତି ପରେ ସକାଳ ୭ଟାରୁ ମହାଅଷ୍ଟମୀ ପୂଜା ଆରମ୍ଭ ହୋଇ ୪ଟାରେ ସନ୍ଧି ପୂଜା ଓ ୪ଟା ୩୯ ମିନିଟରେ ସନ୍ଧିବଳି ନୀତି ସମ୍ପନ୍ନ ହୋଇଥିଲା। ଗୁରୁବାର ଦଶହରା ପୂଜାପରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ମୁଖ୍ୟପୂଜକ ଭାବେ ବିରଞ୍ଚି ନାରାୟଣ ପାଢ଼ୀ, ପଣ୍ଡିତ ସଚ୍ଚିକାନ୍ତ ଷଡ଼ଙ୍ଗୀ, ରମଣି ମହାପାତ୍ର, ଯଜ୍ଞଦତ୍ତ ରଥ, ଦେବେନ୍ଦ୍ର ରଥ, ସହଯୋଗୀ ବାସୁଦେବ ବାରିକ, କର୍ତ୍ତା ଭାବେ ଦିଲୀପ ତରାଇ ଓ ମଞ୍ଜୁଲତା ତରାଇ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆସନ୍ତା ୧୯ ତାରିଖରେ ନିରାଡ଼ମ୍ବରଭାବେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବାସନ୍ତୀ ଦୁର୍ଗା ପୂଜା କମିଟି ସଭାପତି ଶ୍ରୀଧର କବି ସୂଚନା ଦେଇଛନ୍ତି।

ବିଶ୍ୱ ଐତିହ୍ୟ ତାଲିକାରୁ ବାଦ୍‌ପଡ଼ିଛି ଭିତରକନିକା

କେନ୍ଦ୍ରାପଡ଼ା, ୧୭।୪ (ଜଗନ୍ନାଥ ଧଳ)

- ହାବେଲିସାହି ଚକାସନ ଏବେ ବି ଏକ ପ୍ରହେଳିକା
- ବବକରପୁର କାଳିଦାସ ମନ୍ଦିରରେ ଗରୁଡ଼ ମୂର୍ତ୍ତି
- ଅଣଦେଖାରେ ଐତିହ୍ୟ, ଗରିମାମୟ ସ୍ମାରକୀ

ଏପ୍ରିଲ ୧୮ ତାରିଖ ବିଶ୍ୱ ଐତିହ୍ୟ ଦିବସ। ବିଶ୍ୱ ଐତିହ୍ୟ ତାଲିକାରେ ସଂଲଗ୍ନ ପାଇଁ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଧୀନ ଜାତୀୟ ଉଦ୍ୟାନ ଭିତରକନିକାକୁ ୟୁନେସ୍କୋ ପକ୍ଷରୁ ୨୦୧୬ରେ ଏକ ଟିମ୍ ଅନୁଧ୍ୟାନ କରିଥିଲା। ତେବେ ଏହି ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ଗ୍ରାମ, ଜିଙ୍ଗୁଡି ଘେରି, ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷା ଉପରେ ଟିମ୍ ସଦସ୍ୟମାନେ ପ୍ରଶ୍ନ ଉଠାଇବାରୁ ୨୦୧୭ରେ ଅନୁଷ୍ଠିତ ଆଇୟୁସିଏନ୍ (ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ୍ ନେଚର) ବୈଠକରେ ତାଲିକାରୁ ବାଦ୍‌ପଡିଛି। କେବଳ ଭିତରକନିକାର ଜୈବ ବିବିଧତା ଏହି ଜିଲାରେ ନଷ୍ଟ ହେଉନାହିଁ, ଇଂରେଜମାନଙ୍କ ଦ୍ୱାରା ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ପ୍ରତିଷ୍ଠିତ ପ୍ରଥମ ବାଳିକା ବିଦ୍ୟାଳୟର ପୁରୁଣା ଘରକୁ ସଂରକ୍ଷଣ ବଦଳରେ ୨୦୧୭ରେ ମାଟିରେ ମିଶାଇ ଦିଆଗଲା। ଏହିପରି ବହୁ ଐତିହ୍ୟ ଓ ଗରିମାମୟ ସ୍ମାରକୀ ଅଣଦେଖା ଭାବେ ପଡିରହିଥିବା ବେଳେ ଶ୍ରୀବଳଦେବଜୀଉଙ୍କ ପୁରୁଣା ମନ୍ଦିରର ଗରୁଡ଼ ମୂର୍ତ୍ତି ଏବେ ବବକରପୁରରେ ଥିବା ଆଲୋଚନା ହେଉଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥ ହାବେଲିସାହି ଜଗନ୍ନାଥ ମନ୍ଦିର ମଧ୍ୟରେ ଥିବା ଚକାସନର ଲିପି ଗବେଷଣା ପାଇଁ ଆହ୍ୱାନ କରିଛି।

ଏ ସମ୍ପର୍କରେ ଗବେଷକ ଡ. ସର୍ବେଶ୍ୱର ସେଣ, ଶିକ୍ଷାବିତ୍ ଭୁବନ ମୋହନ ଜେନା, ଅଧ୍ୟାପକ କ୍ଷିତୀଶ କୁମାର ସିଂହ ପ୍ରମୁଖ କହିଛନ୍ତ ଯେ, ନୌବାଣିଜ୍ୟ ସମ୍ପର୍କିତ ବହୁ ଐତିହ୍ୟ ସ୍ମାରକୀ ଜିଲାର ବିଭବ ସାଜିଛି। ଦଶମ ଓ ଏକାଦଶ ଖ୍ରୀଷ୍ଟାବ୍ଦର ଭିତରକନିକାସ୍ଥ ନାୟକବାବୁ ମନ୍ଦିର, ପଞ୍ଚୁବରାହୀ ମନ୍ଦିର, ଲଙ୍କେଶ୍ୱର ମନ୍ଦିର ଏହାର ଏକ ଉଦାହରଣ ମାତ୍ର। ହୁକିଟୋଲା, ବତିଘର, ଫଲ୍‌ସ ପଏଣ୍ଟ, କେନ୍ଦ୍ରାପଡ଼ା କେନାଲ, ବରୁଣେଇ ପେଣ୍ଠ ଆଦିର ଇତିହାସ ଥିବା ବେଳେ ଏହାର ବିକାଶ ହୋଇପାରୁ ନାହିଁ। ସେହିପରି ରିଘାଗଡ଼ର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର, ସିକୋ ଅଷ୍ଟଶମ୍ଭୁ, ଚଉଦକୁଲାଟ ଓ ଡେରାବିଶର ଦଧିବାମନଜୀଉ ମନ୍ଦିର ଅବହେଳିତ ଅବସ୍ଥାରେ ପଡିରହିଛି। କେନ୍ଦ୍ରାପଡ଼ା ସହରଠାରୁ ମାତ୍ର ୧୨ କିଲୋମିଟର ଦୂର ହାବେଲିସାହିର ଜଗନ୍ନାଥ ମନ୍ଦିରର ଚକାସନ ଗବେଷଣାକୁ ଅପେକ୍ଷା କରିଛି। ଏଠାରେ ଥିବା ଚକାସନରେ ପ୍ରାକ୍ ଓଡ଼ିଆ ଭାଷାରେ କିଛି ଲେଖାଯାଇଛି। ଯାହାର ପଠନ ପରେ ସହରର ପୁରୁଣା ଜଗନ୍ନାଥ ମନ୍ଦିରର ଚକାସନ କିମ୍ବା ପୁରୀ ଶ୍ରୀକ୍ଷେତ୍ରର ସୁଭଦ୍ରାଙ୍କ ଚକାସନ ସମ୍ପର୍କରେ ତଥ୍ୟ ମିଳିପାରନ୍ତା। ସେହିପରି ପୁରୁଣା ବଳଦେବଜୀଉ ମନ୍ଦିରର ଗରୁଡ଼ ଏବେ ମହାକାଳପଡ଼ା ବ୍ଲକ ବବକରପୁର କାଳିଦାସ ମନ୍ଦିରରେ ଥିବା ବେଳେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ଗୋପୀନାଥ ଖଣ୍ଡିତ ଅବସ୍ଥାରେ ବଡ଼ବାରଙ୍ଗ ଗ୍ରାମରେ ପୂଜା ପାଉଛନ୍ତି। ଏହା ବ୍ୟତୀତ ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ କଳାପାଣି ଦଣ୍ଡରୁ ଉଦ୍ଧାର କରାଯାଇ ସହରର ବିନୋଦବିହାରୀ ମନ୍ଦିର ପରିସରରେ ରହିଥିବାର ପ୍ରମାଣ ଅଛି। ନାଥ ଧର୍ମର ପ୍ରଚାରକଙ୍କ କେନ୍ଦରା ବାଦ୍ୟ ଜିଲାରୁ ଲୋପପାଉଛି। ଏହି ଧର୍ମ ପ୍ରଚାରକଙ୍କ ପ୍ରତିମୂର୍ତ୍ତି ଡେରାବିଶ, ରାଜନଗର ବ୍ଲକ ଅଞ୍ଚଳରେ ବେଶି ଦେଖିବାକୁ ମିଳିଛି। ମତ୍ସେନ୍ଦ୍ରନାଥ, ଶୈଳେନ୍ଦ୍ରନାଥ, ଇଚ୍ଛାନାଥଙ୍କ ସମାଧି ସ୍ଥଳ ସହ ବୌଦ୍ଧଧର୍ମର ପ୍ରତୀକ ଚକ୍ରପାଣି, ସ୍ଥିର ଚକ୍ର ମଞ୍ଜୁଶ୍ରୀ, ଅବଲୋକତିଶ୍ୱର, ତାରା ଆଦି ମୂର୍ତ୍ତିର ସଂରକ୍ଷଣ ହେଉନାହିଁ। ରାଜ୍ୟର ସର୍ବପ୍ରଥମ ଡାଇମଣ୍ଡ ଜୁବିଲି ପାଠାଗାରରେ ଜିଲାର ଐତିହ୍ୟ ସମ୍ପର୍କରେ ବହୁ ତଥ୍ୟ ଅଛି। ରାଜନଗରର ଏକ ସଂସ୍କୃତ କଲେଜରେ ବହୁ ପ୍ରାଚୀନ ତାଳପତ୍ର ଓ ଭୁଜପତ୍ର ପୋଥି ଅଛି। ଏହାର ସଂରକ୍ଷଣ ହେଉନାହିଁ। ୧୮୮୭ ମସିହାର ସୂର୍ଯ୍ୟଘଡି, ଡେରାବିଶ ବ୍ଲକ ନୋଳସାହି ରାଜନଅର, ଆଳି ନଅର, ଜମ୍ବୁଦ୍ୱୀପ ନଅରର ସୁରକ୍ଷା ପାଇଁ ଉଦ୍ୟମ ଆବଶ୍ୟକ। ଇତିହାସ ଆଇନାରେ ଆମେ ସୁସଂସ୍କୃତ ହୋଇପାରିବା ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଐତିହ୍

ଶ୍ରୀରଘୁନାଥଙ୍କ ଜନ୍ମ ନାରାୟଣ ବେଶ ଦର୍ଶନକଲେ ଶ୍ରଦ୍ଧାଳୁ

ଓଡ଼ଗାଁ,୧୭।୪
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲାର ଅନ୍ୟତମ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ତଥା ରାଜ୍ୟର ସ୍ୱର୍ଣ୍ଣ କଳସକ୍ଷେତ୍ର ଭାବେ ପରିଚିତ ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ବୁଧବାର ପବିତ୍ର ଚୈତ୍ର ଶୁକ୍ଳ ନବମୀ ତିଥିରେ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ବୈଦିକ ବ୍ରାହ୍ମଣ ପଣ୍ଡିତ ସତ୍ୟନାରାୟଣ ଷଡ଼ଙ୍ଗୀ,ହରିବନ୍ଧୁ ଷଡ଼ଙ୍ଗୀ,ଶିବରାମ ଷଡ଼ଙ୍ଗୀଙ୍କ ଦ୍ୱାରା ରାମଜନ୍ମ କର୍ମାଙ୍ଗ ଅନୁଷ୍ଠିତ ହୋଇଥିଲା। ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ପ୍ରଭୁଙ୍କ ଜନ୍ମବିଧାନ ଦେଖିବା ସହିତ ଦର୍ଶନ ପାଇଁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଉପାସକ ଭକ୍ତମାନେ ଶୃଙ୍ଖଳା ସହକାରେ ଠାକୁରଙ୍କ ଦର୍ଶନ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

ଭୋର ସାଢେ ୪ଟାରେ ଦ୍ୱାରଫିଟା ଯାଇ ସମସ୍ତ ଶୋଧନ ନୀତି ସରିବା ପରେ ୫ଟାରେ ମଙ୍ଗଳ ଆଳତି, ପଞ୍ଚାମୃତ ସ୍ନାନ, ମହାସ୍ନାନ, ଅବକାଶ, ମଇଲମ, ଖଟଣୀ, ତଡପଲାଗି, ଚନ୍ଦନଲାଗି ଏବଂ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଭଗବତ ଜୀଉ ପୂଜା ଓ ୭ଟାରେ ବଲ୍ଲଭ ନୀତି ସମ୍ପୂର୍ଣ୍ଣ କରାଯାଇଥିଲା। ସକାଳ ୮ଟା ୩୦ରେ ଖେଚୁଡିଧୂପ,କର୍ପୁର ଆଳତୀ,ମହାଆଳତୀ, ଚାମର ସେବାପରେ ଗମ୍ଭୀରା ଓ ୧୦ଟା ୩୦ଗତେ ଭୋଗ ମଣ୍ଡପରେ ଶ୍ରୀରଘୁନାଥଙ୍କ ଜନ୍ମ ବିଧାନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରୀଜୀଉଙ୍କ ବିଜେ ପ୍ରତିମା ଆଞ୍ଚାମାଳ ପାଇ ରତ୍ନବେଦୀରୁ ଜନ୍ମ ମଣ୍ଡପକୁ ବିଜେ କରିଥିଲେ। ପ୍ରଭୁଙ୍କ ବିଜେ ପ୍ରତିମାକୁ ଏକ ରୁପା ହାଣ୍ଡି ମଧ୍ୟରେ ରଖି ଅଟା, ପଞ୍ଚାମୃତ, ଗୁଡ଼, ମହୁ ଓ ଘିଅର ସମିଶ୍ରଣରେ ନାଭି ତିଆରି କରାଯାଇ ପାଟବସ୍ତ୍ରରେ ଆଚ୍ଛାଦିତ କରି ରଖାଯାଇଥିଲା। ପୁରୋହିତଙ୍କ ଜନ୍ମବିଧାନ ନୀତି ଅନୁସାରେ ରୁପା ଛୁରିରେ ନାଭି ଛେଦନ କରାଯାଇ ବିଜେ ପ୍ରତିମାଙ୍କୁ ସୂର୍ଯ୍ୟଦର୍ଶନ, ମହାସ୍ନାନ, ଷଷ୍ଠୀ ଦେବୀ ପୂଜା ଓ ଦୋଳିରେ ବସାଇ ବନ୍ଦାପନା ସାରିବା ପରେ ରତ୍ନବେଦୀକୁ ବିଜେ ହୋଇ ଅନ୍ନଧୂପ ଓ ଆଳତୀ ପରେ ପହୁଡ ପଡିଥିଲା। ମନ୍ତ୍ର ଉଚ୍ଚାରଣ ଘଣ୍ଟା ଘଣ୍ଟି ହରିବୋଲ ହୁଳହୁଳିର ଏକ ଆଧ୍ୟାତ୍ମିକ ପରବେଶ ମଧ୍ୟରେ ପ୍ରଭୁ ଶ୍ରୀରାମ ଜନ୍ମ ଗ୍ରହଣ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ଭାବବିହ୍ୱଳ ଓ ହରିବୋଲ ହୁଳହୁଳି ଶବ୍ଦରେ ଓଡ଼ଗାଁ ମନ୍ଦିର ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା। ନିଃସନ୍ତାନମାନେ ନାଭି ପ୍ରସାଦ ସେବନ କଲେ ସନ୍ତାନ ଲାଭର ବିଶ୍ୱାସ ରହିଥିବାରୁ ମହିଳାମାନେ ନାଭି ପ୍ରସାଦ ପାଇବା ପାଇଁ ଭିଡ ଲଗାଇଥିଲେ। ସନ୍ଧ୍ୟା ସାଢେ ୬ଟାରେ ଟେରା ଧୂପ ଓ ସନ୍ଧ୍ୟା ଆଳତୀ ହୋଇଥିଲା।

ଜନ୍ମ ନାରାୟଣ ବେଶରେ ଶ୍ରୀରଘୁନାଥଜୀଉ।

ଶ୍ରୀରାମ ନବମୀ ଯାତ୍ରାରେ ୨୦ ହଜାର ଭକ୍ତଙ୍କ ସମାଗମ

ପ୍ରଭୁ ଶ୍ରୀରଘୁନାଥ, ମାତା ସୀତା ଓ ଅନୁଜ ଲକ୍ଷ୍ମଣ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିବା ସହିତ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି କରିଥିବା ପ୍ରଭୁଙ୍କ ଚତୁର୍ଦ୍ଧାମୂର୍ତ୍ତି ଜନ୍ମ ନାରାୟଣ ବେଶ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ପାଳିଆ ପଣ୍ଡା ପ୍ରଫୁଲ୍ଲ ମହାପାତ୍ର, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ସମସ୍ତ ନୀତିକାର୍ଯ୍ୟ ସମ୍ପାଦିତ କରାଯାଇଥିଲା।

ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ନୟାଗଡ଼ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ,ଉପଜିଲାପାଳ ତଥା ନୟାଗଡ଼ ଜିଲା ଦେବୋତ୍ତର କାର୍ଯ୍ୟ ନିର୍ବାହ ଅଧିକାରୀ କର୍ଣ୍ଣଦେବ ସମାଦ୍ଦାର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ବିଡିଓ ଜିତେନ୍ଦ୍ର କୁମାର ନାଏକ ଏବଂ ବ୍ଲକ ଅଧକ୍ଷ ଲୋକନାଥ ସାହୁ,ଆଇଆଇସି ରଶ୍ମି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରୁଥିବା ବେଳେ ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା ପ୍ରଭୁଙ୍କ ଦର୍ଶନ ସାରି ଫେରିଥିଲେ। ଅନ୍ୟପକ୍ଷେ ଏମ୍‌ପି ପ୍ରାର୍ଥୀ ଡ. ସମିତ କୁମାର ପାତ୍ର ଓ ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କର୍ମୀଙ୍କ ଶୋଭାଯାତ୍ରାରେ ଆସି ଜନ୍ମ ବିଧାନ ଦର୍ଶନ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ବିବେକ୍


@ ଦୀପକ


@ ପ୍ରଶାନ୍ତି

@ ବେଦମପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ନିଲମ୍ବିତ ହେଲେ ଖେଳ ଶିକ୍ଷକ, ସହକାରୀ ମ୍ୟାନେଜର

ନୟାଗଡ଼,୧୭।୪(ଲୋକନାଥ ମିଶ୍ର)

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ଯୁଗୋଳ କିଶୋର ପ୍ରଧାନ ଓ ନୂଆଗାଁ ବ୍ଲକ୍ ମାଳିସାହି ଗତିଶ୍ୱର ଡିଗ୍ରୀ କଲେଜର ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ନୟାଗଡ଼ ନିର୍ବାଚନ ଅଧିକାରୀ ତଥା ନୟାଗଡ଼ ଜିଲାପାଳ ସ୍ୱଧାଦେବ ସିଂଙ୍କ ନିର୍ଦ୍ଦେଶରେ ଉଭୟଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବନ ପରେ ଖେଳ ଶିକ୍ଷକ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର କାର୍ଯ୍ୟ କରିବେ। ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବିଭାଗୀୟ ଅଧିକାରୀଙ୍କ ବିନା ଅନୁମତିରେ ନ ଛାଡିବାକୁ ଖେଳ ଶିକ୍ଷକ ଓ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜନୈତିକ ଦଳର ଶପଥ ଗ୍ରହଣ ସମାରୋହରେ ଯୋଗ ଦେବା ଅଭିଯୋଗରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ଯୁଗୋଳ କିଶୋର ପ୍ରଧାନ ଓ ନୂଆଗାଁ ବ୍ଲକ ମାଳିସାହି ଗତିଶ୍ୱର ଡିଗ୍ରୀ କଲେଜର ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ବେହେରାଙ୍କୁ ନୟାଗଡ଼ ଜିଲା ନିର୍ବାଚନ ଅଧିକାରୀ ନୋଟିସ୍ କରିଥିଲେ। ଗତ ୧୫ ତାରିଖରେ ଏନେଇ ଜିଲା ନିର୍ବାଚନ ଅଧିକାରୀଙ୍କ କୋର୍ଟରେ ଖେଳ ଶିକ୍ଷକ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ଓ ନୟାଗଡ଼ ବିଧାୟକ ପକ୍ଷ ରଖିଥିଲେ। ୧୬ ତାରିଖରେ ଖେଳ ଶିକ୍ଷକ ଓ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ଜିଲା ନିର୍ବାଚନ ଅଧିକାରୀ ନିଲମ୍ବିତ କରିଛନ୍ତି।

ସୂଚନାଯୋଗ୍ୟ, ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍‌ର ଦୁତୀକେଶ୍ୱର ମନ୍ଦିରରେ ଏପ୍ରିଲ ୧ରେ ନୟାଗଡ଼ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁଙ୍କୁ ଭୋଟ ଦେବା ଓ ବିଜୟ ପାଇଁ ନୟାଗଡ଼ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଶପଥ ପାଠ କରିଥିବା ଭିଡିଓ ଭାଇରାଲ ହୋଇଥିଲା। ଏପରି କି ନୟାଗଡ଼ ବିଧାୟକ ମନ୍ଦିରରେ ଉପସ୍ଥିତ ଥାଇ ଶପଥ ପାଠ କରାଇବାରେ ସହଯୋଗ କରୁଥିବା ଏହି ଭିଡିଓରେ ରହିଥିଲା। ଶପଥ ଗ୍ରହଣ ଉତ୍ସବରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଧାନ, ମାଳିସାହି ଗତିଶ୍ୱର ଡିଗ୍ରୀ କଲେଜର ଖେଳ ଶିକ୍ଷକ ବେହେରା, କ୍ରୀଦାଶପୁର ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳଙ୍କ ସହ ମିଶି ଶପଥ ପାଠ କରିବାର ଭିଡିଓ ଅନୁରୂପ ଭାବେ ଭାଇରାଲ ହୋଇଥିଲା। ଏନେଇ ଭାଜପାର ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ପୁରୀ ଲୋକ ସଭା କ୍ଷେତ୍ରର ଭାଜପା ଏମ୍‌ପି ପ୍ରାର୍ଥୀ ସମିତ୍ ପାତ୍ର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପରେ ଏହି ଶପଥ ଗ୍ରହଣ ସମାରୋହର ଶୁଣାଣି ଆରମ୍ଭ ହୋଇଥିଲା।

ମନ୍ଦିରରେ ଶପଥ ପାଠ କରାଇବା ଘଟଣା

- ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନ

ବିଜୁବାବୁଙ୍କୁ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ଖଣ୍ଡପଡ଼ା,୧୭।୪ (ଅଜୟ କୁମାର ମହାରଣା)

ବିଜୁ ଜନତା ଦଳ ପକ୍ଷରୁ ଖଣ୍ଡପଡ଼ା ଅରୁଣ ନିବାସ ପରିସରରେ ବିଜୁବାବୁଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ସନ୍ଧ୍ୟାରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଖଣ୍ଡପଡ଼ାର ପ୍ରାକ୍ତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ବସନ୍ତ କୁମାର ପଟ୍ଟନାୟକ, ସଙ୍ଗଠକ ସନ୍ତୋଷ କୁମାର ତ୍ରିପାଠୀ, ବସନ୍ତ କୁମାର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, କାଉନ୍‌ସିଲର ସତ୍ୟପ୍ରିୟ ମହାପାତ୍ରଙ୍କ ସମେତ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଲୋକପ୍ରତିନିଧି, ସଙ୍ଗଠକ ଓ ଶୁଭେଚ୍ଛୁମାନେ ଯୋଗଦେଇ ନିଜର ପ୍ରିୟ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଜୁବାବୁଙ୍କ ପ୍ରତିଭା ସମ୍ପର୍କରେ ପୂର୍ବତନ ବିଧାୟକ ଓ ବରିଷ୍ଠ ଆଇନ୍‌ଜୀବି ଗିରିଜାଶଙ୍କର ତରାସିଆ ଆଲୋକପାତ କରିବା ସହ ତାଙ୍କର ନୀତି ଓ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣା ଦେଉ ବୋଲି କହିଥିଲେ। ସଭାର ପ୍ରାରମ୍ଭରେ ସମସ୍ତ ବିଜୁ ପ୍ରେମୀ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସିଧାମୂଳାରେ ଗୀତା ମହାଯଜ୍ଞ, ରାମଜନ୍ମ ଉତ୍ସବ

ଖଣ୍ଡପଡ଼ା,୧୭।୪
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତ୍ରିଦିନାତ୍ମକ ଗୀତା ମହାଯଜ୍ଞର ବୁଧବାର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପାର୍ଶ୍ୱରେ ବିରାଜିତ ଶ୍ରୀରାମଙ୍କ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ପ୍ରାତଃ ସମୟରେ ଠାକୁରଙ୍କୁ ସ୍ନାନ ମଇଲମ ପରେ ଶ୍ରୀରାମ,ଲକ୍ଷ୍ମଣ ଓ ମାତା ସୀତାଙ୍କୁ ନବବସ୍ତ୍ର ପରିଧାନ କରାଯାଇ ତୁଳସୀ ଅର୍ପଣ ପରେ ଯଜ୍ଞ ମଣ୍ଡପରେ ବିଜେ ପ୍ରତିମାଙ୍କ ନିକଟରେ ଷୋଡଶ ଉପଚାରରେ ପୂଜା କରାଯାଇଥିଲା। ପରେ ରାମ ଜନ୍ମ ପୁରାଣ ପଠନ କରାଯାଇଥିଲା। ବୈଦିକ ବ୍ରାହ୍ମଣ ସମାଜର ସଦସ୍ୟ ମଣ୍ଡଳୀ,ରାମମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ପଣ୍ଡିତ ଶ୍ରୀତମେଶ୍ୱର ମିଶ୍ର ପୂଜା କର୍ମ ସମ୍ପାଦନ କରିଥିଲେ।

ଜଳୁଛି ସୀମାନ୍ତର ୭ କି.ମି.ଜଙ୍ଗଲ

ନୟାଗଡ଼,୧୭।୪(ଲୋକନାଥ ମିଶ୍ର): ନୟାଗଡ଼ ବନଖଣ୍ଡ ନୟାଗଡ଼ ଓ ଖଣ୍ଡପଡ଼ା ରେଞ୍ଜର ସମୀନ୍ତରେ ନିଆଁ ଲାଗି ଦୁଇ ରେଞ୍ଜର ପ୍ରାୟ ୭ କି.ମି.ଜଙ୍ଗଲ ଜଳୁଛି। ମଙ୍ଗଳବାର ସନ୍ଧ୍ୟାରୁ ଜଙ୍ଗଲ ଜଳିଲାଣି। ପ୍ରାୟ ୨୫ ଘଣ୍ଟାରୁ ଊର୍ଦ୍ଧ୍ୱ ଜଙ୍ଗଲ ଜଳୁଥିଲେ ମଧ୍ୟ ବନବିଭାଗ ପକ୍ଷରୁ ତତ୍ପରତା ନାହିଁ। ସୂଚନା ଅନୁଯାୟୀ, ନୟାଗଡ଼ ରେଞ୍ଜର ରାଜଗିରି ନିକଟବର୍ତ୍ତୀ ହାତୀମୁଣ୍ଡା ଜଙ୍ଗଲର ଗିରିଡିଖୋଲଠାରୁ ଖଣ୍ଡପଡ଼ା ରେଞ୍ଜର ଉଆଁସଖୋଲ ପର୍ଯ୍ୟନ୍ତ ପ୍ରାୟ ୭ କି.ମି.ଜଳୁଛି ବୋଲି ଜଣାପଡିଛି।

ଶ୍ରୀରାମ ନବମୀ ପାଇଁ ଖଣ୍ଡପଡ଼ା ଉତ୍ସବମୁଖର

ଖଣ୍ଡପଡ଼ା,୧୭।୪
(ଅଜୟ କୁମାର ମହାରଣା)

ରାମନବମୀ ଯାତ୍ରା ପାଇଁ ଖଣ୍ଡପଡ଼ା ସହର, ନିକଟସ୍ଥ କୁଞ୍ଜବିହାରୀପୁର, ମର୍ଦ୍ଦରାଜପୁରସ୍ଥିତ ମୁଣ୍ଡିଆ ହନୁମାନପୀଠରେ ବିରାଜମାନ ଶ୍ରୀରାମଙ୍କ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହାଛଡା କଣ୍ଟିଲୋ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଖଣ୍ଡପଡ଼ା ସହର ଓ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଥିଲା। କୁଞ୍ଜବିହାରୀପୁର, କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା, ମାଧବ ଚୌଧୁରୀ ପାଟଣା ଓ ବାପୁଜୀ ନଗର ରାମଲୀଳା ନାଟ୍ୟ ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହଯୋଗରେ ଶ୍ରୀରାମ ମନ୍ଦିରରେ ରାମନବମୀ ଯାତ୍ରା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଶ୍ରୀ ରାମ ନବମୀ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି।

ଶ୍ରୀରାମନବମୀ ଉତ୍ସବ ଅବସରରେ ଖଣ୍ଡପଡ଼ା ରାମମନ୍ଦିରରେ ପୂଜାର୍ଚ୍ଚନା।

ପ୍ରାର୍ଥୀ ଚୟନରେ ବିଳମ୍ବ, ଫାଇଦା ଉଠାଉଛି ଭାଜପା

ନୟାଗଡ଼/ଭାପୁର,୧୭।୪(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲାର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଜୋର ଧରିନି। ଏଠାରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଦେଉ ନ ଥିବାରୁ ପ୍ରଚାରରେ ଭାଜପା ଆଗରେ ରହିଛି। ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ ଘରକୁ ଘର ବୁଲି ପ୍ରଚାରକୁ ତ୍ୱରାନ୍ୱିତ କରିଛନ୍ତି। କଂଗ୍ରେସ ଓ ବିଜେଡିର ପ୍ରାର୍ଥୀ ଚୟନରେ ବିଳମ୍ବ କରି ଚାଲିଥିବାରୁ ଭାଜପା ପ୍ରାର୍ଥୀ ଫାଇଦା ନେବାରେ ଲାଗିଛନ୍ତି। ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ ୨୦୧୯ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇ ୧୮ ହଜାର ୬୦୮ ଭୋଟ ପାଇ ୨ୟ ସ୍ଥାନରେ ଥିଲେ। ଦୁଷ୍ମନ୍ତଙ୍କ ସହ ବିଜେଡି ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଲଢ଼େଇ ହୋଇଥିଲା। ଭାଜପା ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂ ୧୪ ହଜାର ୧୪ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। କଂଗ୍ରେସ ପ୍ରାର୍ଥୀ ବସନ୍ତ କୁମାର ମହାରଣା ନୋଟାଠାରୁ କମ୍ ଭୋଟ ପାଇଥିଲେ। ନୋଟାକୁ ୧୦୨୦ ଭୋଟ ଯାଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ୮୮୫ ଭୋଟ ପାଇଥିଲେ। ଧୀରେ ଧୀରେ ଖଣ୍ଡପଡ଼ାରେ କଂଗ୍ରେସର ଭୋଟ ହ୍ରାସ ପାଇ ଚାଲିଛି। ଭଲ ପ୍ରାର୍ଥୀ ହେଉ ନ ଥିବାରୁ ଦଳର ସ୍ଥିତି ଖରାପ ସ୍ଥିତିରେ ପହଞ୍ଚିଲାଣି ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ ଦୁଷ୍ମନ୍ତ ଭାଜପାରୁ ପ୍ରାର୍ଥୀ ହେବା ପରେ ତାଙ୍କୁ ଟକ୍କର ଦେବା ପରି ପ୍ରାର୍ଥୀ ଖୋଜୁଛି ବିଜେଡି। ବିଜେଡିର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି। ହେଲେ ଦଳ ଟିକେଟ କାହାରିକୁ ଦେଇ ନ ଥିବାବେଳେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କରି ଦଳର ସ୍ଥିତିକୁ ଅନୁଭବ ବଞ୍ଚାଇ ରଖିଛନ୍ତି। କଂଗ୍ରେସ କେବଳ ରଣପୁର ଓ ନୟାଗଡ଼ ପାଇଁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଖଣ୍ଡପଡ଼ା, ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେଇ ନାହିଁ। ସେହିପରି ବିଜେଡି ପକ୍ଷରୁ ରଣପୁର, ନୟାଗଡ଼ ଓ ଦଶପଲ୍ଲାରେ ପ୍ରାର୍ଥୀ ଘୋଷଣା ହୋଇ ସାରିଥିବାବେଳେ କେବଳ ଖଣ୍ଡପଡ଼ାରେ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇନାହିଁ।

ଖଣ୍ଡପଡ଼ା ଟିକେଟ ପାଇଁ ବିଜେଡିର ଅନେକ ଆଶାୟୀ ଥିବାବେଳେ ଟିକେଟ ନ ପାଇବାରୁ ମଇଦାନକୁ ଓହ୍ଲାଇପାରୁ ନାହାନ୍ତି। ଖଣ୍ଡପଡ଼ା ପାଇଁ ବିଜେଡି ନୂଆ ମୁହଁ ଖୋଜୁଥିବାବେଳେ ପ୍ରାର୍ଥୀ

ଶ୍ରୀଲଙ୍କା, ୟୁଏଇକୁ ପିଆଜ ରପ୍ତାନି କରିବ ଭାରତ

ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଶ୍ରୀଲଙ୍କାକୁ ସୀମିତ ପରିମାଣରେ ପିଆଜ ରପ୍ତାନି କରିବାକୁ ଭାରତ ଅନୁମତି ଦେଇଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ବୈଦେଶିକ ବାଣିଜ୍ୟ ନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ମାଧ୍ୟମରେ ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଯେଉଁଥିରେ ୟୁଏଇକୁ ଅତିରିକ୍ତ ୧୦,୦୦୦ ମେଟ୍ରିକ ଟନ୍ (ଏମ୍‌ଟି) ପିଆଜ ରପ୍ତାନି କରିବାକୁ ଅନୁମତି ଦିଆଯାଇଛି। ପୂର୍ବରୁ ୨୪,୦୦୦ ଟନ୍‌ରୁ ଅଧିକ ରପ୍ତାନିକୁ ଅନୁମତି ରହିଥିଲା। ଏହା ସହ ଶ୍ରୀଲଙ୍କାକୁ ଜାତୀୟ କୋଅପରେଟିଭ ରପ୍ତାନି ଲିମିଟେଡ୍ (ଏନ୍‌ସିଏଲ୍) ମାଧ୍ୟମରେ ୧୦,୦୦୦ ଟନ୍ ସୁବିଧା ଯୋଗାଇ ଦିଆଯାଇଛି। ମାର୍ଚ୍ଚରେ ବାଂଲାଦେଶକୁ ୫୦,୦୦୦ ଟନ୍ ପିଆଜ ରପ୍ତାନି କରିବାକୁ କେନ୍ଦ୍ର ଅନୁମତି ଦେଇଥିଲା। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସରକାର ପିଆଜ ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ସୂଚନା ଥାଉକି, ୨୦୨୩ ଡିସେମ୍ବର ଆରମ୍ଭରୁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଭାରତ ପିଆଜ ରପ୍ତାନି ଉପରେ କଟକଣା ଲଗାଇଥିଲା। ତେବେ ଦେଶଗୁଡ଼ିକର ଅନୁରୋଧ ଆଧାରରେ କେନ୍ଦ୍ର ସରକାର ଅନ୍ୟ ଦେଶକୁ ଦିଆଯାଇଥିବା ଅନୁମୋଦନ ଅନୁଯାୟୀ ପିଆଜ ରପ୍ତାନି ଅନୁମତି ଦିଆଯିବ ବୋଲି ଡିଜିଏଫ୍‌ଟି ବିଜ୍ଞପ୍ତିରେ କୁହାଯାଇଛି। ଘରୋଇ ବଜାରରେ ମୂଲ୍ୟ ବୃଦ୍ଧିକୁ ରୋକିବା ଏବଂ ଯୋଗାଣରେ ଉନ୍ନତି ଆଣିବା ପାଇଁ ସରକାର ୨୦୨୩ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପିଆଜ ରପ୍ତାନି ଉପରେ ୪୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ପରେ କେନ୍ଦ୍ର ସରକାର ଟନ ପିଛା ସର୍ବନିମ୍ନ ରପ୍ତାନି ମୂଲ୍ୟ (ଏମ୍‌ଇପି) ୮୦୦ ଡଲାର ଧାର୍ଯ୍ୟ କରିଥିଲେ। ତେବେ କେନ୍ଦ୍ର ସରକାର ପିଆଜ ରପ୍ତାନି ଉପରେ ସର୍ତ୍ତ ସହ ବାଂଲାଦେଶକୁ ରପ୍ତାନି ଶୁଳ୍କ ଛାଡ଼ କରିଛନ୍ତି। ୨୦୨୩-୨୪ରେ ବଫର ଷ୍ଟକ୍ ଭାବରେ ୩ ଲକ୍ଷ ଟନ ପିଆଜ ରଖିବ ବୋଲି କେନ୍ଦ୍ର ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ୨୦୨୨-୨୩ରେ ସରକାର ୨.୫୧ ଲକ୍ଷ ଟନ ପିଆଜକୁ ବଫର ଷ୍ଟକ୍ ଭାବରେ ରଖିଛନ୍ତି। କୌଣସି ଜରୁରିକାଳୀନ ପରିସ୍ଥିତିକୁ ମୁକାବିଲା କରିବା ଏବଂ ମୂଲ୍ୟ ଯୋଗାଣ ପାଇଁ ବଫର ଷ୍ଟକ୍ ରକ୍ଷଣାବେକ୍ଷଣ କରାଯାଏ , ଯଦି ସ୍ୱଳ୍ପ ଯୋଗାଣ ଋତୁରେ ହାର ଯଥେଷ୍ଟ ବୃଦ୍ଧି ପାଇଥାଏ। ଏପ୍ରିଲ - ଜୁନ୍ ମଧ୍ୟରେ ଅମଳ ହୋଇଥିବା ରବି ପିଆଜ ଭାରତର ପିଆଜ ଉତ୍ପାଦନର ୬୫ ପ୍ରତିଶତ ହୋଇଥିବାବେଳେ ଏବଂ ଅକ୍ଟୋବର-ନଭେମ୍ବରରେ ଖରିଫ ଫସଲ ଅମଳ ନ ହେବା ପର୍ଯ୍ୟନ୍ତ ଗ୍ରାହକଙ୍କ ଚାହିଦା ପୂରଣ କରିଥାଏ।

କ୍ୟୁଏଲ୍‌ଇଡି ସିରିଜ୍‌ର ଅନାବରଣ

ନୂଆଦିଲ୍ଲୀ,୧୭।୪

ହାୟର ଆପ୍ଲାଏନ୍ସେସ୍ ଇଣ୍ଡିଆର ନୂତନ ଉତ୍ପାଦ ତଥା ଲାଟେଷ୍ଟ ସ୍ମାର୍ଟ କ୍ୟୁଏଲ୍‌ଇଡି ସିରିଜ 'ଏସ୍ ୮୦୦କ୍ୟୁଟି'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ବିଶେଷକରି ଆଶାୟୀ ଗ୍ରାହକଙ୍କ ଘରର ମନୋରଞ୍ଜନ ଅଭିଜ୍ଞତାକୁ ବଢ଼ାଇବା ଲାଗି ଡିଜାଇନ ହୋଇଥିବା ଏହି ସିରିଜର ୪କେ କ୍ୟୁଏଲ୍‌ଇଡି ଡିସ୍‌ପ୍ଲେ ବିଶିଷ୍ଟ ୪ଟି ସାଇଜ ଯଥା ୭୭ ଇଞ୍ଚ, ୬୫ଇଞ୍ଚ, ୫୫ଇଞ୍ଚ ଏବଂ ୪୩ ଇଞ୍ଚର ନୂତନ ଉତ୍ପାଦ ବଜାରରେ ଉପଲବ୍ଧ। ଏ ସମ୍ପର୍କରେ ହାୟର ଇଣ୍ଡିଆର ଅଧ୍ୟକ୍ଷ ଏନ୍.ଏସ୍.ସତୀଶ କହିଛନ୍ତି, ଆମେ ଗ୍ରାହକଙ୍କ ପାଇଁ ଗୃହର ମନୋରଞ୍ଜନ ଅଭିଜ୍ଞତାକୁ ବୃଦ୍ଧି କରିବା ସହ ଏକ ଉତ୍କର୍ଷୀକୃତ ଓ ଉନ୍ନତ ମାନ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। ବିଶେଷକରି ଅନେକ ବୈଶିଷ୍ଟ୍ୟ ସଂଯୋଗ ଥିବା ଏସ୍ ୮୦୦କ୍ୟୁଟି କ୍ୟୁଏଲ୍‌ଇଡି ସିରିଜ୍ ସହ ଆମେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସୌନ୍ଦର୍ଯ୍ୟର ଏକ ସୁସଙ୍ଗତ ମିଶ୍ରଣ କରିଛୁ।

ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂଆ ଶୋ'ରୁମ୍

ଭୁବନେଶ୍ୱର,୧୭।୪

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂଆ ଶୋ'ରୁମ୍ ବୁଧବାର କଟକର କ୍ୟାଣ୍ଟନମେଣ୍ଟରୋଡ୍‌ସ୍ଥିତ ଏନ୍‌ସିସି କ୍ୟାଣ୍ଟିନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗ୍ରୁପ୍ କମାଣ୍ଡର ଏନ୍‌ସିସି କଲୋନେଲ ସତ୍ୟବ୍ରତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମ୍‌ଡି ସାଜନ ଅଗ୍ରୱାଲଙ୍କ ସମେତ ରାମଅବତାର ଅଗ୍ରୱାଲ ଏବଂ ଅଗ୍ରୱାଲ ପରିବାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏହା ୨ୟ ଶୋ'ରୁମ୍ ହୋଇଥିବାବେଳେ ଏଠାରେ ସୁନା,ହୀରା ଓ ରୁପା ସହ ମୂଲ୍ୟବାନ୍ ରତ୍ନ ପଥର ସମେତ ବିଭିନ୍ନ ବର୍ଗର ଅଳଙ୍କାର ଡିଜାଇନ ଉପଲବ୍ଧ।

ବଜାରରେ ଭି-ଗାର୍ଡର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୪

ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନୂତନ ଉତ୍ପାଦଗୁଡ଼ିକୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ରାଣ୍ଡ୍‌ର ନୂତନ ଉତ୍ପାଦ ଯଥା, ଆରିଜୋ ମେଲଟ ରେସିଷ୍ଟାଣ୍ଟ ଓୟାର (ଆରିଜୋ), ସୁପରିଓ + ଇକୋ ସେଫ୍ ଓୟାର (ସୁପରିଓ+) ଏବଂ ଏଲେଗ୍ନା ଏମ୍‌ସିବି (ଏଲେଗ୍ନା) ଭଳି ବୈଦ୍ୟୁତିକ ସାମଗ୍ରୀ ନିକଟରେ ଉନ୍ମୋଚିତ ହୋଇଯାଇଛି, ଯାହାକି ଇଲେକ୍ଟ୍ରିକାଲ୍ ଓୟାରିଂ ଟେକ୍ନୋଲୋଜି କ୍ଷେତ୍ରରେ ଏକ ଅଭିନବ ଉଦ୍ଭାବନ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନିର୍ଦ୍ଦେଶକ ତଥା ସିଓଓ ରାମଚନ୍ଦ୍ରନ ଭି କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ସମ୍ଭାରକୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ବୈଦ୍ୟୁତିକ ନିରାପତ୍ତା ଏବଂ ସ୍ଥାୟିତ୍ୱର ପରବର୍ତ୍ତୀ ଯୋଦ୍ଧା ଭାବେ ଆମେ 'ଆରିଜୋ ଓୟାର୍ସ'ର ଶୁଭାରମ୍ଭ କରି ଅତ୍ୟନ୍ତ ଆନନ୍ଦିତ ଥିଲାବେଳେ ଆରିଜୋ ସହିତ ଉପଭୋକ୍ତାମାନେ ବିଶ୍ୱାସ କରି ପାରିବେ ଯେ ସେମାନେ ଏଭଳି ଏକ ଉତ୍ପାଦରେ ନିବେଶ କରୁଛନ୍ତି, ଯାହା କେବଳ ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଏ ନାହିଁ ବରଂ ଏକ ସ୍ୱଚ୍ଛ,ସବୁଜ ଭବିଷ୍ୟତରେ ମଧ୍ୟ ଯୋଗଦାନ କରିଥାଏ।

ସ୍ମାଇଲ ଗୋଲ୍ଡ ଜୁଏଲର୍ସର ୩ୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୭।୪ (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ସ୍ମାଇଲ ଗୋଲ୍ଡ ଜୁଏଲର୍ସର ୩ୟ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏପରିକି ରାମନବମୀ ଅବସରରେ ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏ ସମ୍ପର୍କରେ ସ୍ମାଇଲ ଗୋଲ୍ଡ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଇଂ. ବାବୁରାମ ସ୍ୱାଇଁ କହିଥିଲେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମେ ଧୁମଧାମରେ ବାର୍ଷିକ ଉତ୍ସବ ପାଳନ ସହ ଆମର ଅତି ଆପଣାର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ରିହାତି ଓ ଅଫର ସହ ବମ୍ପର ଲକି ଡ୍ର ଭଳି ଅନେକ ସୁବିଧା ପ୍ରତିଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଇଥିଲା।

ପ୍ରତିଷ୍ଠା ଦିବସ ଅବସରରେ ସ୍ମାଇଲ ଗୋଲ୍ଡ ଜୁଏଲର୍ସର କର୍ତ୍ତୃପକ୍ଷ, ପରିବାରବର୍ଗ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଉଦ୍ୟୋଗୀଙ୍କୁ ସଶକ୍ତ କରିବ ସ୍ୱକଳ୍ପ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୪

ଓଡ଼ିଶା ସରକାରଙ୍କ ପ୍ରମୁଖ ପ୍ରତିଷ୍ଠାନ ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି (ଓଏସ୍‌ଡିଏ) ଏବଂ ୱାର୍ଲ୍ଡ ସ୍କିଲ୍ ସେଣ୍ଟର (ଡବ୍ଲ୍ୟୁଏସ୍‌ସି) ଭୁବନେଶ୍ୱର ସହ ଇ କମର୍ସ ମାର୍କେଟପ୍ଲେସ୍ 'ମିଶୋ' ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ବୁଧବାର ସ୍ୱାକ୍ଷରିତ ହୋଇଯାଇଛି। ଏପରିକି ଏକ ଘରୋଇ ସଂସ୍ଥାର ସହଭାଗିତାରେ ସ୍ୱକଳ୍ପ ଉଦ୍ୟୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମ ପ୍ରାୟ ୧୦,୦୦୦ ବ୍ୟକ୍ତିଙ୍କୁ ଉପକୃତ କରିବ। ଏପରିକି ଉକ୍ତ କାର୍ଯ୍ୟକ୍ରମ ୧୦୦୦ଟି ମେଣ୍ଟରଶିପ ଓ ଏଣ୍ଟରପ୍ରାଇଜ ସେଟ୍‌ଅପ୍ ସମର୍ଥନ ପାଇଁ ମନୋନୀତ ହୋଇଛି। ବିଶେଷକରି ଏହି କାର୍ଯ୍ୟକ୍ରମ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ। ସେହିଭଳି ଉକ୍ତ ସହଭାଗିତାର ଅଂଶ ଭାବେ ମିଶୋ ସ୍ୱକଳ୍ପ ଅଧୀନ ମଧ୍ୟରେ ତାଲିମପ୍ରାପ୍ତ ଉଦ୍ୟୋଗୀଙ୍କୁ ତା'ର ପ୍ଲାଟ୍‌ଫର୍ମରେ ସୁଯୋଗ ଦେବ। ମିଶୋ ପ୍ଲାଟ୍‌ଫର୍ମରେ ଉନ୍ନତି ଆଣିବା ଲାଗି ଉଦ୍ୟୋଗୀମାନଙ୍କୁ ଆବଶ୍ୟକ ତାଲିମ କୌଶଳ ସହ ଦକ୍ଷ କରିବା ଲାଗି ମଧ୍ୟ ଏହା ପ୍ରୟାସ କରିବ। ଏହା ବ୍ୟତୀତ ମାର୍କେଟିଂ ସେବା, ଗ୍ରାହକ ସେବା, ଅର୍ଡର ଗ୍ରହଣ ଓ ପ୍ରେରଣ ଉପରେ ତାଲିମ ପ୍ରଦାନ କରାଯିବ।

ଏ ସମ୍ପର୍କରେ ଡବ୍ଲ୍ୟୁଏସ୍‌ସିର ସିଓଓ ପିନାକୀ ପଟ୍ଟନାୟକ କହିଛନ୍ତି, ଏହି ସହଭାଗିତା ମାଧ୍ୟମରେ ଆମେ ଓଡ଼ିଶାର ଆଶାୟୀ ଉଦ୍ୟୋଗୀମାନଙ୍କ ଲାଗି ଏକ ନୂଆ ସୁଯୋଗ ସୃଷ୍ଟି କରିବୁ। ଏପରିକି ଆମେ ସ୍ଥାନୀୟ ବ୍ୟବସାୟକୁ ବ୍ୟାପକ ବଜାର ସହିତ ସଂଯୋଗ କରି ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବୁ। ଫଳରେ ଏହା ଆମର ରାଜ୍ୟ ଅର୍ଥନୀତିକୁ ସୁଦୃଢ କରିବ। ସେହିଭଳି ମିଶୋର ପ୍ରତିଷ୍ଠାତା ତଥା ସିଟିଓ ସଞ୍ଜୀବ ବର୍ନୱାଲ କହିଛନ୍ତି, ଓଡ଼ିଶା ସରକାରଙ୍କ ଅଗ୍ରଣୀ ପ୍ରତିଷ୍ଠାନଗୁଡ଼ିକ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଛୋଟ ଛୋଟ ବ୍ୟବସାୟକୁ ସଶକ୍ତ କରିବା ଓ ଆଶାୟୀ ଉଦ୍ୟୋଗୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ମିଶୋର ମିଶନ ସହିତ ସ୍ୱକଳ୍ପ ସମ୍ପୂର୍ଣ୍ଣ ରୂପେ ଜଡ଼ିତ ରହିଛି। ଆଶାୟୀ ଉଦ୍ୟୋଗୀମାନଙ୍କ ପାଇଁ ଆମେ ଆବଶ୍ୟକ କୌଶଳ, ପ୍ଲାଟ୍‌ଫର୍ମ ଓ ବଜାର ପ୍ରବେଶ ଆଦି ଯୋଗାଇ ଓଡ଼ିଶାର ଅର୍ଥନୈତିକ ବିକାଶରେ ଯୋଗଦାନ କରିପାରିବୁ।

ନୀତି ରାଜନୀତି

ଗୋଟିଏ ମଞ୍ଚରେ ଏକାଠି ହେଲେ ୨ ବାପି



ସଭା ମଞ୍ଚରେ ବିଧାୟକ ସମିତ ରାଉତରାୟ, ଅରିନ୍ଦମ ସର୍ଖେଲ ଓ ଅନ୍ୟମାନେ।

ପାରାଦୀପ ନିର୍ବାଚନମଣ୍ଡଳୀ

- ବିଜେଡି ପାଇଁ ମିଳିତ ଭାବେ ପ୍ରଚାର ଲାଗି ସହମତି
- ୨୦୧୯ରେ ଲଢ଼ିଥିଲେ, ଏବେ ଏକାଠି ବସିଲେ

ପାରାଦୀପ,୧୭।୪ (ଶରତ ରାଉତ)

ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତିରେ ବୁଧବାର ଏକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଗୋଟିଏ ମଞ୍ଚରେ ଦୁଇ ବାପି ଓ ତାଙ୍କ ସ୍ତ୍ରୀ ବସି ବିଜେଡି ପାଇଁ କାମ କରିବେ ବୋଲି ଘୋଷଣା କରିଛନ୍ତି। ଦୁଇ ବାପି ହେଲେ ଅରିନ୍ଦମ ସର୍ଖେଲ (ବାପି) ଓ ବିଧାୟକ ସମିତ ରାଉତରାୟ (ବାପି)। ସମିତଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟଙ୍କୁ ଚଳିତ ନିର୍ବାଚନ ପାଇଁ ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟିକା ପ୍ରାର୍ଥୀ ଭାବେ ଘୋଷଣା କରିଛି। ସେହିପରି କଂଗ୍ରେସରୁ ଆସି ବିଜେଡିରେ ମିଶିଥିବା ସର୍ଖେଲଙ୍କ ସ୍ତ୍ରୀ ମୋନିଦୀପାଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାପତି ଭାବେ ଥଇଥାନ କରାଯାଇଛି। ଗୀତାଞ୍ଜଳି ଓ ମୋନିଦୀପା ବିଜେଡି ଟିକେଟ ପାଇଁ ଦୌଡରେ ଥିଲେ। ତାଙ୍କ ସହ ପାରାଦୀପ ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମଧ୍ୟ ଥିଲେ। ଶେଷରେ ଦଳ ଗୀତାଞ୍ଜଳିଙ୍କୁ ପ୍ରାର୍ଥୀ ଘୋଷଣା ପରେ ଅନ୍ୟ ଆଶାୟୀମାନେ ଅସନ୍ତୁଷ୍ଟ ଥିଲେ। ଏହିକ୍ରମରେ ବୁଧବାର ନୂଆବଜାରସ୍ଥ ସର୍ଖେଲଙ୍କ କାର୍ଯ୍ୟାଳୟରେ ପ୍ରଥମେ କର୍ମୀମାନଙ୍କ ମଧ୍ୟରେ ମିଳନ ହୋଇଥିଲା। ଯଥା ସର୍ଖେଲଙ୍କ ସଙ୍ଗଠନ ଆମ ପାରାଦୀପ ଆମ ପ୍ରଗତି ଜରିଆରେ ପୌର ନିର୍ବାଚନ ଜିତିଥିବା ୯ ଜଣ କାଉନସିଲର ମଧ୍ୟ ଉପସ୍ଥିତ ଥିଲେ। ବୈଠକ ପରେ ଦୁଇ ବାପି ଓ ତାଙ୍କ ସ୍ତ୍ରୀ ଗଣମାଧ୍ୟମରେ ସୂଚନା ଦେଇଥିଲେ ଯେ, ପାରାଦୀପ ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ହୋଇଥିବା ଗୀତାଞ୍ଜଳିଙ୍କୁ ବିପୁଳ ବ୍ୟବଧାନରେ ଜିତାଇବା ପାଇଁ ସମସ୍ତେ ମିଳିମିଶି କାମ କରିବେ। ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ସର୍ଖେଲ କଂଗ୍ରେସ ପ୍ରାର୍ଥୀ ହୋଇଥିବାବେଳେ ସମିତ ବିଜେଡି ପ୍ରାର୍ଥୀ ଥିଲେ। ସମିତଙ୍କୁ ୬୮ ହଜାର ଭୋଟ ମିଳିଥିବା ବେଳେ ସର୍ଖେଲଙ୍କୁ ୪୮ ହଜାର ଭୋଟ ମିଳିଥିଲା। ବୁଧବାର ବୈଠକରେ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଅନୁପସ୍ଥିତ ଥିଲେ। ଏହି ପ୍ରସଙ୍ଗରେ ପଚାରିବାରେ ସମିତ କହିଥିଲେ, ଆସନ୍ତା ୩ରୁ ୪ଦିନ ମଧ୍ୟରେ ସମସ୍ତଙ୍କୁ ନେଇ ନିର୍ବାଚନ ପ୍ରସ୍ତୁତି ବୈଠକ ହେବ। ସେତେବେଳେ ସମସ୍ତ କର୍ମୀଙ୍କୁ ଆପଣମାନେ ଦେଖିବେ। ଆମେ ସମସ୍ତେ ଏକାଠି ବୋଲି ସେ କହିଥିଲେ। ପାନୀୟ ଜଳ ସମସ୍ୟା, ପ୍ରଦୂଷଣ, ଟ୍ରାଫିକ୍, ନିଯୁକ୍ତି ଆଦି ପ୍ରସଙ୍ଗ ଉପରେ ପଚାରିବାରେ କହିଥିଲେ, ଆମେ ମହାଶକ୍ତି ଏବେ ଗୋଟିଏ ମଞ୍ଚରେ। ଆଗକୁ ସବୁ ସମସ୍ୟା ନିଶ୍ଚିତ ସମାଧାନ କରାଯିବ।

ବ୍ରଜଙ୍କ ହାତରେ ଶ୍ରୀରାମ ପତାକା

ବିଧାୟକ ଓ ବିଜୁ ପ୍ରେମୀମାନେ ଶ୍ରୀରାମ ପତାକା ଧରି ଶୋଭାଯାତ୍ରା କରୁଛନ୍ତି।

ତାଳଚେର ସହରରେ ରୋଚକ ଦୃଶ୍ୟ

ତାଳଚେର, ୧୭।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ସହରରେ ବୁଧବାର ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ତାଳଚେର ବିଧାୟକ ତଥା ବିଜେଡି ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ସହ ଶ୍ରୀରାମ ନବମୀ ପାଳନ କରାଯାଉଥିବା ବେଳେ ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ନିଜେ ବ୍ରଜ ଏହି ଶୋଭାଯାତ୍ରାର ନେତୃତ୍ୱ ନେବା ସହ ହାତରେ ଶ୍ରୀରାମ ପତାକା ଧରିଥିଲେ। ତାଙ୍କ ସହ ସାମିଲ ଥିବା ଶତାଧିକ ବିଜୁ ପ୍ରେମୀ ଜୟ ଶ୍ରୀରାମ ନାରା ଦେଇ ଆଗକୁ ବଢୁଥିଲେ। ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଓ ଶ୍ରୀରାମ ନବମୀ ଗୋଟିଏ ଦିନରେ ପଡ଼ିଥିବାରୁ ବିଧାୟକଙ୍କ ପକ୍ଷରୁ ଚଳିତବର୍ଷ ଏହାକୁ ଏପରି ଢଙ୍ଗରେ ପାଳନ କରାଯିବା ନିର୍ବାଚନୀ ବାତାବରଣକୁ ଆହୁରି ସରଗରମ କରିଛି।

ବିଜେଡିରେ କୈଳାସ, ମହେଶ, ରାଜନାରାୟଣ

ଭୁବନେଶ୍ୱର,୧୭।୪(ଅନିଲ ଦାସ)

କନ୍ଧମାଳ କଂଗ୍ରେସର ବରିଷ୍ଠ ନେତା ତଥା ମୁଖପାତ୍ର କୈଳାସ ମୁଖୀ, ଅନୁଗୋଳ ଜିଲାର ବିଶିଷ୍ଟ ଶିକ୍ଷାବିତ୍ ତଥା ଆଦର୍ଶ ଗ୍ରୁପ୍‌ର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ ଏବଂ ଯାଜପୁର ଜିଲା ଅନ୍ତର୍ଗତ ବଡ଼ଚଣା ନିର୍ବାଚନମଣ୍ଡଳୀର ପିସିସି ସମ୍ପାଦକ ତଥା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର ବିଜୁ ଜନତା ଦଳରେ ଯୋଗଦେଇଛନ୍ତି।

ଶଙ୍କଭବନଠାରେ ବୁଧବାର ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉପସ୍ଥିତିରେ କୈଳାସ ମୁଖୀ ବିଜେଡିରେ ସାମିଲ ହୋଇଛନ୍ତି।ସେହିପରି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ମହେଶ ଚନ୍ଦ୍ର ଧଳ ବିଜେଡିରେ ଯୋଗ ଦେଇଛନ୍ତି। ଏଥିସହ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ଉପସ୍ଥିତିରେ କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ରଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ବିଜେଡିରେ ଯୋଗଦେଇଛନ୍ତି। ଶଙ୍ଖ ଧରିଥିବା ସମସ୍ତ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ଓ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା କହିଛନ୍ତି। ଏଥିସହ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଅନ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଶ୍ରୀରାମଚନ୍ଦ୍ର ସୁଶାସନର ପ୍ରତୀକ: ଧର୍ମେନ୍ଦ୍

ଐତିହ୍ୟ ଆବିଷ୍କାର, ସଂରକ୍ଷଣକୁ ଗୁରୁତ୍ୱ ନାହିଁ

ଆଜି ବିଶ୍ୱ ଐତିହ୍ୟ ଦିବସ

ଭୁବନେଶ୍ୱର, ୧୭।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା କଳା, ସଂସ୍କୃତି, ଐତିହ୍ୟରେ ସମୃଦ୍ଧ। ପ୍ରତିଟି ଜିଲାରେ ରହିଛି ଅନନ୍ୟ ଐତିହ୍ୟର ପରିଚୟ। ମାତ୍ର ଭୁବନେଶ୍ୱର, କୋଣାର୍କ, ପୁରୀ ଆଦି କେତୋଟି ସ୍ଥାନକୁ ବାଦ୍‌ଦେଲେ ଅଧିକାଂଶ ଐତିହ୍ୟ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ମନ୍ଦିରମାଳିନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପୁରାତନ ମନ୍ଦିରରେ ଫାଟ ସୃଷ୍ଟି ହେବା, ଗଛ ଉଠିବା ଭଳି ଘଟଣା ସାମ୍ନାକୁ ଆସୁଛି। ସେହିପରି ଶିଶୁପାଳଗଡ଼ ଭଳି ସମୃଦ୍ଧ ଐତିହ୍ୟ ଆଜି ମାଟିରେ ମିଶିବାକୁ ଲାଗିଛି। ଐତିହ୍ୟ ସହ ପର୍ଯ୍ୟଟନ ଯୋଡ଼ି ହୋଇ ରହିଛି। ଫଳରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ପ୍ରଭାବିତ ହେଉଛି। ଯେଭଳି ବିକାଶ ହେବା କଥା ସେଭଳି ହେଉନାହିଁ। ଏପରି ସ୍ଥିତିରେ ଓଡ଼ିଶା ଗୁରୁବାର ବିଶ୍ୱ ଐତିହ୍ୟ ଦିବସ ପାଳନ କରିବାକୁ ଯାଉଛି। ଚଳିତବର୍ଷର ଥିମ୍ ରହିଛି 'ଆବିଷ୍କାର ଏବଂ ବିବିଧତାର ଅନୁଭୂତି'। ଐତିହ୍ୟର ସୁରକ୍ଷା ସହ ଏହାର ସଂରକ୍ଷଣ ଏବଂ ଲୁଚି ରହିଥିବା ଐତିହ୍ୟର ଆବିଷ୍କାର ହେବା ନିହାତି ଜରୁରୀ ବୋଲି ମତ ପ୍ରକାଶ ପାଇଛି। ୫-ଟି ଅଧୀନରେ ବିଭିନ୍ନ ଜିଲାରେ ଥିବା ପ୍ରମୁଖ ଐତିହ୍ୟସ୍ଥଳର ରୂପାନ୍ତରଣ ପାଇଁ ପ୍ରୟାସ ଚାଲିଛି। ମାତ୍ର ଅବହେଳିତ, ଅସଂରକ୍ଷିତ ଐତିହ୍ୟକୁ ଉପଯୁକ୍ତ ପରିଚୟ ଦେବାରେ ଆବଶ୍ୟକ ପଦକ୍ଷେପ ନେବାକୁ ଐତିହ୍ୟ ଗବେଷକମାନେ ଗୁରୁତ୍ୱ ଦେଇଛନ୍ତି।

କେତେକ ଅବହେଳିତ ଐତିହ୍ୟ

କେନ୍ଦୁଝର ନୂଆଗଡ଼ର ମୁକ୍ତେଶ୍ୱର ଶିବମନ୍ଦିର ଓ ଶିଳାଲେଖ, ଗଞ୍ଜାମର ମହୁରିଗଡ଼ଠାରେ ଥିବା ଜଗନ୍ନାଥ ମନ୍ଦିର, କୋରାପୁଟର ଗୋରାହାଣ୍ଡିଠାରେ ଥିବା ପ୍ରାଚୀନ ଭଗ୍ନ ବିଷ୍ଣୁ ମୂର୍ତ୍ତି, କଟକ କୁଅଁରପୁରରେ ଥିବା ଦଧିବାମନ ମନ୍ଦିର, ପୁରୀର ଘୋରଡ଼ିଆଠାରେ ଭୈରବମୂର୍ତ୍ତି, ଯାଜପୁରର ଧାନମଣ୍ଡଳରେ ଥିବା ଭଗ୍ନ ମନ୍ଦିର, ଖୋର୍ଦ୍ଧା ଭୋଗପୁରରେ ଥିବା ଗଜସିଂହ ମଣ୍ଡପ ଭଳି ଅନେକ ଐତିହ୍ୟ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଏହାବାଦ୍ ରାଜ୍ୟର ଶତାଧିକ ଅବହେଳିତ ଐତିହ୍ୟର ସଂରକ୍ଷଣ ହେଉ ନ ଥିବା ନଜିର ରହିଛି।

ଗଞ୍ଜାମ ମହୁରିଗଡ଼ରେ ଥିବା ଜଗନ୍ନାଥ ମନ୍ଦିର ଅବହେଳିତ ଅବସ୍ଥାରେ ପଡ଼ିଛି।

ଏ ବର୍ଷର ବାର୍ତ୍ତା

ପ୍ରତିବର୍ଷ ଏପ୍ରିଲ ୧୮ରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଏ। ଏହିଦିବସ ପାଳନର ଉଦ୍ଦେଶ୍ୟ ମାନବ ସଭ୍ୟତା ସହ ଜଡ଼ିତ ଐତିହାସିକ ସ୍ଥାନଗୁଡ଼ିକର ସଂରକ୍ଷଣ ପାଇଁ ସମଗ୍ର ବିଶ୍ୱରେ ସଚେତନତା ସୃଷ୍ଟି। ୧୯୮୨ରେ ଇଣ୍ଟରନ୍ୟାଶନାଲ କାଉନ୍‌ସିଲ ଅନ୍ ମନୁମେଣ୍ଟସ(ଆଇସିଓଏମ୍‌ଓଏସ୍) ଦ୍ୱାରା ବିଶ୍ୱ ଐତିହ୍ୟ ଦିବସ ଆରମ୍ଭ ହୋଇଥିଲା। ପ୍ରଥମ ବିଶ୍ୱ ଐତିହ୍ୟ ଦିବସ ଟ୍ୟୁନିସିଆରେ ପାଳନ କରାଯାଇଥିଲା। ଏହାପରେ ୧୯୮୩ରେ ଏହା 'ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ'(ୟୁନେସ୍କୋ)ର ଅନୁମୋଦନ ଲାଭକଲା। ୧୯୮୩ ପରଠାରୁ ପ୍ରତିବର୍ଷ ଏକ ଭିନ୍ନ ଥିମ ସହିତ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଏ। ଚଳିତ ବର୍ଷ ବିଶ୍ୱ ଐତିହ୍ୟ ଦିବସର ଥିମ ରହିଛି, ବିବିଧତା ଆବିଷ୍କାର ଏବଂ ଅନୁଭବ କର।

ଭୁବନେଶ୍ୱର, ପୁରୀ, କୋଣାର୍କରେ ସୀମିତ

ଐତିହ୍ୟ କ୍ଷେତ୍ର ସହ ପର୍ଯ୍ୟଟନ ଯୋଡ଼ି ହୋଇରହିଛି। ନୂଆ ନୂଆ ସ୍ଥାନରୁ ମିଳୁଥିବା ଐତିହ୍ୟର ପ୍ରଚାର ପ୍ରସାର କରାଗଲେ ପର୍ଯ୍ୟଟନ କ୍ଷେତ୍ର ପାଇଁ ବ୍ୟାପକ ଆଶା ସୃଷ୍ଟି ହୋଇପାରନ୍ତା। କିନ୍ତୁ ସରକାରୀ ସ୍ତରରେ କେବଳ ପୂର୍ବରୁ ପରିଚୟ ପାଇଥିବା ଭୁବନେଶ୍ୱର, ପୁରୀ, କୋଣାର୍କର ଐତିହ୍ୟକୁ ଛାଡ଼ିଦେଲେ ଅନ୍ୟ ସ୍ଥାନଗୁଡ଼ିକୁ ଫୋକସରେ ନିଆଯାଉନାହିଁ। ଏହିସବୁ ସ୍ଥାନରେ ମଧ୍ୟ ଐତିହ୍ୟ ସଂରକ୍ଷଣରେ ଅନେକ ଅବହେଳା ପରିଲକ୍ଷିତ ହେଉଛି।

ଅଧିକ ସରକାରୀ ପ୍ରୟାସ ଲୋଡ଼ା

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନେକ ଐତିହ୍ୟ ଏବେବି ଅଜଣା ଅବସ୍ଥାରେ ରହିଛି। କିଛି ବେସରକାରୀ ଅନୁଷ୍ଠାନ ଏବଂ ଯୁବପିଢ଼ି ସେସବୁକୁ ଆବିଷ୍କାର କରିବା ସହ ଗଣମାଧ୍ୟମ ଜରିଆରେ ସୂଚନା ଦେଉଛନ୍ତି। ମାତ୍ର ରାଜ୍ୟ ସରକାର ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ତାହାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ଉଠୁଛି। ଏପରିକି ନିକଟ ବର୍ଷଗୁଡ଼ିକରେ ଏସବୁ ଉପରେ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଖନନ ହେଉ କି ସଂରକ୍ଷଣ ଦିଗରେ ପଦକ୍ଷେପ ଶୂନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଫଳରେ ଐତିହ୍ୟ ଥିବା ସ୍ଥାନଗୁଡ଼ିକ ଜନବସତି ଭିତରେ କ୍ରମଶଃ ହଜିଯିବାକୁ ବସିଲାଣି। ଏ କ୍ଷେତ୍ରରେ ସରକାରୀ ସ୍ତରରେ ତ୍ୱରିତ ପଦକ୍ଷେପ ନିଆଗଲେ ଆମ ଐତିହ୍ୟ ଆହୁରି ସମୃଦ୍ଧ ହୁଅନ୍ତା।

ଐତିହ୍ୟର ଡକ୍ୟୁମେଣ୍ଟେଶନ, ସଂରକ୍ଷଣ ଜରୁରୀ

ସାମ୍ପ୍ରତିକ ସମୟରେ ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ରାଜ୍ୟର ଗରିମାମୟ ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଜାଗରଣ ସୃଷ୍ଟି କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି। ଏଥିପାଇଁ ଉଭୟ ରାଜ୍ୟ ସଂସ୍କୃତି ବିଭାଗ ତଥା ବେସରକାରୀସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନଗୁଡ଼ିକର ଗୁରୁଦାୟିତ୍ୱ ରହିଛି। କେବଳ ପୁରୀ, କୋଣାର୍କ ଅଥବା ଭୁବନେଶ୍ୱର ଭଳି କେତେକ ହାତଗଣତି ପ୍ରମୁଖ ସ୍ଥାନ ଯେ ଓଡ଼ିଆ ଐତିହ୍ୟ ଓ ଇତିହାସର ପରିଚାୟକ - ଏହି ଧାରଣାରୁ ଭିନ୍ନରେ ବିଚାର କରିବା ନିତାନ୍ତ ଜରୁରୀ। ଆଜି ମଧ୍ୟ ଓଡିଶାରେ ଶହ ଶହ ସଂଖ୍ୟାରେ ମଠ, ମନ୍ଦିର ତଥା ଐତିହାସିକ କୀର୍ତ୍ତିରାଜି ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ଏସବୁର ଅନେକ ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ରହିଛି। ଏପରି ଅଳ୍ପ ଜଣାଶୁଣା ଐତିହ୍ୟ ସ୍ଥଳୀଗୁଡ଼ିକୁ ଚିହ୍ନଟ କରି ସେସବୁର ଉଚିତ ଡକ୍ୟୁମେଣ୍ଟେଶନ ଓ ସଂରକ୍ଷଣକୁ ଗୁରୁତ୍ୱ ଦେବା ବର୍ତ୍ତମାନ ପରିପ୍ରେକ୍ଷୀରେ ଅତି ଜରୁରୀ ହୋଇପଡିଛି। ବିଶ୍ୱ ଐତିହ୍ୟ ଦିବସରେ କେନ୍ଦ୍ର ଓ ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ନେବେ ବୋଲି ମୁଁ ଆଶାବାଦୀ।

-ଦୀପକ କୁମାର ନାୟକ, ଐତିହ୍ୟ ଗବେଷକ

ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଠାବ

ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ

କ୍ୟାମ୍ପରୁ ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

ବଣାଇଁ, ୧୭।୪(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ତଥା ଓଡ଼ିଶା ସଂଲଗ୍ନ ଗୋଏଲକେରା ଥାନା ଟେଣ୍ଟୋ ଜଙ୍ଗଲରେ ବୁଧବାର କୋମ୍ବିଂ ଅପରେଶନ ବେଳେ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। କ୍ୟାମ୍ପରୁ ବିଷାକ୍ତ ଲେପ ଥିବା ୨୧ଟି ତାର, ଅଢ଼େଇ କିଲୋର ଗନ୍ ପାଉଡର, ପାଞ୍ଚ କିଲୋ ଓଜନର ଆମୋନିଆ ନାଇଟ୍ରେଟ୍ ପାଉଡର, ଗୋଟିଏ କିଲୋ ସଲ୍‌ଫର ପାଉଡ଼ର ସହ ଅନେକ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ହେଲେ ମାଓବାଦୀନେତାମାନେ ଛତ୍ରଭଙ୍ଗ ଦେଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ସମୟରେ କିଛି ଅଘଟଣ ଘଟାଇପାରନ୍ତି ମାଓବାଦୀ। ଏହାକୁ ନଜରରେ ରଖି ସୀମାବର୍ତ୍ତୀ ଅଞ୍ଚଳରେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରେ ଏବେ ହାଇ ଆଲର୍ଟ ଜାରି କରାଯାଇଛି। ଏହି କ୍ୟାମ୍ପରେ ଟପ ମାଓବାଦୀନେତା ମିଶିର ବେଶ୍ରାଙ୍କ ସମେତ ସହଯୋଗୀ ମନଟୁ, ଚମନ, ଅଜୟ ସହ ସାଗେନ ଅଙ୍ଗରିଆ ରହି କିଛି ଅଘଟଣ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଥିବା ବିଶେଷ ସୂତ୍ରରୁ ସୂଚନା ପାଇ ସିଆର୍‌ପିଏଫ୍ ଯବାନ ଓ ଉଭୟ ରାଜ୍ୟର ପୋଲିସ କୋମ୍ବିଂ ଅପରେଶନ କରିଥିଲେ।

ଟ୍ରେଲରରେ ପିଟି ହୋଇ ୨ ଯୁବକ ମୃତ

ରାମ ନବମୀ ରାଲିରେ ଅଘଟଣ

ସବ୍‌ଡେଗା, ୧୭।୪(ଅନନ୍ତ ପଟେଲ)

ରାମ ନବମୀ ଅବସରରେ ବାଇକ୍ ରାଲି କରି ଫେରୁଥିବା ବେଳେ ଟ୍ରେଲରରେ ପିଟି ହୋଇ ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବଜରଙ୍ଗ ଦଳର ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫିଙ୍ଗିପଡାର ବୈଷ୍ଣବ ମାଝି(୧୮) ଓ ତାଳଡିହର ଅଭିମନ୍ୟୁ ବାଗ(୧୮)। ଘଟଣା ପରେ ଟ୍ରେଲର ଚାଳକ ତଳସରା ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଟ୍ରେଲରକୁ ଥାନାରେ ଅଟକ ରଖିବା ସହ କେସ୍ ନଂ.୧୧୭/୨୪ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରାମନବମୀ ଅବସରରେ ତଳସରା ଥାନା ଅନ୍ତର୍ଗତ ସବ୍‌ଡେଗା ବଜରଙ୍ଗ ଦଳର ୮୦ ଜଣ ଯୁବକ ସ୍ଥାନୀୟ ବଜରଙ୍ଗବାଲି ମନ୍ଦିରଠାରୁ ୫୦ରୁ ଅଧିକ ବାଇକ୍‌ରେ ରାଲିରେ ବାହାରିଥିଲେ। ଯୁବକମାନେ ସବ୍‌ଡେଗାରୁ ରାଲି କରି ବାଲିଶଙ୍କରାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ କୁଲିହାଯୋରଠାରେ ଅପରାହ୍ନ ୪ଟା ୩୦ରେ ଝାରସୁଗୁଡ଼ାରୁ ଛତିଶଗଡ଼କୁ ଯାଉଥିବା ବାଲି ବୋଝେଇ ଟ୍ରେଲର ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ଯୁବକ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଯୁବକମାନେ ସେମାନଙ୍କୁ ଉଦ୍ଧାର କରି ସବ୍‌ଡେଗା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଖୁଣ୍ଟୁଣୀ, ୧୭।୪(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ମଛପୁର-ମୁଷ୍ଟୁଳିଆ ରାସ୍ତାର ମଛପୁର ଗ୍ରାମ ନିକଟ ହର୍ବାଲ ଗାର୍ଡେନ ପାର୍ଶ୍ୱ ରାସ୍ତାରେ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ସାଉରିଆ ଗ୍ରାମ ଆଦିବାସୀପଡ଼ା କାଣ୍ଡମୁଗୁରୀର ଗମିଆଁ ହନାଗା(୬୧)। ବନ ବିଭାଗ ସୂଚନା ମୁତାବକ, ଖୁଣ୍ଟୁଣୀସ୍ଥିତ ରାଧାଦାମୋଦରପୁର ଗ୍ରାମରେ ମଙ୍ଗଳବାର ଅଶୋକାଷ୍ଟମୀ ଯାତ୍ରା ହୋଇଥିଲା। ଗମିଆଁ ଯାତ୍ରା ଦେଖିବା ପାଇଁ ରାତିରେ ଘରୁ ଚାଲି ଚାଲି ଯାଉଥିବାବେଳେ ହଠାତ୍ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ହାତୀ ସେଠାରୁ ଚାଲି ଯାଇଥିଲା। ଚିତ୍କାର ଶୁଣି ମଛପୁର ଗ୍ରାମର ଲୋକମାନେ ଜଙ୍ଗଲ ବିଭାଗକୁ ଖବର ଦେବା ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ ରାତ୍ରି ପାଟ୍ରୋଲିଂ କରୁଥିବା ଖୁଣ୍ଟୁଣୀ ବନବିଭାଗ କର୍ମଚାରୀ ଖୁଣ୍ଟୁଣୀ ପୋଲିସ ସହିତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଗମିଆଁଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଆଠଗଡ଼ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ଗମିଆଁଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର ସରକାରୀ ସହାୟତା ରାଶି ଦେବା ପାଇଁ ବନାଞ୍ଚଳ ପକ୍ଷରୁ ଘୋଷଣା କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି।

ଅନୁକୂଳ ହେଲା ରଥକାଠ ଚିରଟ

ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ପାଇଁ ପୂଜାର୍ଚ୍ଚନା କରାଯାଉଛି।

କଟକ/ପୁରୀ, ୧୭।୪
(ଶିଳ୍ପୀ ପ୍ରିୟଦର୍ଶିନୀ/ଅଜିତ ମହାନ୍ତି)

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଅକ୍ଷୟତୃତୀୟାରୁ ୩ ରଥର ନିର୍ମାଣ କାମ ଆରମ୍ଭ ହେବାକୁ ଥିବାବେଳେ ବୁଧବାର କଟକ ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁ ଦିନ ରଥର କ'ଣ ନିର୍ମାଣ ହେବ, ତାହା ବିଧି ମୁତାବକ କରାଯାଇଥାଏ। ସେହି ଅନୁସାରେ ଶ୍ରୀରାମ ନବମୀରେ ରଥକାଟ ଚିରଟ ଅନୁକୂଳ ହେବା ପରମ୍ପରା ରହିଛି। ସେଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ନୀତି ପ୍ରଶାସକ ଜିତେନ୍ଦ୍ର ଦାସ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ର ନାଥ ଭୋଇ, ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଭାରପ୍ରାପ୍ତ ଅଧିକାରୀ ରବୀନ୍ଦ୍ରନାଥ ଦାସ, କର୍ମଚାରୀ ବେଣୁଧର ମହାରଣା, ୱାର୍କ ସରକାର ଅନାଦି ସ୍ୱାଇଁ ପ୍ରମୁଖ ଏକ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଖପୁରିଆ ସ' ମିଲ୍‌ରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଥିଲା। ଗତବର୍ଷ ୨୦୦ ଖଣ୍ଡ କାଠ ବଳକା ରହିଥିଲା। ରଥ ନିର୍ମାଣ ପାଇଁ ପ୍ରାୟ ୮୧୨ ଖଣ୍ଡ କାଠର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ୪୫୦ ଖଣ୍ଡ କାଠ ନୟାଗଡ଼ ବନଖଣ୍ଡ ସମେତ ଅନ୍ୟ ବନଖଣ୍ଡରୁ ଆସିଛି। ପ୍ରତିଦିନ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଏହି କାଠଚିରା କାମ ଚାଲିବ। ଏଥିରେ ୩୦ ଜଣ କର୍ମଚାରୀ ନିୟୋଜିତ ହେବେ। ଏନେଇ ଶ୍ରୀମନ୍ଦିର ରଥ ଅମିନ ଲକ୍ଷ୍ମଣ ମହାପାତ୍ର କହିଛନ୍ତି, ରାମନବମୀ ଅବସରରେ ସମସ୍ତ ରୀତିନୀତି ଅନୁଯାୟୀ ପ୍ରଥମ କାଠ ଚିରଟ କରାଯାଇଛି। ଅପରପକ୍ଷରେ ସ' ମିଲ୍ ମ୍ୟାନେଜର ଅଶୋକ କୁମାର କର କହିଛନ୍ତି, ରାମନବମୀରେ ରଥକାଠ ଚିରଟ ଅନୁକୂଳ ହୋଇଥିବାବେଳେ ସମୟ ଅନୁସାରେ କାମ ସାରିବା ପାଇଁ ଲକ୍ଷ୍ୟ ରହିଛି।

ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

ଗୋପାଳପୁର, ୧୭।୪
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା କନିଷି-ତୁଲୁ ରାସ୍ତା ମଝିରେ ବୁଧବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ଗୋଳଛରା ଗ୍ରାମ ଦଳିତସାହିର ରୋହିତ ଦାସ ଓ କାଳିଆ ଦାସ। ଗୋଳଛରାର ସନ୍ତୋଷ ଦାସ ଓ କେଲୁଆପଲ୍ଲୀ ପଞ୍ଚାୟତ ଗୁଣପୁର ଗ୍ରାମର ପିଙ୍କୁ ସାହୁ ଗୁରୁତର ଆହତ ହୋଇଛନ୍ତି।

ରୋହିତ, କାଳିଆ ଓ ଗୁଣପୁରର ସନ୍ତୋଷ ନାୟକ ବୁଧବାର ଏକ ବାଇକରେ ମାର୍କଣ୍ଡି ଯାଇଥିଲେ। ସେମାନେ ଫେରୁଥିବା ବେଳେ ଦାସପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ପିଙ୍କୁ ଓ ସନ୍ତୋଷଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ୫ ଜଣଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସେହି ରାସ୍ତା ଦେଇ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଯାଉଥିବା ବେଳେ ଅଟକି ଗୁରୁତରମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ରୋହିତ ଓ କାଳିଆଙ୍କ ମୃତ୍ୟୁ ଘଟିଥିଲା। ସନ୍ତୋଷ ଦାସ ଓ ପିଙ୍କୁ ଚିକିତ୍ସାଧୀନ ଅଛନ୍ତି। ପିଙ୍କୁଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

ଚାଲିବ ୯ ଯୋଡ଼ା ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଟ୍ରେନ୍

୧୧ ଯୋଡ଼ା ଟ୍ରେନ୍ ଚଳାଚଳ ଅବଧି ବୃଦ୍ଧି

ଭୁବନେଶ୍ୱର, ୧୭।୪
(ଅନୁରାଧା ମହାରଣା)

ଗ୍ରୀଷ୍ମ ଋତୁରେ ଜନସାଧାରଣଙ୍କ ଯାତ୍ରା ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯିବା ସହିତ ପୂର୍ବରୁ ଚଳାଚଳ କରୁଥିବା ୧୧ ସ୍ୱତନ୍ତ୍ର ଟ୍ରେନ୍‌ର ଚଳାଚଳ ଅବଧି ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ୱତନ୍ତ୍ର ଭାବେ ଚଳାଚଳ ଆରମ୍ଭ କରିବାକୁ ଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ପୁରୀ-ଶାଲିମାର ଦ୍ୱି-ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ, ପୁରୀ-ନିଜାମୁଦ୍ଦିନ-ପୁରୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ, ଶାଲିମାର-ମାଳତୀପାଟପୁର-ଶାଲିମାର, ଭୁବନେଶ୍ୱର-ଯଶୋବନ୍ତପୁର-ଭୁବନେଶ୍ୱର, ସୁରଟ-ବ୍ରହ୍ମପୁର-ସୁରଟ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ, ସମ୍ବଲପୁର-ପୁଣେ-ସମ୍ବଲପୁର, ସମ୍ବଲପୁର-ଗୁଆହାଟୀ-ସମ୍ବଲପୁର, ବିଶାଖାପଟନମ୍-କୋଲାମ-ବିଶାଖାପଟନମ୍ ଓ ବିଶାଖାପଟନମ୍-କୁର୍ଣ୍ଣୁଲ-ବିଶାଖାପଟନମ୍ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ରହିଛି। ଗ୍ରୀଷ୍ମ ସମୟରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ଯେଉଁ ୧୧ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ର ସେବା ସମୟ ବୃଦ୍ଧି କରାଯାଇଛି ସେଗୁଡ଼ିକ ମଧ୍ୟରେ ଚେନ୍ନାଇ-ଭୁବନେଶ୍ୱର-ଚେନ୍ନାଇ ସ୍ୱତନ୍ତ୍ର ଟ୍ରେନ୍‌କୁ ୪

ଜନ୍ମଦିନର ଶୁଭେଚ୍ଛା

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଟୋକିଓ ପ୍ରଦର୍ଶନରେ ଉନ୍ନତି ଲକ୍ଷ୍ୟରେ ଭାରତ

ନୀରଜ ଚୋପ୍ରା ଓ କିଶୋର ଜେନା।

ପ୍ୟାରିସ ଅଲିମ୍ପିକ୍ସ ଆଉ ୧୦୦ ଦିନ

ନୂଆଦିଲ୍ଲୀ, ୧୭।୪

ଗ୍ରୀସ୍‌ର ଏଥେନ୍ସରେ ମଙ୍ଗଳବାର ଅଲିମ୍ପିକ୍ସ ମଶାଲରେ ଅଗ୍ନି ସଂଯୋଗ ହୋଇଛି। ଏଥିସହ ବାଜିଛି ଅଲିମ୍ପିକ୍ସ ବିଗୁଲ। ପ୍ୟାରିସ ଅଲିମ୍ପିକ୍ସର ୧୦୦ ଦିନିଆ କାଉଣ୍ଟ ଡାଉନ୍ ଆରମ୍ଭ ହୋଇଛି। ଗତ ଟୋକିଓ ଅଲିମ୍ପିକ୍ସରେ ଭାରତ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସହିତ ୭ଟି ପଦକ ହାସଲ କରି ରେକର୍ଡ କରିଥିଲା। ପ୍ୟାରିସରେ ଭାରତୀୟ ଦଳ ଏହି ରେକର୍ଡରେ ଉନ୍ନତି ଆଣିବା ଲକ୍ଷ୍ୟରେ ରହିଛି। ଟୋକିଓକୁ ଭାରତ ଏହାର ଇତିହାସରେ ସବୁଠାରୁ ଅଧିକ ସଂଖ୍ୟକ ପ୍ରତିନିଧି ଦଳ ପଠାଇଥିଲା। ଏହା ମଧ୍ୟରେ ୧୨୪ ଆଥଲେଟ୍ ସାମିଲ ଥିଲେ। ପ୍ୟାରିସରେ ମଧ୍ୟ ତାହାର ପୁନରାବୃତ୍ତି ହେବା ଆଶା କରାଯାଉଛି।

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତ ବର୍ତ୍ତମାନ ସୁଦ୍ଧା ପାଖାପାଖି ୫୦ କୋଟା ପୂରଣ କରି ସାରିଛି। ଏବେ ମଧ୍ୟ କେତେକ କ୍ରୀଡ଼ାର କ୍ୱାଲିଫିକେଶନ ଫ୍ରିଣ୍ଡୋ ଓପନ ରହିଛି। ତେଣୁ ଆସନ୍ତା ମାସରେ ଏହି ସଂଖ୍ୟା ବଢ଼ିବା ଯଥେଷ୍ଟ ସମ୍ଭାବନା ରହିଛି। ଟୋକିଓରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ଜିତି ଅଲିମ୍ପିକ୍ସରେ ୪୩ ବର୍ଷର ପଦକ ଶୂନ୍ୟତାକୁ ପୂରଣ କରିଥିଲା। ଗତବର୍ଷ ଅନୁଷ୍ଠିତ ହାଙ୍ଗଝୋଉ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଭାରତୀୟ ଦଳ ଆଗାମୀ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ତେଣୁ ୮ ଥର ସ୍ୱର୍ଣ୍ଣ ପଦକ ବିଜେତା ଭାରତ ବିଶ୍ୱ ହକିରେ ପୁଣି ନିଜର ଉପସ୍ଥିତିକୁ ଜାହିର କରିବା ପଥରେ ରହିବାପରି ଲାଗୁଛି।

ଆଥ୍‌ଲେଟିକ୍ସର ଏକାଧିକ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ଅଲିମ୍ପିକ୍ସ ଯୋଗ୍ୟତା ପାଇଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋରେ ବର୍ତ୍ତମାନର ଚାମ୍ପିୟନ ନୀରଜ ଚୋପ୍ରାଙ୍କ ସହିତ ଏସିଆନ ଗେମ୍ସ ସିଲ୍‌ଭର ମେଡାଲିଷ୍ଟ ଓଡ଼ିଶାର କିଶୋର ଜେନା ଭାଗନେବେ। ଆଶ୍ଚର୍ଯ୍ୟଜନକଭାବେ ଏଥର ୭ ଭାରତୀୟ ଆଥ୍‌ଲେଟ ପୁରୁଷ ୨୦ କିଲୋମିଟର ୱାକ୍‌ରେ ୨୦୨୪ ଅଲିମ୍ପିକ୍ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ସ୍ପର୍ଶ କରିଛନ୍ତି। ତେବେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସେମାନଙ୍କ ମଧ୍ୟରୁ ସର୍ବାଧିକ ୩ ଜଣଙ୍କୁ ପଠାଇ ପାରିବ। ଟୋକିଓରୁ ଖାଲି ହାତରେ ଫେରିବା ପରେ ଭାରତୀୟ ଶୁଟରମାନେ ଅନେକ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ଶୁଟିଂରେ ସମ୍ଭାବ୍ୟ ୨୪ କୋଟା ମଧ୍ୟରୁ ଭାରତ ବର୍ତ୍ତମାନ ସୁଦ୍ଧା ୨୦ଟି ସ୍ଥାନ ପୂରଣ କରିସାରିଛି। ଏହା ମଧ୍ୟରେ ରାଇଫଲ ଓ ପିସ୍ତଲ ଇଭେଣ୍ଟରେ ୧୬ କୋଟା ସାମିଲ। ଦୋହାରେ ଅନ୍ତିମ ଅଲିମ୍ପିକ୍ କ୍ୱାଲିଫାୟର ହେବାକୁ ଥିବାରୁ ଭାରତୀୟ ଶୁଟରମାନେ ଭାରତୀୟ ପ୍ରତିଯୋଗୀଙ୍କ ସଂଖ୍ୟା ବଢ଼ାଇବା ସମ୍ଭାବନା ରହିଛି। ଟୋକିଓ ଅଲିମ୍ପିକ୍ସର ଶୁଟିଂ ଇଭେଣ୍ଟରେ ଭାରତର ୧୫ ଶୁଟର ଭାଗ ନେଇଥିଲେ। ପ୍ୟାରିସରେ ଏହି ସଂଖ୍ୟା ବଢ଼ିବା ନିଶ୍ଚିତ ହୋଇଯାଇଛି।

ବ୍ୟାଡ୍‌ମିଣ୍ଟନ କ୍ୱାଲିଫିକେଶନ ଫ୍ରିଣ୍ଡୋ ଏବେ ମଧ୍ୟ ଓପନ ରହିଛି। ତେଣୁ ଭାରତର ପି.ଭି. ସିନ୍ଧୁ (ମହିଳା ସିଙ୍ଗଲ୍ସ), ଏଚ୍. ଏସ୍. ପ୍ରଣୟ (ପୁରୁଷ ସିଙ୍ଗଲ୍ସ), ବିଶ୍ୱର ନମ୍ବର ୱାନ ସାତ୍ୱିକସାଇରାଜ ରାଙ୍କିରେଡ୍ଡି/ଚିରାଗ ଶେଟ୍ଟି (ପୁରୁଷ ଡବଲ୍ସ) ଓ ଅଶ୍ୱିନି ପୋନ୍ନାପ୍ପା/ତନିଶା କ୍ରାଷ୍ଟୋ (ମହିଳା ଡବଲ୍ସ) ର୍ୟାଙ୍କିଙ୍ଗ୍ ଭିତ୍ତିରେ ପ୍ୟାରିସରେ ମୁକାବିଲା କରିବା ସମ୍ଭାବନା ରହିଛି।

'କେବଳ ଅଲିମ୍ପିକ୍ସ ଉପରେ ଫୋକସ'

ହରମନପ୍ରୀତ ସିଂ

ଅଷ୍ଟ୍ରେଲିଆ ଗସ୍ତରେ ଅତି ଖରାପ ପ୍ରଦର୍ଶନ କରି ୦-୫ରେ ସିରିଜ ହାରିଥିବା ଭାରତୀୟ ପୁରୁଷ ହକି ଦଳ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ପ୍ୟାରିସ ଅଲିମ୍ପିକ୍ସ ଆଉ ୧୦୦ ଦିନ ରହିଥିବାରୁ ଏଣିକି କେବଳ ଏହାକୁ ଲକ୍ଷ୍ୟରେ ରଖି ପ୍ରତି ଦିନର ଅଭ୍ୟାସ କରାଯିବ ବୋଲି ଅଧିନାୟକ ହରମନପ୍ରୀତ୍ ସିଂ ପ୍ରକାଶ କରିଛନ୍ତି। ଗତ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏଥର ଦଳ ପୂର୍ବ ସଂସ୍କରଣ ଅପେକ୍ଷା ଉନ୍ନତ ପ୍ରଦର୍ଶନ ଉପରେ ଫୋକସ କରିବ ବୋଲି ସେ କହିଛନ୍ତି। ଭାରତୀୟ ଦଳ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୬ଷ୍ଠ ସ୍ଥାନରେ ରହିଛି। ଆମେ ଏବେ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରିଲୁ, କିଛି ଦିନର ବ୍ରେକ୍ ପରେ ଆମେ ଅଭ୍ୟାସକୁ ଫେରିବୁ। ଅଲିମ୍ପିକ୍ସ ପାଇଁ ଦଳ ମଧ୍ୟରେ ଉତ୍ସାହ ବଢ଼ିବଢ଼ି ଚାଲିଛି। ଆଗାମୀ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ଏଥିପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଣିକି ପ୍ରତିଦିନ, ପ୍ରତି ଅଭ୍ୟାସ ଏବଂ ଡ୍ରିଲ୍ ଅଲିମ୍ପିକ୍ସକୁ ଲକ୍ଷ୍ୟରେ ରଖି ହେବ ବୋଲି ହରମନପ୍ରୀତ୍ କହିଛନ୍ତି। ହାଙ୍ଗଝୋଉ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଭାରତ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

ଅଷ୍ଟ୍ରେଲିଆ ଗସ୍ତରୁ ଅନେକ କିଛି ଶିକ୍ଷା ମିଳିଛି। ଏବେ ଅନେକ ବିଭାଗ ଉପରେ କାମ କରିବାର ଅଛି ବୋଲି ଉପ-ଅଧିନାୟକ ହାର୍ଦ୍ଦିକ ସିଂ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପାଇଁ ରହିଥିବା ଅବଶିଷ୍ଟ ୧୦୦ ଦିନରେ ଆମେ କଠିନ ପରିଶ୍ରମ କରି ସ୍ୱର୍ଣ୍ଣ ପଦକ ଲକ୍ଷ୍ୟରେ ନିଜକୁ ପ୍ରସ୍ତୁତ କରିବୁ ବୋଲି ହାର୍ଦ୍ଦିକ କହିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପୁଲ୍ 'ବି'ରେ ଗତଥରର ଚାମ୍ପିୟନ ବେଲ୍‌ଜିୟମ (ବିଶ୍ୱର ନଂ-୧), ଅଷ୍ଟ୍ରେଲିଆ (୩), ଆର୍ଜେଣ୍ଟିନା (୭), ନ୍ୟୁଜିଲାଣ୍ଡ (୧୦) ଓ ଆୟର୍ଲାଣ୍ଡ (୧୨) ସହିତ ସ୍ଥାନ ପାଇଛି। ପୁଲ୍ 'ଏ'ରେ ନେଦରଲାଣ୍ଡ୍ସ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ସ୍ପେନ୍, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଫ୍ରାନ୍ସ ରହିଛି। ଜୁଲାଇ ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ୨୯ରେ ଆର୍ଜେଣ୍ଟିନା, ୩୦ରେ ଆୟର୍ଲାଣ୍ଡ, ଅଗଷ୍ଟ ୧ରେ ବେଲ୍‌ଜିୟମ ଓ ୨ରେ ଅଷ୍ଟ୍ରେଲିଆ ସହିତ ମୁକାବିଲା କରିବ।

ନୋରା ଜେରୁଟୋଙ୍କ ନାମରେ ଡୋପିଂ ମାମଲା

ଲାଉସାନ୍ନେ,୧୭।୪(ପି.ଟି.)

ପୂର୍ବତନ ଷ୍ଟିପଲଚେଜ୍ ବିଶ୍ୱ ଚାମ୍ପିୟନ ନୋରା ଜେରୁଟୋଙ୍କ ନାମରେ ଆସିଛି ଡୋପିଂ ଅଭିଯୋଗ। ପ୍ୟାରିସ୍ ଅଲିମ୍ପିକ୍ସ ୫ ସପ୍ତାହ ପୂର୍ବରୁ ହିଁ ଏହି ମାମଲାର ଶୁଣାଣି ହେବାକୁ ଯାଉଛି। କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର ସ୍ପୋର୍ଟ୍ସ ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଆସନ୍ତା ଜୁନ୍ ୧୭ ତାରିଖରେ ଏହି ମାମଲାର ଶୁଣାଣି କରାଯିବ। ଜେରୁଟୋଙ୍କ ରକ୍ତ ନମୁନାରେ ନିଷିଦ୍ଧ ପଦାର୍ଥ ମିଳିଥିବା ନେଇ ଅଭିଯୋଗ ଆଣିଥିଲା ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍। ତେବେ ୨୦୨୦ ଓ ୨୧ରେ ଅଲସର ଏବଂ କୋଭିଡରେ ଆକ୍ରାନ୍ତ ହୋଇଥିବା କାରଣରୁ ରିପୋର୍ଟ ଏମିତି ଆସିଥିବା ଯୁକ୍ତି କରିଥିଲେ ଜେରୁଟୋ। ଜେରୁଟୋଙ୍କ ରକ୍ତ ନମୁନାରେ ଇପିଓ ନାମକ ନିଷିଦ୍ଧ ପଦାର୍ଥ ମିଳିଥିଲା। ଏକ ସ୍ୱାଧୀନ ଜୁରୀ ପକ୍ଷରୁ ପ୍ରକାଶିତ ରାୟ ଅନୁସାରେ ଇପିଓ କୋଭିଡ୍‌ର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ବଢିଥାଏ। ଏପରିକି ଜେରୁଟୋ କୌଣସି ପ୍ରକାରର ନିଷିଦ୍ଧ ପଦାର୍ଥ ସେବନ କରିବାର କୌଣସି ପ୍ରମାଣ ନ ଥିବା ଜୁରୀ କହିଥିଲା। କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର ସ୍ପୋର୍ଟ୍ସର ରାୟ ଉପରେ ବର୍ତ୍ତମାନ ଜେରୁଟୋଙ୍କ ଭାଗ୍ୟ ନିର୍ଭର କରୁଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

SR SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

ମୁଦ୍ରା ଫାଇନାନ୍ସ PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସୁରେନ୍ଦ୍ର ଭାବେ ଓଡ଼ିଶା କ୍ରିକେଟ ଦଳର ନୂଆ କୋଚ୍

ଭୁବନେଶ୍ୱର, ୧୭।୪
(ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନର କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆଗାମୀ ୨୦୨୪-୨୫ ଘରୋଇ ସିଜନ ପାଇଁ ଓଡ଼ିଶା କ୍ରିକେଟ ଦଳର ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରାଯାଇଛି। ଏହି କ୍ରମରେ ସୁରେନ୍ଦ୍ର ଭାବେଙ୍କୁ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର କୋଚ୍ ନିଯୁକ୍ତ କରାଯାଇଛି। ଦୀନେଶ ମୋଙ୍ଗିଆଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଦଳ ଗତ ସିଜନରେ ଖରାପ ପ୍ରଦର୍ଶନ କରିଥିବାରୁ ତାଙ୍କ ସ୍ଥାନରେ ୫୮ ବର୍ଷୀୟ ସୁରେନ୍ଦ୍ରଙ୍କୁ ନିଯୁକ୍ତି ମିଳିଛି। ପୁଣେର ସୁରେନ୍ଦ୍ର ୧୯୮୬ରୁ ୨୦୦୧ ପର୍ଯ୍ୟନ୍ତ ମହାରାଷ୍ଟ୍ର ପକ୍ଷରୁ ୯୭ଟି ପ୍ରଥମ ଶ୍ରେଣୀ କ୍ରିକେଟ ମ୍ୟାଚ ଖେଳି ୭୯୭୧ ରନ କରିଛନ୍ତି। ଏହା ମଧ୍ୟରେ ୨୮ ଶତକ ଓ ୨୭ ଅର୍ଦ୍ଧଶତକ ସାମିଲ। ସେହିପରି ସେ ୫୧ଟି ଲିଷ୍ଟ-ଏ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ୨୦୦୫ରେ ସେ ମହାରାଷ୍ଟ୍ର ରଣଜୀ ଚୟନ କମିଟିର ଏବଂ ୨୦୦୮ରେ ଜାତୀୟ ଚୟନ କମିଟି ସଦସ୍ୟ ଥିଲେ। ସିନିୟର ପୁରୁଷ ଚୟନ କମିଟିର ଅଧ୍ୟକ୍ଷ ହୋଇଛନ୍ତି ଅମିୟ ରାୟ। ସୌରଜିତ ମହାପାତ୍ର ଓ ସୁବିତ ବିଶ୍ୱାଳ ସଦସ୍ୟଭାବେ ସ୍ଥାନ ପାଇଛନ୍ତି। ସେହିପରି ଜୁନିୟର ଚୟନ କମିଟିର ଅଧ୍ୟକ୍ଷ ନଟରାଜ ବେହେରା ଥିବାବେଳେ ନିରଞ୍ଜନ ବେହେରା ଓ ଶୁଭ୍ରଜିତ ସାହୁ ସଦସ୍ୟ ଅଛନ୍ତି। ରଶ୍ମିତା ମହାନ୍ତି ମହିଳା ଚୟନ କମିଟି ଅଧ୍ୟକ୍ଷା ଏବଂ ସସ୍ମିତା ପଟ୍ଟନାୟକ ଓ ମଧୁସ୍ମିତା ମହାପାତ୍ର, ଗଙ୍ଗୋତ୍ରି ବେହେରା ଓ ଶୁଭ୍ରାଂଶୁବାଳା ଭୂୟାଁ ସଦସ୍ୟାଭାବେ ସ୍ଥାନ ପାଇଛନ୍ତି।

Classified Everyday
0674-2580101, 2549949

REAL ESTATE
SALE

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721. D-063

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

Three Storied building 3000sqft. construction over 1200sqft. land at Botanda, Bhubaneswar-1.15 crore. Call-8917520527. D-105

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952. D-75946

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.-1560/-. 9439049194, 7978551614. D-67131

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call-9437631769. D-093

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋଜୋନ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। **Mob-9827119799.** D-102

Relax, refresh your body, mind by expert therapist. Contact- 9938843929. D-76114

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

Relax, Refresh your Body, Mind at Saikrupa Spa with best therapies. 8984068077. D-094

Newly open Jyoti Spa positively health benefits (Expert Therapist). 8458067955. D-76111

Body massage by experience good looking therapist @ 999/- (Bhubaneswar). 9078484455. D-077

AFFIDAVIT

By virtue of an affidavit dated 17 - 04 - 2024 before the Executive Magistrate, patrapur. I Madhab Dalei have changed name of my minor son Akash Dalei to Santosh Dalei, he will be known as Santosh Dalei for all purposes. D-109

By virtue of an affidavit dated 17.04.2024 before the Executive Magistrate, patrapur. I Madhab Dalei have changed name of my minor Daughter Gelamani Dalei to Sangita Dalei, she will be known as Sangita Dalei for all purposes. D-108

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଏକାଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)
ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩
(ଚୈତ୍ର ଶୁକ୍ଳ ଦଶମୀ)
ଛାଡ଼ିକି ଗଲାପରି ବୟସ ତ ହୋଇନଥିଲା। କିନ୍ତୁ ଏଗାର ବର୍ଷ ବିତିଗଲାଣି। ଶରୀରରେ ସିନା ଦେଖି ପାରୁନୁ କିନ୍ତୁ ତୋ ଉପସ୍ଥିତି ସବୁବେଳେ ଅନୁଭବ କରୁଛୁ। ତୋ ମା' ଝାଡ଼େଶ୍ୱରୀ ତୋତେ ଭଲରେ ରଖିଥାଉ।
ବନ୍ଧୁ ଓ ପରିବାରବର୍ଗ।
ଧ-୬୧୯୬୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱକୈଳାସ ଚନ୍ଦ୍ର ସାମନ୍ତରାୟ
ଗ୍ରାମ: କୁଦିଆରୀ, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ: ୦୭।୦୭।୧୯୫୦
ତିରୋଧାନ: ୩୧।୦୩।୨୦୨୩
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ବାପା ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଧର୍ମ, କର୍ମ ଓ ସେବା ସର୍ବଦା ମନେରହିଥିବ। ଆଜି ଆପଣଙ୍କର ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଭାଇ, ଭାଉଜ, ପୁଅ, ବୋହୂ, ଭଉଣୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ସାମନ୍ତରାୟ ପରିବାରବର୍ଗ।
ଧ-୧୦୪

ଉଦାର ଧର୍ମେନ୍ଦ୍ର

ବଲିଉଡ୍‌ରେ ଧର୍ମେନ୍ଦ୍ରଙ୍କ ବିଷୟରେ ବର୍ଣ୍ଣନା କରିବା କେବଳ ଧୃଷ୍ଟତା ହେବ। କାରଣ ନିଜର ଅମାୟିକ ବ୍ୟକ୍ତିତ୍ୱ ଏବଂ ନିଖୁଣ ଅଭିନୟ ବଳରେ ସେ ଏବେ ମଧ୍ୟ ଦର୍ଶକଙ୍କ ହୃଦୟରେ ରାଜ୍ କରୁଛନ୍ତି। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦିଲ୍ ଭି ତେରା ହମ୍ ଭି ତେରି'। ଫିଲ୍ମଟି ୧୯୬୦ରେ ରିଲିଜ ହୋଇଥିଲା। ବେଶ୍ କିଛି ଆଶା ନେଇ ଏହାର ନିର୍ଦ୍ଦେଶକ ଅର୍ଜୁନ ହିଙ୍ଗୋରାନି ତାଙ୍କୁ ସାଇନ୍ କରାଇଥିଲେ। କିନ୍ତୁ ଯେତେବେଳେ ଫିଲ୍ମଟିକୁ ଦର୍ଶକ ପ୍ରତ୍ୟାଖ୍ୟାନ କଲେ ସେତେବେଳେ ଅର୍ଜୁନ ଦୁଃଖରେ ଭାଙ୍ଗି ପଡିଥିଲେ। ସେତେବେଳେ ଧର୍ମେନ୍ଦ୍ର ତାଙ୍କୁ ସାନ୍ତ୍ୱନା ଦେଇ କହିଥିଲେ ଯେ, ପ୍ରଥମରୁ ଏମତି

ଧର୍ମେନ୍ଦ୍ର

ଭାଙ୍ଗିପଡିଲେ ଚଳିବ! ଆଗକୁ ଆପଣ ନିଶ୍ଚୟ ଭଲ ସିନେମା ନିର୍ମାଣ କରିବେ।' ଯାହାହେଉ ପରବର୍ତ୍ତୀ ସମୟରେ ଅର୍ଜୁନଙ୍କ ନିର୍ଦ୍ଦେଶିତ 'କାହାନୀ କିସମତ୍ କି', 'କବ୍ କ୍ୟୁଁ ଔର କାହାଁ', 'ଖେଳ ଖିଲାଡି କା' ଏବଂ 'କାତିଲୋଁ କି କାତିଲ୍'ର ନାୟକ ସାଜିଥିଲେ ଧର୍ମେନ୍ଦ୍ର। ଆଉ ଏହି ଫିଲ୍ମଗୁଡିକ ବକ୍ସ ଅଫିସରେ ଭଲ ବିଜନେସ କରିବାରେ ସକ୍ଷମ ହୋଇଥିଲା। ସେତେବେଳେ ସେହି ସମୟର ଅନ୍ୟତମ ଲୋକପ୍ରିୟ ନିର୍ଦ୍ଦେଶକ ମନମୋହନ ଦେଶାଇ, ରାମାନନ୍ଦ ସାଗର, ହ୍ରିଷୀକେଶ ମୁଖାର୍ଜୀଙ୍କ ଅଫରକୁ ସେ କଦାପି ହାତଛଡା କରି ନ ଥିଲେ।

ରିଲିଜ ଅପେକ୍ଷାରେ..

ତେଜସ୍ୱିନୀ

ସୁଶ୍ରୀ ରଥ

କଥାରେ ଅଛି–ଆଶା ଅସୁମାରୀ। ହେଲେ ତାହାକୁ ସଫଳ କରିବା ଲାଗି ପ୍ରଗାଢ଼ ନିଷ୍ଠା ଏବଂ ଉପଯୁକ୍ତ ଯୋଜନାର ଆବଶ୍ୟକତା ରହିଛି। ଆମ ରାଜ୍ୟର ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡିର ବାସିନ୍ଦା କେ. କ୍ରିଷ୍ଣା କୁମାରୀଙ୍କୁ ପ୍ରାୟ ଅନେକେ ଜାଣନ୍ତି। ଅଙ୍ଗନୱାଡି କର୍ମୀ ଭାବରେ ସେ ନିଜ ଚାକିରି ଜୀବନ ଆରମ୍ଭ କରିଥିଲେ। ଏଏନ୍‌ଏମ୍ ଟ୍ରେନିଂ ନେବା ପରେ ସ୍ୱାସ୍ଥ୍ୟ ସେବାରେ ନିଜକୁ ନିୟୋଜିତ ରଖିଥିଲେ। ପରେ ସମିତି ସଭ୍ୟା ଭାବରେ ନିର୍ବାଚିତ ହୋଇଥିଲେ। ହେଲେ ସ୍ୱାସ୍ଥ୍ୟକର୍ମୀ ଭାବରେ ପୁଣି ଥରେ ଚାକିରି ମିଳିବା ପରେ ସେ ଏବେ ସ୍ୱାସ୍ଥ୍ୟ ସେବା ଜାରି ରଖିଛନ୍ତି। ରାଷ୍ଟ୍ରପତିଙ୍କଠାରୁ ଶ୍ରେଷ୍ଠ ସ୍ୱାସ୍ଥ୍ୟସେବିକା ପୁରସ୍କାର ପାଇଥିବା ଏହି ମହିଳାଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ତେଜସ୍ୱିନୀ'। ଫିଲ୍ମଟି ଚଳିତ ମାସ ୨୬ରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସୁଶ୍ରୀ ରଥ। ଏହାର ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ପଲ୍ଲବୀ ଏବଂ ଜୟଲକ୍ଷ୍ମୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି କୁନାଲ ପଟ୍ଟନାୟକ। ଏହି ବାୟୋପିକ୍ ପ୍ରାୟ ୪୨ଟି ଦେଶ ଏବଂ କେତେକ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ତଥା ପୁରସ୍କୃତ ହୋଇସାରିଛି।

'ପୁଷ୍ପା ୨ : ଦ ରୁଲ୍'ରେ ଅଲ୍ଲୁ

ଅପେକ୍ଷା ଅଗଷ୍ଟକୁ

ଏବେଠାରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା ତେଲୁଗୁ ଫିଲ୍ମ 'ପୁଷ୍ପା–୨ : ଦ ରୁଲ୍' ଚଳିତବର୍ଷ ଅଗଷ୍ଟ ୧୫ରେ ରିଲିଜ ହେବାକୁ ଯାଉଛି। ଆଉ ସେହି ଶୁଭ ଦିନକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଅନ୍ୟତମ ଲୋକପ୍ରିୟ ଅଭିନେତା ଅଲ୍ଲୁ ଅର୍ଜୁନ। ଫିଲ୍ମଟିର କାହାଣୀରେ ଆକ୍ସନ–ଡ୍ରାମା ଭରି ରହିଛି। ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସୁକୁମାର। ଖାସ୍ କଥା ହେଲା, ଏହି ଫିଲ୍ମର କିଛି ଅଂଶ ମାଲକାନଗିରିରେ ଶୁଟିଂ କରାଯାଇଛି। ଏହାର କାହାଣୀକୁ ବୃତ୍ତାନ୍ତ ରୂପରେଖ ଦେବାକୁ ନିର୍ଦ୍ଦେଶକଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏହି ମଲ୍‌ଟି ଷ୍ଟାରର ଫିଲ୍ମଟିର ବଜେଟ୍ ରହିଛି ପାଖାପାଖି ୫୦୦କୋଟି। ଏହାର ବିତରଣ ଦାୟିତ୍ୱ ନେଇଛନ୍ତି ଏଏ ଫିଲ୍ମସ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ନବୀନ ୟାରେନି ଏବଂ ୟାଲା ମଞ୍ଜୁଲି ରବି ଶଙ୍କର। ଏଥିରେ ଅଲ୍ଲୁଙ୍କର ନାୟିକା ସାଜିଛନ୍ତି ରଶ୍ମିକା ମନ୍ଦାନା। ଏମାନଙ୍କ ବ୍ୟତୀତ ସାଇ ପଲ୍ଲବୀ, ପ୍ରକାଶ ରାଜ, ଦୟାନନ୍ଦ ରେଡ୍ଡୀ, ଫହାଦ ଫାସିଲ୍, ଅଜୟ ଘୋଷ ଏବଂ ଅନସୂୟା ଭରଦ୍ୱାଜ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

ବରଫି

ନୂଆ ମ୍ୟୁଜିକ ଆଲବମ୍ 'ବରଫି' ନିକଟରେ ରିଲିଜ ହୋଇଛି ଏବଂ ଏହାର ଗୀତ ତଥା ଭିଜୁଆଲ ବେଶ୍ ଦର୍ଶକାଦୃତ ହୋଇପାରିଛି। ହିମାଳୟର ପାଦଦେଶ ଏବଂ ମନାଲିରେ ଏହାର ଶୁଟିଂ କରାଯାଇଛି। ଏପରିକି ଟାଇଟଲକୁ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ହାପି ଚନ୍ଦନ। ଏହାର ଏକମାତ୍ର ଗୀତ– 'ତୁ ଝିଅଟେ ନା ବରଫି, ମନ ଭାବି ହେଉଛି..' ପାଇଁ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା ଏବଂ ସୌରଭ ଭରଦ୍ୱାଜ। ଉକ୍ତ ଆଲବମ୍ ବିଷୟରେ ପ୍ରଯୋଜକ କହନ୍ତି, 'ଏହି

ରାକେଶ–ମୋନିକା

ଶତ ପ୍ରତିଶତ ଜଷ୍ଟିସ ଦେବା ପାଇଁ ହିମାଳୟରେ ମାଇନସ ଡିଗ୍ରୀ ତାପମାତ୍ରାରେ ଏହାର ଶୁଟିଂ ହୋଇଥିଲା। ଦକ୍ଷିଣ ଭାରତୀୟ ସିନେମାର ନାୟିକା ମୋନିକା ସମଦର ଏବଂ ଓଡିଆ ଅଭିନେତା ରାକେଶ କୁମାର ପାଢୀଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। ଏହି ମ୍ୟୁଜିକ ଭିଡିଓର ପ୍ରଯୋଜନା କରିଛନ୍ତି ଜ୍ଞାନ ରଞ୍ଜନ ବେହେରା ଆଲବମଟିକୁ ପ୍ରଥମରୁ ଦର୍ଶକ ଗ୍ରହଣ କରିଛନ୍ତି। ଗୀତଟିର ଭିଜୁଆଲ କିପରି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇପାରିବ ସେ ନେଇ ଶୁଟିଂ ସମୟରେ ଯଥା ସମ୍ଭବ ଚେଷ୍ଟା କରାଯାଇଥିଲା। ପ୍ରତିବର୍ଷ ଏଭଳି ଭଲ ଭଲ ଆଲବମ୍ ନିର୍ମାଣ କରିବାକୁ ଯୋଜନା ରହିଛି। ଏହାର ନିର୍ମାଣ ଲାଗି ସସ୍ମିତା ପଣ୍ଡା, ମିଥୁନ ଓ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ବିଶେଷ ଧନ୍ୟବାଦ ଜଣାଉଛି।'

ଅଭିନେତାରୁ ରାଜନେତା

ପ୍ରଶାନ୍ତ ନନ୍ଦ

ସିଦ୍ଧାନ୍ତ ମହାପାତ୍ର

ଅନୁଭବ ମହାନ୍ତି

ଆକାଶ ଦାସନାୟକ

ଅଭିନୟ ହେଉଛି ସେମାନଙ୍କର ପେସା। ହେଲେ ରାଜନୀତିରେ ପାଦ ଦେଇ ଜନସାଧାରଣଙ୍କ ସେବା କରିବାକୁ କେବଳ ଏବେ ନୁହେଁ ବହୁ ପୂର୍ବରୁ ମଧ୍ୟ କଳାକାର ସାମିଲ ହେବାର ନଜିର ରହିଛି। ଜନସେବାର ଅନ୍ୟତମ ପ୍ରମୁଖ ମାଧ୍ୟମ ହେଲା ରାଜନୀତି। ତେଣୁ ଭୋଟରଙ୍କର ଆସ୍ଥାଭାଜନ ହୋଇ ସକ୍ରିୟ ରାଜନୀତିରେ ସାମିଲ ହୋଇଛନ୍ତି ଓଡ଼ିଆ ସିନେମା ଜଗତର କେତେ ଜଣ ବ୍ୟକ୍ତିବିଶେଷ। ଅତୀତରେ ଅନେକ ଅଭିନେତା, ସଙ୍ଗୀତ ନିର୍ଦ୍ଦେଶକ ଓ ଅଭିନେତ୍ରୀ ରାଜନୀତିରେ ପାଦ ରଖି ପରାଜୟ ସ୍ୱୀକାର କରିଛନ୍ତି। ତନ୍ମଧ୍ୟରେ ପ୍ରଯୋଜକ ଧୀର ବିଶ୍ୱାଳ, ବିଶିଷ୍ଟ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଅଭିନେତ୍ରୀ ଅନିତା ଦାସ ପ୍ରମୁଖ। ଏହି ବ୍ୟକ୍ତିବିଶେଷଙ୍କ ତାଲିକାରେ ଅଛନ୍ତି ଓଡ଼ିଆ ଚିତ୍ର ଜଗତର ବରିଷ୍ଠ ତଥା ଲୋକପ୍ରିୟ ଅଭିନେତା–ପ୍ରଯୋଜକ ତଥା ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ। ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ସେ ମନ୍ତ୍ରୀ ମଧ୍ୟ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟ ସଭା ସଦସ୍ୟ ଭାବରେ ମଧ୍ୟ ନିଜର କାର୍ଯ୍ୟ ତୁଲାଇ ସାରିଛନ୍ତି। ଅନ୍ୟପକ୍ଷରେ ରାଜନୀତିରେ ପାଦ ଦେଇଥିଲେ ଓଡ଼ିଆ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ର। ସେ ଦୁଇ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏଥର ସେ ବିଧାନସଭା ଆସନ ପାଇଁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅଭିନେତା ମୁନା ଖାଁ ପ୍ରଥମେ ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିଲେ। ପରେ ସେ ରାଜ୍ୟ ସଭା ସଦସ୍ୟ ଭାବରେ ଜିତିଥିଲେ। ଅନ୍ୟପକ୍ଷରେ ଅନୁଭବ ମହାନ୍ତି ପ୍ରଥମେ ରାଜ୍ୟ ସଭା ସଦସ୍ୟ ଭାବରେ ବିଜୟ ଲାଭ କରିଥିଲେ। ତା'ପରେ ସେ ଲୋକ ସଭା ନିର୍ବାଚନକୁ ଓହ୍ଲାଇ ମଧ୍ୟ ସେଥିରେ ଜିତିଥିଲେ।

ଓଡ଼ିଆ ସିନେମା 'କଳିଙ୍ଗ ପୁତ୍ର'ରୁ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ ଆକାଶ ଦାସନାୟକ। ବେଶ୍ କିଛି ବର୍ଷ ଅଭିନୟ ସହ ଜଡିତ ରହିବା ପରେ ସେ ରାଜନୀତି ପାଇଁ ମନ ବଳାଇଥିଲେ। କେବଳ ସେତିକି ନୁହେଁ, ବିଧାନସଭା ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରି ଜିତିଥିଲେ। ଏଥର ସେ ପୁଣି ଥରେ ବିଧାନସଭା ପ୍ରାର୍ଥୀ ହୋଇଛନ୍ତି।

ରାଜନୀତି ମାଧ୍ୟମରେ ଜନସେବା କରିବାକୁ ଓଡ଼ିଆ ସିନେ ଷ୍ଟାରଙ୍କ ତାଲିକା ବେଶ୍ ଲମ୍ବା। ନିଜ ମନ ପସନ୍ଦର ଦଳର ନୀତି ଆଦର୍ଶରେ ପ୍ରଭାବିତ ହୋଇ ରାଜନୀତି ମଇଦାନକୁ ଓହ୍ଲାଇଥିଲେ ହାସ୍ୟାଭିନେତା ପପୁ ପମପମ। କିନ୍ତୁ ପ୍ରଥମ ନିର୍ବାଚନରେ ହିଁ ତାଙ୍କୁ ପରାଜୟର ମୁହଁ ଦେଖିବାକୁ ପଡିଥିଲା। କେବଳ ଅଭିନେତା ନୁହନ୍ତି, ଅଭିନେତ୍ରୀମାନେ ମଧ୍ୟ ଏହି ଦୌଡରୁ ବାଦ୍ ପଡି ନ ଥିଲେ। ବିଶିଷ୍ଟ ଅଭିନେତ୍ରୀ ଅପରାଜିତା ମହାନ୍ତି ଥରେ ଲୋକ ସଭା ପାଇଁ ଏବଂ ପରେ ବିଧାନସଭା ପାଇଁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ।

ଆଉ କେତେଜଣ କଳାକାର ନିର୍ବାଚନ ଲଢ଼ି ନ ଥିଲେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ରାଜନୈତିକ ପାର୍ଟିର ପ୍ରଚାର ପ୍ରସାରରେ ନିଜକୁ ଜଡିତ ରଖିଛନ୍ତି। କିଛି ବର୍ଷ ପୂର୍ବରୁ ଅନ୍ୟତମ ଲୋକପ୍ରିୟ ଅଭିନେତା ଅରିନ୍ଦମ ମଧ୍ୟ ରାଜନୀତିରେ ନିଜକୁ ସାମିଲ କରିସାରିଛନ୍ତି।

କେବଳ ଓଡ଼ିଆ ସିନେମା ଜଗତ ନୁହେଁ, ବଲିଉଡ୍‌ରେ ଏହି ତାଲିକା ମଧ୍ୟ ବେଶ ଲମ୍ବା। ସୁନୀଲ ଦତ୍ତ, ଅମିତାଭ ବଚ୍ଚନ, ହେମା ମାଳିନୀ, ଶତ୍ରୁଘ୍ନ ସିହ୍ନା, କିରନ୍ ଖେର, ଅରୁଣ ଗୋଭିଲ, ସନ୍ନି ଦେଓଲ ପ୍ରମୁଖ କଳାକାର ନିର୍ବାଚନ ମଇଦାନକୁ ଓହ୍ଲାଇ ସାରିଛନ୍ତି।

ଯେ କୌଣସି କ୍ଷେତ୍ରରେ ସଫଳତା–ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେବେ ଅଭିନେତାରୁ ରାଜନେତା ସାଜି କଳାକାରମାନେ ନିଜ କ୍ୟାରିୟରକୁ କିପରି ଆଗେଇ ନେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

–ଦିଲୀପ ହାଲି, ବଡଗଡ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଟିପ୍ସ ବାଣ୍ଟୁଛନ୍ତି ସୋନମ

ସୋନମ କପୁର ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। କଥା କ'ଣ କି ନିକଟରେ ତାଙ୍କର କେତେଜଣ ସାଙ୍ଗଙ୍କ ସହ ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ ନେଇ କିଛି କହିବାକୁ ଭୁଲି ନ ଥିଲେ ସୋନମ। ଏ ନେଇ ସେ କହନ୍ତି, 'ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ମଧ୍ୟ ଭୂମିକା ରହିଛି। ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ସବୁଠାରୁ ବଡ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଆସୁଛି। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହିଥାଏ।'

ସ୍ପେଶାଲ ଗିଫ୍ଟ

ଅନନ୍ୟା

ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ଚର୍ଚ୍ଚା। କଥା କ'ଣ କି ନିକଟରେ ସେ ନିଜ ଅନ୍ତରଙ୍ଗ ବାନ୍ଧବୀ ଶ୍ରଦ୍ଧା କପୁରଙ୍କୁ ଏକ ଗିଫ୍ଟ ଦେଇଥିଲେ। ତାହା ପୁଣି କ'ଣ ଥିଲା ଜାଣନ୍ତି ? ଏକ ଡାଇମଣ୍ଡ ନେକଲେସ୍। ଏ ନେଇ ଅନନ୍ୟା କହନ୍ତି, 'ଶ୍ରଦ୍ଧା ସହ ମୋର ବନ୍ଧୁତା ବେଶ୍ ପୁରୁଣା। ଥରେ ମୁଁ ତାଙ୍କୁ ସରପ୍ରାଇଜ ଦେବାକୁ ଚାହିଁଥିଲି। ତେଣୁ କାହାକୁ କିଛି ନ ଜଣାଇ ତାଙ୍କ ଘରେ ପହଞ୍ଚିଗଲି। ସେ ମଧ୍ୟ ମୋତେ ହଠାତ୍ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। କିଛି ସମୟ କଥାବର୍ତ୍ତା ଆଉ କଫି ପର୍ବ ଶେଷ ପରେ ତାଙ୍କ ହାତକୁ ମୁଁ ଏକ ପ୍ୟାକେଟ ବଢ଼ାଇ ଦେଇଥିଲି। ସେ ଏହାର କାରଣ ମଧ୍ୟ ପଚାରିଥିଲେ। ଆଉ ଉତ୍ତରରେ ମୁଁ କହିଥିଲି ଯେ, ଜଷ୍ଟ ଏମିତି ଏକ ଛୋଟ ଗିଫ୍ଟ। ସେପଟେ ଏହା କ'ଣ ବୋଲି ଜାଣିବାକୁ ସେ ଉତ୍ସୁକ ହୋଇପଡିଥିଲେ। ବିଳମ୍ବ ନ କରି ଯେତେବେଳେ ସେ ପ୍ୟାକେଟଟିକୁ ଖୋଲି ଦେଖିବା ପରେ ସେ ଖୁସିରେ ଉଛୁଳି ଉଠିଥିଲେ। କାରଣ ତାହା ଥିଲା ଏକ ଡାଇମଣ୍ଡ ନେକଲେସ୍।' ଆଉ ଏବେ ଶ୍ରଦ୍ଧା ଯୁଆଡେ ଯାଉଛନ୍ତି ଅନନ୍ୟାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି।

ନିର୍ଣ୍ଣୟ

ଶ୍ରଦ୍ଧା ସବୁରୀ ପ୍ରଡକ୍ସନ ବ୍ୟାନରରେ ପ୍ରଥମ ଥର ପାଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ନିର୍ଣ୍ଣୟ'। ସାମ୍ପ୍ରତିକ ବିଷୟବସ୍ତୁକୁ ଆଧାର କରି ଏହାର କାହାଣୀ ଗତିଶୀଳ। ଜୀବନର ଚଲାପଥ ବେଶ୍ କଣ୍ଟକିତ। ଏହି ରାସ୍ତାରେ ଚାଲିବା ସମୟରେ ଅନେକ ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। କିନ୍ତୁ ନିଜ ଜୀବନକୁ ଆଗକୁ ଆଗେଇ ନେଉଥିବା ବେଳେ ସେମାନେ ହଠାତ୍ ସମାଜ ଆଖିରେ ଦୋଷୀ ହୋଇଯାଇଛନ୍ତି। ତେବେ କ'ଣ ପାଇଁ ? ସେପଟେ ନିଜ ପ୍ରେମକୁ ସଫଳ କରାଇବାକୁ ପ୍ରେମୀଯୁଗଳ ଚାହାନ୍ତି। ହେଲେ ସେମାନେ କ'ଣ ସହଜରେ ନିଜ ଲକ୍ଷ୍ୟ ହାସଲ କରିପାରନ୍ତି ? ଏଭଳି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ରହିଛି ଉକ୍ତ ସିନେମାର କାହାଣୀରେ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଟିକି ପଟ୍ଟନାୟକ। ଶୁଭଶ୍ରୀ ଶୁଭଶ୍ମିତା ମିଶ୍ରଙ୍କ କାହାଣୀକୁ ଆଧାରକରି ସଂଳାପ ରଚନା କରିଛନ୍ତି ସୁମିତ୍ ପଣ୍ଡା। ସ୍ଥିତ ପଟ୍ଟନାୟକ ଏବଂ ସୁମିତ ପଣ୍ଡାଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ସୋମେଶ ଶତପଥୀ ଏବଂ ଗୌରବ ଆନନ୍ଦ। କଣ୍ଠଦାନ କରିଛନ୍ତି ସଞ୍ଚିତା ଶୁଭଦର୍ଶିନୀ, ଆଶିଷ ପ୍ରଧାନ, ଅନୁରାଧା ପାଣିଗ୍ରାହୀ ଏବଂ ଗୌରବ ଆନନ୍ଦ।

ରାଜେନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ସୂର୍ଯ୍ୟମୟୀ ମହାପାତ୍ର, ନୈନା ଦାଶ, ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ, ସୁକାନ୍ତ ରଥ, ପ୍ରୀତିରାଜ ଶତପଥୀ, ଚୌଧୁରୀ ଜୟପ୍ରକାଶ ଦାସ, ଭାସ୍ୱତୀ ବସୁ, ପୂର୍ଣ୍ଣିମା ଦାସଗୁପ୍ତା (ମୁସ୍କାନ), ଟିକି ପଟ୍ଟନାୟକ, ଜଗବନ୍ଧୁ ପଣ୍ଡା ଏବଂ ସାଇଭୀର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ମାସ ୨୬ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

କ'ଣ ଖାଇବାକୁ ଭଲ ପାଆନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ନିଜ ଡାଏଟ୍ ପ୍ରତି ବେଶ୍ ସଚେତନ। ସେ ନିଜ ଫିଗର ପ୍ରତି ସବୁବେଳେ ସିରିୟସ ରହିଥାଆନ୍ତି। ଫଳରେ ଏବେ ମଧ୍ୟ ସେ ନିଜକୁ ସ୍ଲିମ୍ ଟ୍ରିମ୍ ରଖିବାରେ ସକ୍ଷମ ହୋଇଛନ୍ତି। ହେଲେ ଜାଣନ୍ତି, ସେ ସବୁଠାରୁ ବେଶି କ'ଣ ଖାଇବାକୁ ଭଲ ପାଆନ୍ତି ? ପିଜା। କେବଳ ପିଜା ନୁହେଁ, ସପ୍ତାହକୁ ଥରେ–ଦୁଇଥର ଜଙ୍କ୍ ଫୁଡ୍ ନ ଖାଇଲେ ତାଙ୍କୁ ଭଲ ଲାଗେନା। ନିଜର ପ୍ରିୟ ଖାଦ୍ୟ ବିଷୟରେ ସେ କହନ୍ତି, 'ମୋତେ ପିଜା ଖାଇବାକୁ ଖୁବ୍ ଭଲ ଲାଗେ। ତା'ସହ ପ୍ରାୟ ସପ୍ତାହକୁ ଥରେ କିମ୍ବା ଦୁଇ ଥର ଜଙ୍କ୍ ଫୁଡ୍ ଖାଏ। ହେଲେ ସବୁ ଖାଦ୍ୟ ମୋର ସୀମା ଭିତରେ ଥାଏ। ଏହାର କୌଣସି ପ୍ରତିକୂଳ ପ୍ରଭାବ ଯେମିତି ମୋ ସ୍ୱାସ୍ଥ୍ୟ ଉପରେ ନ ପଡେ ସେ ନେଇ ସଚେତନ ରହେ। ଆଉ ଗୋଟିଏ ଖାଦ୍ୟ ମୋର ଭାରି ପ୍ରିୟ। ତାହା ହେଉଛି ଖେଚୁଡି ଆଉ ଆଚାର।'

ପ୍ରିୟଙ୍କା ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ 'ଥାମ୍ପିଜାନ୍' ନାମକ ଏକ ତାମିଲ ଫିଲ୍ମରେ ଅଭିନୟ କରିଥିଲେ। ଏଥିରେ ତାଙ୍କ ଅପୋଜିଟ୍‌ରେ ଥିଲେ ବିଜୟ। ହିନ୍ଦୀ ସିନେମା 'ହୀରୋ : ଲଭ୍ ଷ୍ଟୋରି ଅଫ ଏ ସ୍ପାଏ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଅଭିନୟ ଜଗତରେ ଏଣ୍ଟ୍ରି କରିବା ପୂର୍ବରୁ ସେ ମିସ୍ ୱାର୍ଲ୍ଡ ବିଜୟିନୀ ହୋଇଥିଲେ। ଆଉ ସେତେବେଳେ ତାଙ୍କର ବୟସ ଥିଲା ମାତ୍ର ୧୮। ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ତାଙ୍କର ଆଉ ଏକ ଆଶା ଥିଲା। ପାଠପଢ଼ା ଶେଷ ପରେ ସେ ଜଣେ ଇଞ୍ଜିନିୟର କିମ୍ବା କ୍ରିମିନାଲ ସାଇକୋଲୋଜିଷ୍ଟ ଚାହିଁଥିଲେ, ହେଲେ ତାହା ସଫଳ ହୋଇପାରି ନ ଥିଲା।

ପ୍ରିୟଙ୍କା

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୮/୨୦୨୪ Bhubaneswar, Thursday, April 18/ 2024

ନୂଆ ଖେଳାଳିଙ୍କୁ ମିଳି ନ ପାରେ ସୁଯୋଗ

ଟି୨୦ ବିଶ୍ୱକପ୍ ଦଳ ଚୟନ

ନୂଆଦିଲ୍ଲୀ,୧୭।୪(ପି.ଟି.)

ଟି୨୦ କ୍ରିକେଟ ବିଶ୍ୱକପ୍‌କୁ ଆଉ ଦେଢ ମାସରୁ କମ୍ ସମୟ ରହିଛି। ମେ' ୧ ତାରିଖ ସୁଦ୍ଧା ୧୫ ଜଣିଆ ବୃତ୍ତାନ୍ତ ଦଳ ଘୋଷଣା ହେବ। ଏହା ପୂର୍ବରୁ ଭାରତୀୟ ଦଳ ଘୋଷଣାକୁ ନେଇ ଏକ ବଡ ଖବର ସାମ୍ନାକୁ ଆସିଛି। ଭାରତୀୟ ଦଳରେ କୌଣସି ନୂତନ ଖେଳାଳିଙ୍କୁ ନେଇ ପରୀକ୍ଷାନିରୀକ୍ଷା କରାଯିବ ନାହିଁ। ଅତୀତରେ ଯେଉଁ ଖେଳାଳିମାନେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ତଥା ଟି୨୦ ଫର୍ମାଟରେ ଉନ୍ନତ ପ୍ରଦର୍ଶନ କରିଛନ୍ତି କେବଳ ସେହି ଖେଳାଳିଙ୍କୁ ହିଁ ଚୟନ କରାଯିବ ବୋଲି ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ ପକ୍ଷରୁ ସୂଚନା ମିଳିଛି। ବିସିସିଆଇ ସୂତ୍ରରୁ ମଧ୍ୟ ସମାନ ସୂଚନା ମିଳିଛି। ଜାତୀୟ ଦଳ ପାଇଁ ଟି୨୦ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ତଥା ଆଇପିଏଲ୍‌ରେ ଭଲ ପ୍ରଦର୍ଶନ ଆଧାରରେ ହିଁ ବିଶ୍ୱକପ ଦଳ ଘୋଷଣା କରାଯିବ ବୋଲି ଜଣାପଡିଛି। ତେବେ ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇ କିଛି ଖେଳାଳିଙ୍କୁ ସଂଘର୍ଷ କରିବାକୁ ପଡିବ। ଓପନିଂରେ ଗୋଟିଏ ସ୍ଲଟ ଖାଲିଥିବା ବେଳେ ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ସେହିପରି ମଧ୍ୟକ୍ରମ ତଥା ଫିନିଶର ରୋଲ୍ ପାଇଁ ରିଙ୍କୁ ସିଂ ଓ ଶିବମ ଦୁବେଙ୍କ ମଧ୍ୟରେ ଅନ୍ତିମ ୧୫ରେ ସାମିଲ ହେବାକୁ ସଂଘର୍ଷ କରିବାକୁ ପଡିବ। ସେହିପରି ଦ୍ୱିତୀୟ ଉଇକେଟକିପର ରେସ୍‌ରେ ମଧ୍ୟ ଏକାଧିକ ଖେଳାଳି ରହିଛନ୍ତି। ପନ୍ତଙ୍କ ସ୍ଥାନ ଆପାତତଃ ଫାଇନାଲ ରହିଥିବା ବେଳେ ସଞ୍ଜୁ ସାମସନ୍, ଜିତେଶ ଶର୍ମା, ଲୋକେଶ ରାହୁଲ ଓ ଇଶାନ କିଶନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ରାହୁଲ ଓ ଇଶାନ ଓପନର ଭାବେ ବ୍ୟାଟିଂ କରୁଥିବାରୁ ମଧ୍ୟକ୍ରମ ତଥା ନିମ୍ନ ମଧ୍ୟକ୍ରମରେ ସେମାନେ କେତେ ଉପଯୋଗୀ ହେବେ ତାହା ଅନୁମାନ କରିବା କଷ୍ଟସାଧ୍ୟ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବୋଲିଂ ଫିଟ୍‌ନେସକୁ ନେଇ ସାମାନ୍ୟ ଆଶଙ୍କା ରହିଥିଲେ ମଧ୍ୟ ସେ ପ୍ରଥମ ପସନ୍ଦର ଅଲରାଉଣ୍ଡର ଭାବରେ ଦଳରେ ରହିବା ସ୍ୱଷ୍ଟ ହୋଇଛି। ସମାନ ଭାବରେ ଚମତ୍କାର ଫର୍ମରେ ଥିବା ବିରାଟ କୋହଲିଙ୍କ ଚୟନ ମଧ୍ୟ ଆପାତତଃ ସ୍ୱଷ୍ଟ। ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ରିଷଭ ପନ୍ତ, ଅର୍ଶଦୀପ ସିଂ, ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ୧୫ ଜଣଙ୍କ ମଧ୍ୟରେ ସିଧାସଳଖ ସୁଯୋଗ ପାଇପାରିବେ। ଟପ୍ ଅର୍ଡରରେ ଜୟସ୍ୱାଲ ଏକମାତ୍ର ବାମହାତୀ ବ୍ୟାଟର ଥିବାରୁ ତାଙ୍କୁ ବାଦ୍ ଦେବା କଷ୍ଟସାଧ୍ୟ ନିଷ୍ପତ୍ତି ରହିପାରେ। ୱାର୍କଲୋଡ ମ୍ୟାନେଜମେଣ୍ଟ ପାଇଁ ଆର୍‌ସିବି ପକ୍ଷରୁ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଥିବା କୁହାଯାଉଛି। ସ୍ପିନରଙ୍କ ମଧ୍ୟରେ ଅକ୍ଷର ପଟେଲ ଓ ଯୁଜବେନ୍ଦ୍ର ଚହଲଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିବ। ବର୍ତ୍ତମାନର ଫର୍ମକୁ ଦେଖିଲେ ଚହଲ ଏହି ରେସ୍‌ରେ ଆଗୁଆ ରହିଛନ୍ତି।

ଶୁବମାନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲ।

କ୍ଷତି କରୁଛି ଇମ୍ପାକ୍ଟ ରୁଲ

ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ନିୟମ କାରଣରୁ ଆଇପିଏଲ୍‌ରେ ବର୍ତ୍ତମାନ ୧୨ ଜଣିଆ ଦଳ ଖେଳୁଛନ୍ତି। ଏହା ଆଇପିଏଲ ଭ୍ୟୁୟରଶିପ୍ ପାଇଁ ବଢିଆ ଅନୁଭବ ହୋଇଥିଲେ ମଧ୍ୟ ଏହା ଭାରତୀୟ ଦଳର ଚୟନ ପ୍ରକ୍ରିୟାକୁ କ୍ଷତି ପହଞ୍ଚାଉଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଅଲରାଉଣ୍ଡରଙ୍କୁ ବୋଲିଂର ଆବଶ୍ୟକତା ପଡୁନାହିଁ। ଶିବମ ଦୁବେଙ୍କୁ ଚେନ୍ନାଇ କେବଳ ଇମ୍ପାକ୍ଟ ବ୍ୟାଟର ଭାବରେ ବ୍ୟବହାର କରୁଛି। ରାହୁଲ ଟେୱାଟିଆ, ଶାର୍ଦ୍ଦୂଳ ଠାକୁର ଓ ଦୀପକ ଚହରଙ୍କ ପରି ଖେଳାଳିଙ୍କୁ କେବଳ ବ୍ୟାଟିଂ ଅଥବା ବୋଲିଂ ଦକ୍ଷତା ପ୍ରଦର୍ଶନର ସୁଯୋଗ ମିଳୁଛି।

ମୟଙ୍କ, ହର୍ଷିତ ଓ ଆକାଶଙ୍କୁ ସୁଯୋଗ

ଚଳିତ ଆଇପିଏଲ୍‌ରେ ଏକାଧିକ ଭାରତୀୟ ଖେଳାଳି ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ରିୟାନ ପରାଗ, ମୟଙ୍କ ଯାଦବ, ଅଭିଷେକ ଶର୍ମା ଓ ହର୍ଷିତ ରାଣା ଭଲ ପ୍ରଦର୍ଶନ କରିଛନ୍ତି। ତେବେ ବିଶ୍ୱକପ୍ ଚୟନ ପାଇଁ ଏହି ଖେଳାଳିଙ୍କ ନାମ ବିଚାରକୁ ନିଆଯିବ ନାହିଁ। ଜିମ୍ବାୱେ ଓ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଏହି ଖେଳାଳିମାନଙ୍କୁ ସୁଯୋଗ ମିଳିବ। ସେହିପରି ମୟଙ୍କ ଯାଦବ,ହର୍ଷିତ ରାଣା ଓ ଆକାଶ ମଧ୍ୟୱାଲଙ୍କୁ ନେଟ୍ ବୋଲର ଭାବରେ ବିଶ୍ୱକପ୍ ଦଳ ସହ ଯିବାକୁ ସୁଯୋଗ ମିଳିବ।

ସମ୍ଭାବ୍ୟ ଦଳ

ବ୍ୟାଟର: ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଙ୍କୁ ସିଂ।

ଅଲରାଉଣ୍ଡର: ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶିବମ ଦୁବେ, ଅକ୍ଷର ପଟେଲ।

ସ୍ପିନର: କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରବି ବିଷ୍ଣୋଇ।

ଉଇକେଟ କିପର– ରିଷଭ ପନ୍ତ, ଲୋକେଶ ରାହୁଲ, ସଞ୍ଜୁ ସାମସନ।

ପେସର: ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ଆଭେଶ ଖାନ୍।

କ୍ୟାପିଟାଲ୍ସର ସହଜ ବିଜୟ

ଅହମଦାବାଦ,୧୭।୪(ପି.ଟି.)

ଆଇପିଏଲରେ ଗୁଜରାଟ ଟାଇଟନ୍ସକୁ ୬ ଉଇକେଟରେ ହରାଇ ତୃତୀୟ ବିଜୟ ହାସଲ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି ଟାଇଟନ୍ସ ୧୭.୩ ଓଭରରେ ୮୯ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୮.୫ ଓଭରରେ ୪ ଉଇକେଟ ହରାଇ ଜିତି ନେଇଥିଲା।

ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ଭେଟେରାନ୍ ଇଶାନ୍ତ ଶର୍ମା, ମୁକେଶ କୁମାର ଓ ଖଲିଲ ଅହମଦ ଚମତ୍କାର ବୋଲିଂ କରି ଟାଇଟନ୍ସର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପେସର ମାନେ ୬ ଉଇକେଟ ନେଇଥିଲେ।

ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

ପଞ୍ଜାବ ବନାମ ମୁମ୍ବାଇ

ସ୍ଥାନ: ଚଣ୍ଡିଗଢ଼

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅଧିନାୟକ ଶୁବମନ ଗିଲ୍ ୮, ରିଦ୍ଧିମାନ ସାହା ୨ ଓ ସାଇ ସୁଦର୍ଶନ ୧୨, ଡେଭିଡ୍ ମିଲର ୩ , ଅଭିନବ ମନୋହର ୬, ରାହୁଲ ଟେୱାଟିଆ ୧୦ ଓ ଶାହରୁଖ ଖାନ ୦ ବିଫଳ ହୋଇଥିଲେ। ୮ ନମ୍ବର ବ୍ୟାଟର ରଶିଦ୍ ଖାନ୍ ୩୧ ରନ୍ କରିବାରୁ ଦଳ ୮୯ ରନ୍‌ରେ ପହଞ୍ଚିଥିଲା। ରଶିଦ୍ ୨୪ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ମୁକେଶ କୁମାର ୩ ,ଇଶାନ୍ତ ଶର୍ମା, ଟ୍ରିଷ୍ଟାନ ଷ୍ଟବ୍ସ ୨ଟି ଲେଖାଏ ଉଇକେଟ ନେଇଥିଲେ। ୯୦ ରନ୍ ଲକ୍ଷ୍ୟରେ କ୍ୟାପିଟାଲ୍ସ ପକ୍ଷରୁ ଜେକ୍ ଫ୍ରେଜର ମ୍ୟାକଗ୍ରୁକ ଧୂଆଁଧାର ଆରମ୍ଭ କରିଥିଲେ। ସେ ୧୦ ବଲ୍ ଖେଳି ୨ଟି ଲେଖାଏ ଛକା ଓ ଚୌକା ସହ ୨୦ ରନ୍ କରିଥିଲେ। ଶାଇ ହୋପ୍ ୧୯, ଅଭିଷେକ ପୋରେଲ ୧୫ ଓ ରିଷଭ ପନ୍ତ ଅପରାଜିତ ୧୬ ରନ୍ କରି ଦିଲ୍ଲୀକୁ ବିଜୟୀ କରିଥିଲେ। ଗୁଜରାଟ ପକ୍ଷରୁ ସନ୍ଦୀପ ୱାରିୟର୨, ରଶିଦ୍ ଖାନ ଓ ସ୍ପେନ୍ସର ଜନ୍‌ସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟନ୍ସ ୧୭.୩ ଓଭରରେ ୮୯/୧୦(ରଶିଦ୍ ଖାନ୍–୩୧, ସାଇ ସୁଦର୍ଶନ–୧୨, ରାହୁଲ ଟେୱାଟିଆ–୧୦, ମୁକେଶ କୁମାର–୩/୧୪, ଇଶାନ୍ତ ଶର୍ମା–୨/୮, ଟ୍ରିଷ୍ଟାନ ଷ୍ଟବ୍ସ–୨/୧୧)। ଦିଲ୍ଲୀ କ୍ୟାପିଟାଲ୍ସ ୮.୫ ଓଭରରେ ୯୨/୪(ଜେକ୍‌ଫ୍ରେଜର ମ୍ୟାକଗ୍ରୁକ୍–୨୦, ଶାଇ ହୋପ୍–୧୯, ରିଷଭ ପନ୍ତ–୧୬*, ସନ୍ଦୀପ ୱାରିୟର–୨/୪୦, ରଶିଦ୍ ଖାନ୍–୧/୧୨, ସ୍ପେନ୍ସର ଜନ୍‌ସନ୍–୧/୨୨)।

ଉଇକେଟ ପାଇଁ ଅପିଲ କରୁଛନ୍ତି ଇଶାନ୍ତ ଶର୍ମା।

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନ ହାର
ରାଜସ୍ଥାନ ରୟାଲ୍ସ	୭	୬	୧	୧୨	+୦.୬୭୭
କୋଲକାତା ନାଇଟ ରାଇଡର୍ସ	୬	୪	୨	୮	+୧.୩୯୯
ଚେନ୍ନାଇ ସୁପର କିଙ୍ଗ୍ସ	୬	୪	୨	୮	+୦.୭୨୬
ସନ୍‌ରାଇଜର୍ସ ହାଇଦ୍ରାବାଦ	୫	୩	୨	୬	+୦.୩୪୪
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ	୬	୩	୩	୬	+୦.୦୩୮
ଦିଲ୍ଲୀ କ୍ୟାପିଟାଲ୍ସ	୭	୩	୪	୬	−୦.୦୭୪
ଗୁଜରାଟ ଟାଇଟନ୍ସ	୭	୩	୪	୬	−୧.୩୦୩
ପଞ୍ଜାବ କିଙ୍ଗ୍ସ	୬	୨	୪	୪	−୦.୨୧୮
ମୁମ୍ବାଇ ଇଣ୍ଡିଆନ୍ସ	୬	୨	୪	୪	−୦.୨୩୪
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ	୬	୧	୫	୨	−୧.୧୨୪

ଫାଇନାଲ ମ୍ୟାଚ୍ ଅବସରରେ ଶୀତଲ ଦେବୀ।

ସାଧାରଣ ବର୍ଗରେ ଶୀତଲଙ୍କୁ ରୌପ୍ୟ

ଖେଲୋ ଇଣ୍ଡିଆ ନ୍ୟାଶନାଲ ମିଟ୍

ନୂଆଦିଲ୍ଲୀ,୧୭।୪(ପି.ଟି.)

ଏସିଆନ୍ ପାରା ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଆର୍ଚର ଶୀତଲ ଦେବୀ ଏକ ନିଆରା କୃତିତ୍ୱ ନିଜ ନାମରେ କରିଛନ୍ତି। ଦିଲ୍ଲୀର ଡିଡିଏ ଯମୁନା କମ୍ପ୍ଲେକ୍ସରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଏନ୍‌ଟିପିସି ନ୍ୟାଶନାଲ ର୍ୟାଙ୍କିଙ୍ଗ ଆର୍ଚେରୀ ମିଟରେ ହରିୟାଣାର ଏକତା ରାଣୀଙ୍କ ପଛକୁ ରହି ରୌପ୍ୟ ପଦକ ହାସଲ କରିଛନ୍ତି। ତେବେ ଜଣେ ପାରା ଆଥଲେଟ ହୋଇଥିଲେ ମଧ୍ୟ ସାଧାରଣ ଆଥଲେଟଙ୍କ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଶୀତଲ। ୧୭ ବର୍ଷୀୟା ଶୀତଲ ଫାଇନାଲରେ ଏକତାଙ୍କ ନିକଟରୁ ୧୩୮–୧୪୦ ପଏଣ୍ଟରେ ପରାଜିତ ହୋଇଥିଲେ। ହାଙ୍ଗଝୋ ପାରା ଏସିଆନ ଗେମ୍ସରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଥିବା ଶୀତଲଙ୍କୁ ଚଳିତ ବର୍ଷ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଶୀତଲ ଫୋକୋମେଲିଆ ନାମକ ଏକ ରୋଗରେ ଆକ୍ରାନ୍ତ। ତାଙ୍କର ଦୁଇ ହାତ ନ ଥିବା ବେଳେ ଶରୀର ଓ ପାଦର ବ୍ୟବହାରରେ ସେ ଆର୍ଚେରି କରିଥାନ୍ତି। ଜାତୀୟ ଚାମ୍ପିୟନଶିପ୍‌ରେ ସାଧାରଣ ଖେଳାଳିଙ୍କ ସହ ପ୍ରଦର୍ଶନ ପରେ ଏହାକୁ ନେଇ ଉତ୍ସାହିତ ଥିବା କହିଛନ୍ତି ଶୀତଲ ଦେବୀ। ଜାତୀୟ ଚାମ୍ପିୟନଶିପ୍‌ରେ ସଫଳତା ମୋତେ ଆଗକୁ ବଢିବାରେ ସାହାଯ୍ୟ କରିବ ବୋଲି ମୋର ବିଶ୍ୱାସ ରହିଛି। ଏପରିକି ଭବିଷ୍ୟତରେ ସାଧାରଣ ବର୍ଗରେ ଅଲିମ୍ପିକ୍ସରେ ସାମିଲ ହେବା ତାଙ୍କର ଲକ୍ଷ୍ୟ ଥିବା ସେ କହିଛନ୍ତି । ଏପରିକି ଶୀତଲଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି ଫାଇନାଲରେ ବିଜୟୀ ହୋଇଥିବା ଏକତା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ